ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, December 2/2025 | Page 14 | ₹ 7.00
୫୨ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 9 | ମୂଲ୍ୟ ₹୭/-



**ହରେନ୍ଦ୍ର ସିଂଙ୍କ ଇସ୍ତଫା**

ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି ହରେନ୍ଦ୍ର ସିଂ।

୧୪ ୦୨

**ପୁଣି ବିବାହ କଲେ ସାମନ୍ଥା**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସୋମବାର ଦି ଫ୍ୟାମିଲି ମ୍ୟାନ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ବିବାହ କରିଛନ୍ତି।



# ୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

**ଭୁବନେଶ୍ୱର,୧।୧୨(ତପନ ସ୍ୱାଇଁ)**

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ବିଶ୍ୱକପ ଦଳରେ ସାମିଲ ଥିବା ଓଡ଼ିଶାର ୪ ଖେଳାଳି ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ବିଶ୍ୱ ଚାମ୍ପିୟନ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇବା ସହ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଖେଳାଳିଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଯେ "ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଖେଳରେ ଉତ୍କର୍ଷ ପ୍ରଦର୍ଶନ କରି ଆପଣମାନେ ଦେଶ ☞ପୃଷ୍ଠା–୪




କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ୪ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଦେଶବ୍ୟାପୀ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ

## ଡିଜିଟାଲ ଆରେଷ୍ଟ ମାମଲା

**ନୂଆଦିଲ୍ଲୀ,୧।୧୨(ପି.ଟି.)**

ଡିଜିଟାଲ ଆରେଷ୍ଟ ଦୁର୍ନୀତି ମାମଲାଗୁଡ଼ିକର ଦେଶବ୍ୟାପୀ ଏକୀକୃତ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସାଇବର ଅପରାଧୀମାନେ ବ୍ୟବହାର କରୁଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଖୋଜି ବାହାର କରିବା ସହ ସେଗୁଡ଼ିକୁ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରୁନାହିଁ କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଦେଶରେ ଡିଜିଟାଲ ଆରେଷ୍ଟ ନାମରେ ସାଇବର ଅପରାଧ ବଢ଼ିଚାଲିଛି। ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ବା କୋର୍ଟ ଅଫିସର ଅଥବା ସରକାରୀ ଏଜେନ୍ସିର ଅଫିସର ପରିଚୟ ଦେଇ ଲୋକଙ୍କୁ ଅଡିଓ ଏବଂ ଭିଡିଓ କଲ୍ ଜରିଆରେ ଭୟଭୀତ କରାଇଥାନ୍ତି। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକପ୍ରକାର ପଣବନ୍ଦୀ କରି ରଖିବା ସହ ଟଙ୍କା ପୈଠ କରିବାକୁ ଚାପ ପକାଇଥାନ୍ତି। ବିରୋଧୀ ଦଳ ଶାସିତ ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲଙ୍ଗାନା ସମେତ ସମସ୍ତ ରାଜ୍ୟ ଡିଜିଟାଲ ଆରେଷ୍ଟ ମାମଲାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ସାଇବର ଅପରାଧ ମାମଲାରେ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଅଚଳ କରିବା ପାଇଁ ଏଆଇ କିମ୍ବା ମେଶିନ୍ ଲର୍ଣ୍ଣିଂ ପ୍ରଯୁକ୍ତି କାହିଁକି ବ୍ୟବହାର କରାଯାଉ ନାହିଁ, ତାହାର ଜବାବ ☞ପୃଷ୍ଠା–୪

# ବିଦା ହେଲେଣି ୪୯ ବାଂଲାଦେଶୀ: ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀର ଲାଲ୍‌କିଲା ବୋମା ବିସ୍ଫୋରଣ ଘଟଣା ପରେ ସାରା ଦେଶରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜୋରଦାର କରାଯାଇଛି। ଏହିକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଖୋଳତାଡ଼ ଚାଲିଛି। ସୋମବାର ବିଧାନସଭାରେ ବାଂଲାଦେଶୀ ଅନୁପ୍ରବେଶକାରୀ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆମ ସରକାର ଆସିବା (୧୨ ଜୁନ୍ ୨୦୨୪) ପରଠାରୁ ଇତିମଧ୍ୟରେ ୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୪୯ଜଣଙ୍କୁ ଦେଶାନ୍ତର କରାଯାଇଛି। ଆଉ ୫୦ ଜଣ ସନ୍ଦିଗ୍ଧଙ୍କ ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ରୁ ବିଭିନ୍ନ ସମୟରେ ବିଧାନସଭାରେ ତଥ୍ୟ ଉପସ୍ଥାପିତ ହୋଇଛି। ଏଥିସହ ଏହି ଜିଲାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳାଭାଷୀ ବସବାସ କରୁଛନ୍ତି। କିନ୍ତୁ ଗତ ଅଗଷ୍ଟ ମାସରୁ ଏଠାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଖୋଜା ପ୍ରକ୍ରିୟା ଚାଲିଥିବାବେଳେ ଜଣେ ହେଲେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ନ ପାରିବା ଉଦ୍‌ବେଗର ବିଷୟ ବୋଲି କୁହାଯାଉଛି।**

**ଭୁବନେଶ୍ୱର,୧।୧୨(ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମେ' ୨ରେ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଂଲାଦେଶୀ ଓ ଅନୁପ୍ରବେଶକାରୀଙ୍କୁ ବିଦା କରିବା ନେଇ ତତ୍ପରତା ଦେଖାଦେଇଛି। ସେମାନଙ୍କୁ କିଭଳି ଚିହ୍ନଟ କରାଯାଇ ଓଡ଼ିଶାରୁ ବିଦା କରାଯିବ ସେନେଇ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ରାଜ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯାଇଥିବାବେଳେ ଏବେ ବି ବହୁ ଅଞ୍ଚଳରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ ଓ ଭାଜପା ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୫୧ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଗଲାଣି। ସେଥିମଧ୍ୟରେ ଖୋର୍ଦ୍ଧା ସହରରୁ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟରୁ ଜଣେ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ଅନ୍ୟ ୨ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ ପାସ୍‌ପୋର୍ଟ କରି ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ, ଅଟକ ଏବଂ ଦେଶାନ୍ତର କରିବା ପାଇଁ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ଗଠନ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଏହି ଅବସରରେ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ବାଂଲାଦେଶୀଙ୍କୁ ଚିହ୍ନଟ ଓ ଅଟକ ରଖିବା ପାଇଁ ରାଜ୍ୟସ୍ତରରେ ୨ଟି ଏବଂ ଜିଲାସ୍ତରରେ ୧୮ ଗୋଟି କେନ୍ଦ୍ର ଖୋଲାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯିବା ପର୍ଯ୍ୟନ୍ତ ରଖାଯାଉଛି। ☞ପୃଷ୍ଠା–୪

## କେନ୍ଦ୍ରାପଡ଼ାରେ ଚିହ୍ନଟ ପ୍ରକ୍ରିୟା ବାଟବଣା

**କେନ୍ଦ୍ରାପଡ଼ା,୧।୧୨(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ ମସିହାରୁ ବିଧାନସଭାରେ ବାରମ୍ବାର ତଥ୍ୟ ଉପସ୍ଥାପନ କରାଯାଉଛି। ଅପରପକ୍ଷେ ସାରା ରାଜ୍ୟରେ ଗତ ଅଗଷ୍ଟ ମାସଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଚାଲିଥିବାବେଳେ ଏହିଜିଲାରେ ଚିହ୍ନଟ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ତେବେ ସୋମବାର ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଅନ୍ୟ ଜିଲାର ୫୧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ଗତ ୪ ମାସ ଧରି କେନ୍ଦ୍ରାପଡ଼ା ଜିଲାର ଜଣେହେଲେ ଅନୁପ୍ରବେଶକାରୀ ଚିହ୍ନଟ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ତଥ୍ୟ ପ୍ରକାଶ ନ ହେବା ଉଦ୍‌ବେଗର ବିଷୟ କୁହାଯାଉଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ସୁଶାନ୍ତ ନାୟକ, ବୀରେନ୍ଦ୍ର ଦାସ, ଆକାଶ ଦାସ, ମନ୍ମଥ ନାୟକ ପ୍ରମୁଖ କହିଛନ୍ତି, ବଙ୍ଗଭଙ୍ଗ ସମୟରେ ଏହି ଜିଲାରେ ମୋଟ ୧,୨୩୭ ଜଣ ବାଂଲାଦେଶୀଙ୍କୁ ଥଇଥାନ କରାଯାଇଥିଲା। ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୯୬୦ ମସିହାରୁ ଏପର୍ଯ୍ୟନ୍ତ ୪୨ଟି ବାଂଲାଭାଷୀଙ୍କ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ବାଂଲାଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସାମ୍ପ୍ରତିକ ସମୟରେ ଏହି ସଂଖ୍ୟା ଅଧିକ ହେବ। ଖୋଲାମେଲା ସମୁଦ୍ର ଓ ରାଜପଥ ଯୋଗୁ ଏହି ଜିଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆସିବାରେ ବାଧା ନାହିଁ। ଏଠାକୁ ଆସି ରାଜନେତାଙ୍କ ଶରଣରେ ରହି ଭୋଟର କାର୍ଡ, ରାଶନ କାର୍ଡ, ଆଧାର ଆଦି ପ୍ରସ୍ତୁତ ☞ପୃଷ୍ଠା–୪

# 'ରାଜଭବନ' ହେଲା 'ଲୋକ ଭବନ'



**ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)**

ଆନୁଷ୍ଠାନିକ ଭାବେ ଉଭୟ ଭୁବନେଶ୍ୱର ଏବଂ ପୁରୀ 'ରାଜଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଆରାବଳିକୁ ମାରିଦେବେ

# ଏନ୍‌ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶ

**କଟକ,୧।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ୨୦୨୫ର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in–ରେ ଉପଲବ୍ଧ ହୋଇଥିବା ଲିଙ୍କ୍ ଖୋଲିବା ପରେ ନିଜ ରୋଲ୍ ନମ୍ବର କିମ୍ବା ନାମ ପୂରଣ କରି ଫଳ ଦେଖିପାରିବେ। ଗତ ସେପ୍ଟେମ୍ବର ୧୯ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷା ୫୩,୮୧୦ଜଣ ଛାତ୍ରୀଛାତ୍ର ଦେଇଥିଲେ। ଅପରପକ୍ଷରେ ୩୫୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସମଗ୍ର ରାଜ୍ୟରେ ୩୫୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା।

# ଜୀବନବ୍ୟାପୀ ସଞ୍ଚିତ ଅର୍ଥ ଦାନ କଲେ ଡାକ୍ତର

## ଏମ୍‌ସକୁ ୩ କୋଟି ୪୦ ଲକ୍ଷ ଦାନ: ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବେ ଡାକ୍ତର ଲକ୍ଷ୍ମୀବାଈ



ପ୍ରଫେସର ଡା. କେ. ଲକ୍ଷ୍ମୀବାଈ

**ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)**

ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବ୍ରହ୍ମପୁରର ଜଣେ ମହିଳା ଡାକ୍ତର ବଦାନ୍ୟତା ଦେଖାଇଛନ୍ତି। ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ ନିମନ୍ତେ ସେ ଦାନ କରିଛନ୍ତି। ସମ୍ପୃକ୍ତ ଡାକ୍ତର ଜଣଙ୍କ ହେଲେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଈ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଭୁବନେଶ୍ୱର ଏମ୍‌ସକୁ ୩ କୋଟି ୪୦ଲକ୍ଷ ଟଙ୍କା ଦେଇଛନ୍ତି। ଏହି ଅର୍ଥ ଏମ୍‌ସ ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ରକୁ ଦିଆଯାଇଛି।

୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀବାଈଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମଧ୍ୟରେ ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ସେ ଏସ୍‌ସିବିର ପ୍ରଥମ ବ୍ୟାଚ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୮ରେ ମାଡ୍ରାସ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଠ୍ୟକ୍ରମରେ ଡିପ୍ଲୋମା ଓ ପରେ ମାଷ୍ଟର ଡିଗ୍ରୀ ପଢ଼ା ସାରିଥିଲେ। ପ୍ରଫେସର ଡା. ଲକ୍ଷ୍ମୀବାଈ ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ। ଅବସର ପରେ ସେ ଏବେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି। ଆସନ୍ତା ୫ ତାରିଖରେ ୧୦୦ତମ ଜନ୍ମଦିନ ପାଳନ ଅବସରରେ ସେ ଏମ୍‌ସକୁ ଦାନ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଦାନ କରି ପ୍ରଫେସର ଡା. ଲକ୍ଷ୍ମୀବାଈ ଅତ୍ୟନ୍ତ ଖୁସିଥିବା କହିଛନ୍ତି। ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟେ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଫେସର ଡା. ଲକ୍ଷ୍ମୀବାଈ ପୂର୍ବରୁ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ ଅଫ ଇଣ୍ଡିଆ ଆୱାର୍ଡ ପାଇଛନ୍ତି।

# ଜନଶୁଣାଣି ଶିବିରରେ ବିଧବାଙ୍କ ଆତ୍ମାହୁତି ଉଦ୍ୟମ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଚରମ ନିଷ୍ପତ୍ତି



ସସ୍ମିତା ମାଝୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

**ବାଙ୍କୀ,୧।୧୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ସ୍ୱାମୀଙ୍କ ମୃତ୍ୟୁ ପରେ ସହାୟତା ରାଶି ପାଇବା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ କଲେ। ହେଲେ କେହି ଗୁହାରି ନ ଶୁଣିବାରୁ ଜଣେ ମହିଳା ଚରମ ନିଷ୍ପତ୍ତି ନେଇଛନ୍ତି। କଟକ ଜିଲା ବାଙ୍କୀ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସସ୍ମିତା ମାଝୀ ନିଜ ଶରୀରରେ ପ୍ଲାଷ୍ଟିକ ବୋତଲରେ ଆଣିଥିବା ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଏହି ସମୟରେ ନିକଟରେ ଥିବା ପୋଲିସ ଓ ଜିଲାପାଳଙ୍କ ସୁରକ୍ଷା ଅଧିକାରୀ ତାଙ୍କୁ କାବୁ କରିନେଇଛନ୍ତି। ତାଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଖବର ମୁତାବକ, ବାଙ୍କୀ ବୈଦେଶ୍ୱର ପଞ୍ଚାୟତସ୍ଥିତ ରଙ୍ଗଣୀ ସାହିର ସସ୍ମିତାଙ୍କ ସ୍ୱାମୀ ବନମାଳୀ ଖଟୁଆଙ୍କ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ସସ୍ମିତା କେତେବେଳେ ଶାଶୁଘରେ ତ ଆଉ କେତେବେଳେ ☞ପୃଷ୍ଠା–୪

## ଅଭିଯୋଗ ଶୁଣାଣିରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

### ଗୁରାଣ୍ଡି ଥାନା ଅଧିକାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

**ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଛା)**

ଏକ ସାଂଘାତିକ ଅଭିଯୋଗ ଆଣି ଜଣେ ମହିଳା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ। ଅପରପକ୍ଷରେ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଅଭିଯୋଗର ତଦନ୍ତ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି କହିଛନ୍ତି।

ଏନେଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଈପୁର ଗ୍ରାମର ମହିଳାଙ୍କ କହିବା ଅନୁଯାୟୀ, ୨୦୨୨ ଓ ୨୦୨୪ରେ ପୃଥକ୍ ପୃଥକ୍ ଭାବେ ଗ୍ରାମର ଗୋଟିଏ ପରିବାରର ପ୍ରଶାନ୍ତ ଧଳ, ହାରା ଧଳ ଓ ଜଗଦୀଶ ଧଳ ନିଜର ସମସ୍ୟା ଜଣାଇ ତାଙ୍କଠାରୁ ଦୁଇଟି କିସ୍ତିରେ ୩ ଲକ୍ଷ ୭୭ ହଜାର ଟଙ୍କା ଧାର ନେଇଥିଲେ। ସମସ୍ତେ କାଗଜପତ୍ରରେ ଲେଖିକରି ଟଙ୍କା ନେଇଥିଲେ। ☞ପୃଷ୍ଠା–୪

ଟଙ୍କା ଧାର ଦେଇଥିଲେ। ବାରମ୍ବାର ମାଗିବା ପରେ ଫେରସ୍ତ ପାଇଲେନି। ଏନେଇ ଥାନା ବାବୁଙ୍କୁ ଅଭିଯୋଗ କରିବାରେ ସେ ନ୍ୟାୟ ଦେବା ପରିବର୍ତ୍ତେ ଅଶ୍ଳୀଳ ଇଙ୍ଗିତ ଦେବାସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କଲେ। ଏମିତି


ଅପରେଶନ ସାଗରବନ୍ଧୁ: ଶ୍ରୀଲଙ୍କାରେ ବନ୍ୟା ଓ ଭୂସ୍ଖଳନ ପରେ ଉଦ୍ଧାର କାର୍ଯ୍ୟରେ ଭାରତର ଏନ୍‌ଡିଆର୍‌ଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ହାସିନାଙ୍କୁ ପୁଣି ୫ ବର୍ଷ ଜେଲଦଣ୍ଡ

ଢାକା,୧।୧୨


ଶେଖ୍ ହାସିନା

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଏକ ଜମି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହାସିନାଙ୍କ ଝିଆରୀ ତଥା ବ୍ରିଟିଶ ପାର୍ଲାମେଣ୍ଟାରିଆନ୍ ଟୁଲିପ୍ ସିଦ୍ଦିକଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଢାକାର ସ୍ପେଶାଲ ଜଜ୍ କୋର୍ଟ-୪ର ବିଚାରପତି ମହମ୍ମଦ ରାବିଉଲ୍ ଆଲାମ ଏକ ଦୁର୍ନୀତି ମାମଲାରେ ହାସିନାଙ୍କ ଭଉଣୀ ଶେଖ୍ ରେହନାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବାବେଳେ ଅନ୍ୟ ୧୪ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ମିଳିଛି। ସମସ୍ତ ୧୭ ଦୋଷୀଙ୍କ ଉପରେ ୧ ଲକ୍ଷ ଟାକା ଜରିମାନା ଲଗାଯାଇଛି। ଏହା ପୈଠ ନକଲେ ସେମାନଙ୍କୁ ଅତିରିକ୍ତ ୬ ମାସ ଜେଲରେ ରହିବାକୁ ପଡ଼ିବ ବୋଲି ବିଚାରପତି କହିଛନ୍ତି। ସିଦ୍ଦିକ ଜଣେ ବ୍ରିଟିଶ-ବାଂଲାଦେଶୀ ଲେବର ପାର୍ଟି ନେତ୍ରୀ। ସେ ରେହନାଙ୍କ ଝିଅ। ୨୦୧୫ରୁ ସେ ବ୍ରିଟେନରେ ଏମ୍‌ପି ଅଛନ୍ତି। ହାସିନାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗତ ଏପ୍ରିଲରେ ଅନ୍ତରୀଣ ସରକାର ସିଦ୍ଦିକଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲେ। ସେ ବାହାରେ ରହି ତାଙ୍କ ମାଆ, ମାଉସୀ, ଭାଇ ଓ ଭଉଣୀଙ୍କୁ ପ୍ଲଟ୍ ହାତେଇବା ପାଇଁ ପ୍ରଭାବିତ କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ହାସିନାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ଏହା ଚତୁର୍ଥ ରାୟ। କିଛିଦିନ ପୂର୍ବରୁ ୩ଟି ମାମଲାରେ ତାଙ୍କୁ ୨୧ ବର୍ଷ ଜେଲଦଣ୍ଡ ହୋଇଥିଲା। ଗତବର୍ଷ ଅଗଷ୍ଟରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ସେନାକୁ ବଳ ପ୍ରୟୋଗ କରିବା ଲାଗି ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ହାସିନାଙ୍କୁ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଗତମାସ ୧୭ ତାରିଖରେ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ।

# ରୁବୈୟା ସୟିଦ ଅପହରଣ ମାମଲାରେ ସନ୍ଦିଗ୍ଧ ଗିରଫ


ରୁବୈୟା ସୟିଦ

ନୂଆଦିଲ୍ଲୀ,୧।୧୨(ପି.ଟି.)

୧୯୮୯ ଡିସେମ୍ବର ୮ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମୁଫ୍ତି ମହମ୍ମଦ ସୟିଦଙ୍କ ଝିଅ ରୁବୈୟା ସୟିଦଙ୍କୁ ଜେକେଏଲ୍‌ଏଫ୍ ଆତଙ୍କବାଦୀ ଅପହରଣ କରିନେଇଥିଲେ। ଅପହରଣର ୩୬ ବର୍ଷ ପରେ ଉକ୍ତ ମାମଲା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧଙ୍କୁ ସିବିଆଇ ଗିରଫ କରିଥିବା ସୋମବାର କହିଛି। ଅପହରଣର ୫ ଦିନ ପରେ ରୁବୈୟାଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେକେଏଲ୍‌ଏଫ୍‌ର ସର୍ତ୍ତ ଅନୁଯାୟୀ ତତ୍କାଳୀନ ଭାଜପା ସମର୍ଥିତ ଭି.ପି. ସିଂ ସରକାର ଏହା ବଦଳରେ ୫ ଆତଙ୍କବାଦୀଙ୍କୁ ଛାଡ଼ିଥିଲେ। ତାମିଲନାଡୁରେ ରହୁଥିବା ରୁବୈୟା ସିବିଆଇ ପାଇଁ ସରକାରୀ ପକ୍ଷର ସାକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ୧୯୯୦ରେ ସିବିଆଇ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ୟାସିନ୍ ମଲିକ ଏବେ ତିହାର ଜେଲରେ ଅଛନ୍ତି।

# ଏସ୍‌ଆଇଆର୍‌କୁ ନେଇ ହଟ୍ଟଗୋଳ

## ପ୍ରଥମ ଦିନ ଲୋକ ସଭା ମୁଲତବୀ

ନୂଆଦିଲ୍ଲୀ,୧।୧୨

ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ଦାବିରେ ବିରୋଧୀ ଜୋରଦାର ବିରୋଧ ଜାରି ରଖିବାରୁ ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର ଲୋକ ସଭାକୁ ମୁଲତବୀ ରଖାଯାଇଛି।

ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ବିରୋଧୀ ଦର୍ଶାଇଥିଲେ। ଅପରାହ୍ନ ୨ଟା ୨୦ରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନ ପ୍ରଶ୍ନୋତ୍ତର କାଳରେ ଏବଂ ପରେ ଅପରାହ୍ନରେ ୨ ଥର ମୁଲତବୀ ହୋଇଥିଲା। ଅନେକ ବିରୋଧୀ ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ।

ହଟ୍ଟଗୋଳ ମଧ୍ୟରେ ମଣିପୁରରେ ସଂଶୋଧିତ ଜିଏସ୍‌ଟି ଆଇନ ଲାଗୁ କରିବା ପାଇଁ ଅଣାଯାଇଥିବା ବିଲ୍ ସ୍ୱଳ୍ପ ଆଲୋଚନା ପରେ ଗୃହୀତ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉକ୍ତ ବିଲ୍ ଆଗତ କରିଥିଲେ। ଏଥିସହିତ ଅର୍ଥମନ୍ତ୍ରୀ ତମାଖୁ ଓ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ଧାର୍ଯ୍ୟ ଲାଗି ଏବଂ ପାନ ମସଲା ଉତ୍ପାଦନ ଉପରେ ନୂଆ ସେସ୍ ଲଗାଇବା ପାଇଁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜାତୀୟ ସୁରକ୍ଷା ସେସ୍ ବିଲ୍ ଆଗତ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା ଦାବି କରିଥିଲେ। ସରକାର ଆଲୋଚନା ପାଇଁ ବିମୁଖ ନୁହନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିବା ସହ ସମୟସୀମା ଧାର୍ଯ୍ୟ କରିବାକୁ ଚାପ ନ ପକାଇବା ପାଇଁ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେତେକ ବିରୋଧୀ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ପୂର୍ବରୁ ବିରୋଧୀ ସଦସ୍ୟ ଏସ୍‌ଆଇଟି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିବାବେଳେ ଗୃହ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାହାକୁ ଅନୁମତି ଦେଇ ନ ଥିଲେ।

## ପାର୍ଲାମେଣ୍ଟ ନାଟକ ମଞ୍ଚ ନୁହେଁ: ପ୍ରଧାନମନ୍ତ୍ରୀ

ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ପାର୍ଲାମେଣ୍ଟ କୌଣସି ନାଟକ ମଞ୍ଚ ନୁହେଁ, ଏହା ଦେବାର ସ୍ଥାନ। ବିରୋଧୀ ଦଳ ନିର୍ବାଚନ ପାଇଁ କିମ୍ବା ପରାଜୟ ପରେ କୌଣସି ଧୋକାବାଜି ବାହାର କରିବା ଲାଗି ଗୃହକୁ ଏକ ଅଭ୍ୟାସ ଆଖଡ଼ାରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ଅଧିବେଶନ ରାଜନୈତିକ ନାଟକବାଜି ନ ହୋଇ ଗଠନମୂଳକ ତଥା ଫଳପ୍ରଦାନକାରୀ ବିତର୍କର ମଞ୍ଚ ହେବା ଆବଶ୍ୟକ। ରାଜନୀତିରେ ସକାରାତ୍ମକତା ଆଣିବା ଲାଗି ବିରୋଧୀଙ୍କୁ କେତେକ ଟିପ୍ସ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଆମକୁ ଦାୟିତ୍ୱପୂର୍ଣ୍ଣ ସହକାରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ଶୀତ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର କୌଶଳକ୍ରମେ ସଂସଦୀୟ ମର୍ଯ୍ୟାଦାକୁ ନଷ୍ଟ କରୁଛନ୍ତି। ଗତ ୧୧ ବର୍ଷ ହେଲା ସଂସଦୀୟ ବ୍ୟବସ୍ଥା ନଷ୍ଟ ହୋଇଚାଲିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୌସୁମୀ ଅଧିବେଶନରେ ସରକାର ତରବରିଆ ଭାବେ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିନା ଆଲୋଚନାରେ କିମ୍ବା ସ୍ୱଳ୍ପ ଆଲୋଚନାରେ ଗୃହୀତ କରାଇ ନେଇଥିଲେ। ପ୍ରଧାନମନ୍ତ୍ରୀ ସବୁଠୁ ବଡ଼ ଡ୍ରାମାବାଜି ବୋଲି ଖାର୍ଗେ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବା ଡ୍ରାମା ନୁହେଁ।

# ଶ୍ରୀଲଙ୍କାରେ ଫସିଥିବା ଭାରତୀୟଙ୍କୁ ଫେରାଇ ଅଣାଗଲା

କଲମ୍ବୋ,୧।୧୨

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନରେ ଶ୍ରୀଲଙ୍କାରେ ୩୫୫ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଅନେକ ଭାରତୀୟ ଫେରି ନ ପାରି ସେଠାରେ ଫସିରହିଥିଲେ। ଅପରେଶନ ସାଗରବନ୍ଧୁ ଜରିଆରେ ଭାରତୀୟ ବାୟୁସେନା ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିଛି। ସୋମବାର କଲମ୍ବୋର ବନ୍ଦରନାଏକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶେଷ ବ୍ୟାଚ୍‌ରେ ୧୦୪ ଭାରତୀୟ ଯାତ୍ରୀ ବାୟୁସେନା ବିମାନରେ ଆସି ଥିରୁଭନନ୍ତପୁରମ୍‌ରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ସୋମବାର ୩୫୫ରେ ପହଞ୍ଚିଥିବାବେଳେ ୩୬୬ ଜଣ ନିଖୋଜ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଭାରତୀୟ ବାୟୁସେନା ସାମିଲ ହୋଇଛି। ୨ ଦଶନ୍ଧି ମଧ୍ୟରେ ଉକ୍ତ ଦ୍ୱୀପଦେଶରେ ଏହା ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଯେଉଁଥିରେ ଉପକୂଳ ସମେତ କେନ୍ଦ୍ରୀୟ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ବିପ୍ୱାତରେ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଫୋନ୍ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ସଂଯୋଗ କର

## ସ୍ମାର୍ଟଫୋନ୍ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୧୨

ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଫୋନ୍ ବିକ୍ରି ପୂର୍ବରୁ ସେଥିରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ (ସଞ୍ଚାର ଆପ୍) ସଂଯୋଗ କରିବାକୁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୟୁଜରଙ୍କୁ ଜାଲିଆତି କଲ୍ ଏବଂ ମେସେଜ୍ ତଥା ମୋବାଇଲ୍ ଫୋନ୍ ଚୋରି ସମ୍ପର୍କରେ ସୂଚନା ମିଳିବ। ୟୁଜରମାନେ ଉକ୍ତ ଆପ୍ଲିକେଶନକୁ ହଟାଇପାରିବେ ନାହିଁ। ସମ୍ପ୍ରତି ବଜାରକୁ ଆସିଥିବା ନୂଆ ସ୍ମାର୍ଟଫୋନ୍‌ଗୁଡ଼ିକରେ ସଞ୍ଚାର ସାଥୀ ଆପ୍ଲିକେଶନ ପୂର୍ବରୁ ଇନ୍‌ଷ୍ଟଲ ହୋଇଛି। ଯେଉଁ ଫୋନ୍‌ଗୁଡ଼ିକ ପୂର୍ବରୁ ବିକ୍ରି ହୋଇଛି, ସେଥିରେ ଉକ୍ତ ଆପ୍ଲିକେଶନ ଉପଲବ୍ଧ କରାଇବା ସହ ସଫ୍ଟୱେର ଅପ୍‌ଡେଟ୍ କରାଇବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ୩ ମାସ ସମୟ ଦିଆଯାଇଛି। ଏହା ଆପଲ୍, ସାମ୍‌ସଙ୍ଗ, ସାଓମି, ଓପୋ, ଭିଭୋ ଭଳି ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ପ୍ରଭାବିତ କରିବ ବୋଲି ଏହାର ଅଧିକାରୀମାନେ କହିଛନ୍ତି।

# କଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

## ସୀମାରେ ୬୯ ଲଞ୍ଚପ୍ୟାଡ୍ ସକ୍ରିୟ

ଶ୍ରୀନଗର,୧।୧୨

ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି କଶ୍ମୀରରେ ଅନୁପ୍ରବେଶ କରିବାକୁ ସୀମା ସେପାଖ ଲଞ୍ଚପ୍ୟାଡ୍‌ଗୁଡ଼ିକରେ ୧୦୦ରୁ ୧୨୦ ଆତଙ୍କବାଦୀ ଅପେକ୍ଷାରେ ରହିଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ଏଲ୍‌ଓସିର ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୬୯ଟି ଲଞ୍ଚିଙ୍ଗ୍ ପ୍ୟାଡ୍ ସକ୍ରିୟ ରହିଛି। ବିଏସ୍‌ଏଫ୍‌ର କଶ୍ମୀର ଫ୍ରଣ୍ଟିୟର ଆଇଜି ଅଶୋକ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବିଏସ୍‌ଏଫ୍ ଏଲ୍‌ଓସିରେ ସତର୍କ ରହିବା ସହ ଚଳିତ ବର୍ଷ ୪ଟି ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ସୁରକ୍ଷା ବଳ ଗୁଳିରେ ୮ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା, ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ଯବାନଙ୍କ ସହ ଏଲ୍‌ଓସିରେ ୨୨ଟି ମିଳିତ ଅଭିଯାନ କରାଯାଇଛି। ଉତ୍ତର କଶ୍ମୀରରେ କେତେଜଣ ଆତଙ୍କବାଦୀ ନିପାତ ହେବା ସହ ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଜବତ ଅସ୍ତ୍ର ମଧ୍ୟରେ ଏକେ-୪୭ ରାଇଫଲ, ଏମ୍‌ପି-୫ ରାଇଫଲ, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍, ୟୁବିଜିଏଲ୍, ୟୁବିଜିଏଲ୍ ଗ୍ରେନେଡ୍, ଚାଇନା ଗ୍ରେନେଡ୍ ଆଦି ରହିଛି। ଆତଙ୍କବାଦୀଙ୍କ ବିଭିନ୍ନ ପ୍ରଶିକ୍ଷଣ କ୍ୟାମ୍ପ ଉପରେ ଗୋଇନ୍ଦା ବିଭାଗ ପୂରା ନଜର ରଖିଥିବା ଯାଦବ କହିଛନ୍ତି।



ଫୁରସତ୍

# ମଣିଷଙ୍କ ହାଡ଼ରେ ତିଆରି ରାସ୍ତା

ବିଶ୍ୱରେ ଏପରି ଏକ ରାସ୍ତା ଅଛି ଯାହା କେବଳ ପଥର, ମାଟି ଏବଂ ପିଚୁରେ ତିଆରି ନୁହେଁ ବରଂ ଏଥିରେ ମଣିଷ ହାଡ଼ ମଧ୍ୟ ଅଛି। ସେଥିପାଇଁ ଏହି ରାସ୍ତାକୁ ବୋନ୍ ରୋଡ୍ ବା ହାଡ଼ର ରାସ୍ତା କୁହାଯାଏ। ଏହି ନାଁ ଶୁଣିଲେ ଭୟରେ ଦେହ ଥରିଉଠିବ। କିନ୍ତୁ ଏହା ପଛରେ ଥିବା କାହାଣୀ ଆହୁରି ଭୟଙ୍କର। ଏହି ରାସ୍ତାଟି ରୁଷିଆର ଏକ ଅତି ଦୁର୍ଗମ ଏବଂ ଥଣ୍ଡା ଅଞ୍ଚଳରେ ଅବସ୍ଥିତ। ଏହା ପ୍ରକୃତରେ କୋଲିମା ହାଇୱେ ନାମକ ଏକ ଲମ୍ବା ରାଜପଥ। ରୁଷିଆର ଏହି ଅଂଶ ଏତେ ଥଣ୍ଡା ଯେ ଏହା ବର୍ଷର ଅନେକ ମାସ ପର୍ଯ୍ୟନ୍ତ ବରଫାବୃତ୍ତ ଥାଏ। ଆଜି ମଧ୍ୟ ଏହି ରାଜପଥର ଅନେକ ସ୍ଥାନରେ ମଣିଷ ହାଡ଼ ଏବଂ କଙ୍କାଳ ଦେଖିବାକୁ ମିଳେ। ଏହା କୌଣସି ଭୟଙ୍କର ଚଳଚ୍ଚିତ୍ର ପରି ଶୁଭେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। କୁହାଯାଏ ଯେ ରାସ୍ତାରେ ବରଫ ପଡ଼ିବା ଯୋଗୁ ଯାନବାହନ ଖସିଯାଉଥିଲା।



ସେତେବେଳେ ପ୍ରଯୁକ୍ତିବିଦ୍ୟା ସୀମିତ ଥିଲା ତେଣୁ ରାସ୍ତାକୁ ମଜବୁତ କରିବା ପାଇଁ ମଣିଷ ହାଡ଼କୁ ପଥର ଏବଂ ବାଲି ସହିତ ମିଶ୍ରଣ କରାଯାଉଥିଲା। ଏହି ହାଡ଼ଗୁଡ଼ିକ ହଜାର ହଜାର ଶ୍ରମିକ ଏବଂ କଏଦୀଙ୍କର ଥିଲା ଯେଉଁମାନେ ଏହି ରାଜପଥ ନିର୍ମାଣ ସମୟରେ ମୃତ୍ୟୁବରଣ କରିଥିଲେ। ବିଶ୍ୱାସ କରାଯାଏ ଯେ, ଏହି ରାସ୍ତା ନିର୍ମାଣ ସମୟରେ ୨୫୦୦୦ରୁ ୧୦୦୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କର ହାଡ଼ସବୁ ଏହି ରାସ୍ତାରେ ପୋତି ହୋଇ ରହିଛି। ଏହି ରାସ୍ତାଟି ସୋଭିଏତ୍ ଏକଛତ୍ରବାଦୀ ଯୋସେଫ ଷ୍ଟାଲିନ୍‌ଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ୧୯୩୦ ଦଶକରେ ଏହା ଆରମ୍ଭ ହେବା ପରେ, ଲକ୍ଷ ଲକ୍ଷ କଏଦୀଙ୍କୁ ଏହି ଅଞ୍ଚଳକୁ ବଳପୂର୍ବକ ଶ୍ରମିକ ପାଇଁ ପଠାଯାଇଥିଲା। କାର୍ଯ୍ୟ ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, କୁହାଯାଏ ଏଠାକୁ ଆସିଥିବା କୌଣସି କଏଦୀ କେବେ ଫେରି ନ ଥିଲେ। ଶୀତ ଏତେ କଠୋର ଥିଲା ଯେ ତାପମାତ୍ରା ପ୍ରାୟତଃ-୫୦ ଡିଗ୍ରୀ ତଳେ ଖସିଯାଉଥିଲା। ଉପଯୁକ୍ତ ଖାଦ୍ୟ, ଆଶ୍ରୟସ୍ଥଳ, ପୋଷାକ ନ ଥିଲା। କାମ କରୁଥିବା ସମୟରେ ଯେଉଁମାନେ ମୃତ୍ୟୁବରଣ କରୁଥିଲେ ସେମାନଙ୍କୁ ସେମାନଙ୍କ ଶରୀରକୁ କବର ଦେବା ପାଇଁ ମଧ୍ୟ ସମୟ ଦିଆଯାଉ ନ ଥିଲା। ସେମାନଙ୍କୁ ସିଧାସଳଖ ରାସ୍ତା ତଳେ କବର ଦିଆଯାଉଥିଲା। ଏହି କାରଣରୁ ଏହି ରାଜପଥ ଲକ୍ଷାଧିକ ମୃତ ଲୋକଙ୍କ ହାଡ଼ ଉପରେ ନିର୍ମିତ ବୋଲି ବିଶ୍ୱାସ କରାଯାଏ। ଲୋକମାନେ ଏହାକୁ ଏକ ଦୁଃସାହସିକ ରାସ୍ତା ବୋଲି ମଧ୍ୟ କୁହନ୍ତି।

# ପୁଣି ବିବାହ କଲେ ସାମନ୍ଥା

ମୁମ୍ବାଇ




ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ବିବାହ କରିଛନ୍ତି। ଦି ଫ୍ୟାମିଲି ମ୍ୟାନ୍ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ସେ ଗୁପ୍ତ ଭାବେ ବିବାହ କରିଛନ୍ତି। ବିବାହର ଫଟୋ ଶେୟାର କରି ସାମନ୍ଥା କେବଳ ଲେଖିଛନ୍ତି, ୧.୧୨.୨୦୨୫। ସାମନ୍ଥା ଏବଂ ରାଜ ସୋମବାର ସକାଳେ ଇଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହରେ ୩୦ ଜଣ ଅତିଥି ଯୋଗ ଦେଇଥିଲେ। ରାଜ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜଙ୍କ ପୂର୍ବତନ ସ୍ତ୍ରୀ ଶ୍ୟାମଳୀ ଦେ ମଧ୍ୟ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟାଟସ ପୋଷ୍ଟ କରିଥିଲେ, ଯେଉଁଥିରେ ଲେଖାଥିଲା, ହତାଶ ଲୋକମାନେ ହତାଶ କାମ କରନ୍ତି। ଏହି ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହକୁ ନେଇ ଚର୍ଚ୍ଚାକୁ ଆହୁରି ତ୍ୱରାନ୍ୱିତ କରିଥିଲା। ରାଜ ଏବଂ ଶ୍ୟାମଳୀ ୨୦୨୨ରେ ଛାଡପତ୍ର ନେଇଥିଲେ। ସାମନ୍ଥ ରୁଥ ପ୍ରଭୁଙ୍କ ପ୍ରଥମ ବିବାହ ନାଗା ଚୈତନ୍ୟଙ୍କ ସହିତ ହୋଇଥିଲା। ୨୦୨୧ରେ ସେମାନଙ୍କର ଛାଡପତ୍ର ହୋଇଗଲା। ନାଗା ଚୈତନ୍ୟ ମଧ୍ୟ ଅଭିନେତ୍ରୀ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପରେ, ସାମନ୍ଥା ଏବଂ ରାଜ ୱେବ ସିରିଜ 'ଦି ଫ୍ୟାମିଲି ମ୍ୟାନ ୨'ରେ ଏକାଠି କାମ କରିଥିଲେ। ଏହା ପରେ ସେମାନଙ୍କର ନିବିଡତା ବଢ଼ିଥିଲା।

**ମଣ୍ଡପ ସମସ୍ୟା**




# ଭଲ ନିର୍ଦ୍ଦେଶ ; ଅଟକାଉଛନ୍ତି ଅମଲା


ଭୁବନେଶ୍ୱର, ୧।୧୨ (ରବିନାରାୟଣ ଜେନା)

ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର ଦିନରାତି ଏକ କରି ଦେଉଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ ଛୁଟିଦିନଗଡ଼ିକରେ ମଧ୍ୟ ଲୋକସେବା ଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ଭିଜନ-୨୦୩୬କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତାହା କାର୍ଯ୍ୟକାରୀ ବେଳେ କେତେକ କ୍ଷେତ୍ରରେ ଅମଲାଙ୍କ ସ୍ତରରେ ଅଟକି ଯାଉଛି। ଫଳରେ ସରକାରଙ୍କ ବିକାଶର ରଥ ଆଗକୁ ଗଡ଼ିପାରୁ ନ ଥିବା ଜଣାଯାଇଛି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟଭାର ସମ୍ଭାଳିବା ପରେ ଓଡ଼ିଶାର ସାମୂହିକ ବିକାଶ ଲାଗି ଇତିମଧ୍ୟରେ ୬୪ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କଲେଣି। ଏହାବାଦ୍ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ଅମଲାଙ୍କୁ ପ୍ରଦାନ କରିଛନ୍ତି। ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା, ସେଥିମଧ୍ୟରେ କେଉଁଠାରେ ମନ୍ତ୍ରୀଙ୍କୁ 'ପ୍ରହରୀ ମନ୍ତ୍ରୀ' ଭାବେ ଜିଲାସ୍ତରରେ ଘୋଷଣା କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ଅନ୍ୟ କେଉଁଠାରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' କାର୍ଯ୍ୟକାରିତା, ଗୁଟ୍‌ଖାକୁ ସମ୍ପୂର୍ଣ୍ଣ ନିଷେଧ କରିବା, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ କରିବା ଭଳି ଶତାଧିକ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କଲେଣି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିର୍ଦ୍ଦେଶନାମା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ପରେ ମଙ୍ଗଳବାର ଏହାର ସଚିବସ୍ତରୀୟ ସମୀକ୍ଷା ବୈଠକ କରାଯିବାକୁ ରହିଛି।

ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ଇ) ସୁଧାପ୍ରିୟା ଦାସ ସମସ୍ତ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଉକ୍ତ ପତ୍ରର ଅବିକଳ ନକଲ ଛପା ଯାଇଛି। ସେ ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନ ୧୨ଟା ୩୦ମିନିଟ୍‌ରେ ଲୋକସେବାଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ସେଥିରେ ପ୍ରଥମରେ ରହିଛି, ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା 'ୟୁଓଆଇ-ନୋଟ୍‌ଶିଟ୍'। ଏହା କେତେଦୂର ବିଭାଗୀୟ ସଚିବମାନେ କାର୍ଯ୍ୟକାରୀ କରିଛନ୍ତି ତାହାକୁ ତନ୍ନତନ୍ନ କରି ସମୀକ୍ଷା କରାଯିବ। ତଥ୍ୟ ଅନୁଯାୟୀ,ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୬୪ଟି ବ୍ୟକ୍ତିଗତ ନୋଟ୍‌ଶିଟ୍‌ର କାର୍ଯ୍ୟକାରିତା ଓ ୨୨୭ଟି ପ୍ରକଳ୍ପ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। କେଉଁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ କେତେଦୂର ଅନୁପାଳନ କରିଛନ୍ତି ତାହାର ସମୀକ୍ଷା କରାଯିବ। ଏହାପରେ ଜିଲାସ୍ତରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ସମୀକ୍ଷା ସାଙ୍ଗକୁ କର୍ମଚାରୀଙ୍କ 'ୱାର୍କ ପାସ୍ ବୁକ୍' କାର୍ଯ୍ୟକ୍ରମ କେତେଦୂର ଗଲା ତାହାର ମଧ୍ୟ ଆଲୋଚନା ହେବ। ଏହି ଅବସରରେ ବିଭାଗୀୟ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାର ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍) ମଧ୍ୟ ସାଙ୍ଗରେ ଆଣିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇ ସରକାର ରାଜଭବନକୁ ଏବେ ଲୋକଭବନରେ ପରିଣତ କରିଛନ୍ତି। ଲୋକଙ୍କ କଥା ଶୁଣିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବୈଠକରେ ଗୁରୁତ୍ୱ ଦେଉଛନ୍ତି। ଏପରି କି ପ୍ରତିମାସରେ ଅନ୍ତତଃ ଥରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଗୁହାରି ଶୁଣି ତା'ର ତ୍ୱରିତ୍ ସମାଧାନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ବିଳମ୍ବିତ କରାଇବାରେ ଅନେକ ପ୍ରଚେଷ୍ଟା ଲାଗି ରହିଥିବା ଭଳି ପ୍ରତୀୟମାନ ହେଉଛି।



GOVERNMENT OF ODISHA
PLANNING & CONVERGENCE DEPARTMENT
*****

Letter No. 16784(40) /P., Bhubaneswar, Date 28/11/2025
PC-COODI-COODI-0002-2022

From
Smt Sudhapriya Das
Director(E)

To
All Additional Chief Secretaries to Government,
All Principal Secretaries to Government,
All Commissioners-cum Secretaries to Government

Sub: Meeting of All Secretaries on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan

Madam / Sir,

In inviting a reference to the subject cited above, I am directed to say that the next Meeting of All Secretaries will be held on **2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan** under the Chairpersonship of Chief Secretary.

It is, therefore, requested to kindly make it convenient to attend the meeting as per the above schedule for discussion on the following agenda points.

1. Status of the UoI received from Hon'ble Chief Minister
2. Review of Implementation of District Level Projects relating to various Departments
3. Discussion on Work Pass Book
4. Any other matter with permission of the Chair.

The Action Taken on the subject mentioned in the enclosed UoI received from Office of Hon'ble CM and status report of the projects announced by Hon'ble Chief Minister (list enclosed) may kindly be updated.

Further, in order to facilitate incorporation of the Action Taken/ status report of the Projects, soft copy of the project details is being sent through google sheet in the Department's official e mail id. Details of the Link is also mentioned below for kind reference.

It is requested to kindly update the Action Taken/ status report in the google sheet by 29th November, 2025 for kind apprisal of Chief Secretary.

1.https://docs.google.com/spreadsheets/d/1lP4Altr_6X0pFoVB3KvxUr_9pmw77Hpn/edit?usp=sharing&ouid=108523836053301598718&rtpof=true&sd=true
2.https://docs.google.com/spreadsheets/d/15vWl4E7VUldYbjoou8h8g8n6ZaZJ2cpg/edit?usp=sharing&ouid=108523836053301598718&rtpof=true&sd=true.

Encl-As above

Yours faithfully,
28/11/25
Director (E)

PTO

# ବଡ଼ କମ୍ପାନୀକୁ ସାହାଯ୍ୟ କରିବାକୁ ବିଲ୍ ଆଣୁଛନ୍ତି ସରକାର: ରଣେନ୍ଦ୍ର

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

■ ଗରିବ ଲୋକଙ୍କୁ ନିଯୁକ୍ତି ଦେବା ବିଲ୍‌ର ମୂଳ ଉଦ୍ଦେଶ୍ୟ: ଶ୍ରମମନ୍ତ୍ରୀ ଗଣେଶରାମ

■ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଗତ

ରାଜ୍ୟ ସରକାର ଏବେ ବଡ଼ ବଡ଼ କମ୍ପାନୀକୁ ସୁରକ୍ଷା ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଜରିଆରେ ଏଭଳି ନିଷ୍ପତ୍ତି ନେବା ଲାଗି ପ୍ରୟାସ କରିଛନ୍ତି ; ଯାହା ରାଜ୍ୟର ସାଧାରଣ ଗରିବ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ରଖିଥିବା କମ୍ପାନୀ ଏଣିକି ଏହି ଆଇନ ଆସିବା ପରେ ପଞ୍ଜୀକରଣ ପ୍ରମାଣପତ୍ର ପାଇପାରିବେ। ଏହା ଅତ୍ୟନ୍ତ ସାଙ୍ଘାତିକ ବୋଲି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଶ୍ରମ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୋମବାର ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପିତ କରିଛନ୍ତି। ଉକ୍ତ ବିଲ୍‌କୁ ନେଇ ବିଜେଡି ପକ୍ଷରୁ ରଣେନ୍ଦ୍ର ଏହି ଆଲୋଚନାରେ ପ୍ରଥମେ ଭାଗ ନେଇ କହିଛନ୍ତି, ବଡ଼ କମ୍ପାନୀକୁ ସାହାଯ୍ୟ କରିବା ପାଇଁ ଏହା ହେଉଛି ଏକ ବହୁତ ବଢ଼ିଆ ବାଟ। ଯଦି ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀ ଏହି ଆଇନ ବଳରେ ପଞ୍ଜୀକରଣ କରିପାରିବେ, ତେବେ ତା'ଠାରୁ କମ୍ କର୍ମଚାରୀ ଥିବା କମ୍ପାନୀ କାହିଁକି ପଞ୍ଜୀକରଣ କରିପାରିବେ ନାହିଁ। ଏହାଦ୍ୱାରା ବଡ଼ କମ୍ପାନୀଗୁଡିକ ଏକାଧିକ ସଂସ୍ଥା କରି ସବୁଥିରେ ୧୯ ଜଣ ଲେଖା କର୍ମଚାରୀ ରଖି ଚଳାଇବାକୁ ବାଟ ପାଇଗଲେ। ଭବିଷ୍ୟତରେ ଏହା ବହୁ ବଡ଼ ସମସ୍ୟା ସୃଷ୍ଟିକରିବ। ସେ ଆହୁରି କହିଛନ୍ତି, ଅନ୍ତର୍ଜାତୀୟ ଶ୍ରମ ସଂଗଠନ କହୁଛି ଜଣେ କର୍ମଚାରୀ ଦିନ ଭିତରେ ୮ ଘଣ୍ଟା କାମ କରିବା ଦରକାର, ୮ ଘଣ୍ଟା ପରିବାର ସଦସ୍ୟଙ୍କୁ ସମୟ ଦେବା ସହ ବାକି ୮ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି। ହେଲେ ରାଜ୍ୟ ସରକାର ପ୍ରଥମେ ଜଣେ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ପ୍ରଥମେ ୮ ଘଣ୍ଟା ବଦଳରେ ୯ ଘଣ୍ଟା କାର୍ଯ୍ୟ କରିବାକୁ ସ୍ଥିର କରିଥିବା ବେଳେ ଏବେ ତାହା ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ଉପରେ ଚାପ ବଢ଼ିବ। ଜଣେ କର୍ମଚାରୀ ଓଭର ଟାଇମ୍ ସହ ଦିନକୁ ମୋଟ ୧୨ ଘଣ୍ଟା କାର୍ଯ୍ୟ କରିପାରିବେ। ମାସକୁ ୫୦ ଘଣ୍ଟା ବଦଳରେ ୧୪୪ ଘଣ୍ଟା ଓଭର ଟାଇମ୍‌କୁ ମିଶାଇ କାମ କରିପାରିବେ। ଯଦି ଜଣେ ମାସକୁ ୧୪୪ ଘଣ୍ଟା କାମ କନ୍ତେି ତେବେ ଏହାଦ୍ୱାରା ବହୁ ଜଣଙ୍କୁ ନିଯୁକ୍ତି ସୁଯୋଗ ହରାଇବାକୁ ପଡ଼ିବ। ୫୦ ଘଣ୍ଟାକୁ ଯେଉଁ ୧୪୪ ଘଣ୍ଟାକୁ ବଢ଼ାଗଲା, ଉକ୍ତ ଅଧିକ ସମୟ କାର୍ଯ୍ୟ ଆଉ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇପାରି ଥାଆନ୍ତା। ଏହାଦ୍ୱାରା ରାଜ୍ୟର ଗରିବ ଲୋକଙ୍କ ଉପରେ ଚାପ ବଢ଼ିବା ସହ ଅଧିକ ନିଯୁକ୍ତି ସୁଯୋଗର ବାଟ ବନ୍ଦ କରାଗଲା। ସେହିପରି ମହିଳାମାନଙ୍କୁ ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଅନୁମତି ଦେବା କଥା ସରକାର ଉଲ୍ଲେଖ କରିଛନ୍ତି। ହେଲେ ମହିଳାଙ୍କୁ ଯେଉଁ ସୁରକ୍ଷା ବ୍ୟବସ୍ଥା ମିଳିବା କଥା ତା'ର ବ୍ୟବସ୍ଥା ନ କରି ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଖାଲି ଅନୁମତି ଦେଇଦେଲେ ଏହା କେତେ ଠିକ୍ ହେବ ସେକଥା ସରକାର ବିଚାର କରନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି। ବିଧାୟକ ପ୍ରତାପ ଦେବ ମଧ୍ୟ ଏହି ଆଲୋଚନାରେ ଭାଗନେଇ ଏଭଳି ବିଲ୍‌କୁ ନିନ୍ଦାକରିବା ସହ ଏହା ବ୍ୟବସାୟୀମାନଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବା କହିଛନ୍ତି।

ମନ୍ତ୍ରୀ ସିଂଖୁଣ୍ଟିଆ ବିରୋଧୀଙ୍କ ଅଭିଯୋଗର ଉତ୍ତରରେ କହିଛନ୍ତି, ଯେଉଁମାନେ ଏନ୍ଏସି, ମ୍ୟୁନିସିପାଲିଟି ଅଞ୍ଚଳରେ ରୁହନ୍ତି ସେମାନେ ଭାଗ୍ୟବାନ୍। ଏହି ସଂଶୋଧନ ମୁଖ୍ୟତଃ ସହରାଞ୍ଚଳ ଲୋକଙ୍କ କ୍ଷେତ୍ରରେ ଲାଗୁହେବ। କାରଣ ୪୫,୦୦୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ସହରାଞ୍ଚଳରେ ରହିଛି। ଗରିବ ଲୋକଙ୍କୁ ନିଯୁକ୍ତି ଦେବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ୧୯ ଜଣ ପର୍ଯ୍ୟନ୍ତ ଯେଉଁ କମ୍ପାନୀରେ କର୍ମଚାରୀ ରହିଛନ୍ତି, ସେମାନଙ୍କୁ ପଞ୍ଜୀକୃତ କରାଯିବ ନାହିଁ। ହେଲେ ଯଦି ସେହି କମ୍ପାନୀଗୁଡିକ କର୍ମଚାରୀଙ୍କୁ ହଇରାଣ କରନ୍ତି ତେବେ ଛଡ଼ାଯିବ ନାହିଁ। ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଛତିଶଗଡ଼, ତ୍ରିପୁରା ଭଳି ଅନେକ ରାଜ୍ୟରେ ଏହି ସଂଶୋଧିତ ବିଲ୍ ଲାଗୁ ହୋଇସାରିଛି ବୋଲି ସେ କହିଛନ୍ତି।

# ଖାରବେଳ ଭବନରେ ଖୋଲିଲା ଶିଶୁବାଟିକା 'କଳିକା'

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସେଠାରେ ଏକ ଶିଶୁବାଟିକା 'କଳିକା' ଆରମ୍ଭ ହୋଇଛି। ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଖାରବେଳ ଭବନରେ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ଜୀବନ ସନ୍ତୁଳନକୁ ମଜବୁତ କରିବ। ଏଥିସହ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉ ଏକ ପଦକ୍ଷେପ ଆଗକୁ ବଢାଇବ ବୋଲି ଆଶା କରାଯାଉଛି। ମାତୃତ୍ୱ ଏବଂ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା 'କଳିକା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା'ଙ୍କ ଜୀବନକୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ। 'କଳିକା'ରେ ଏଥିରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତ୍ତା ସହିତ ବିକଶିତ ହୋଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ବାଟିକା 'କଳିକା'କୁ ଉଦ୍‌ଘାଟନ କରୁଛନ୍ତି।

# 'ମୋ' ହୃଦୟ ଯନ୍ତ୍ରଣାରେ ଭରିଯାଉଛି'

ଭୁବନେଶ୍ୱର, ୧।୧୨ (ସତ୍ୟଜିତ ରାଉତ)

**ସାମ୍ନାକୁ ଆସିଲା ପୂଜାଙ୍କ ପାଳିତ ମା'ଙ୍କ କୋହଭରା ଚିଠି**

ଆମେରିକାରେ ପାଳିତ ମା'ଙ୍କ ନାଁରେ ମିଛ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ଓଡ଼ିଆ ପୋଷ୍ୟକନ୍ୟା ପୂଜା ନାୟକ ଓରଫ ସେଜଲ ଜୋହନଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ପୂଜା ବାଲେଶ୍ୱରରେ ଥିବାବେଳେ ତାଙ୍କ ପାଳିତ ମା' ସୁସି ଜୋହନ୍ ଲେଖିଥିବା ଏକ କୋହଭରା ଚିଠି ସୋମବାର ସାମ୍ନାକୁ ଆସିଛି। ଗତ ନଭେମ୍ବର ୨୧ରେ ପୂଜା ଆମେରିକା ଛାଡ଼ିବାବେଳେ ତାଙ୍କ ପାଳିତ ମା' ଏହି ଚିଠି ଦେଇଥିଲେ। ପୂଜାଙ୍କୁ ତାଙ୍କ ପାଳିତ ମା' କେତେ ଭଲପାଉଥିଲେ ତାହା ଉକ୍ତ ଚିଠିରୁ ବାରି ହେଇପଡୁଛି। ଇଂଲିଶରେ ଲେଖାଯାଇଥିବା ଉକ୍ତ ଚିଠିରେ ପାଳିତ ମା' ବେଦନାଭରା କଥା ଲେଖିଛନ୍ତି। ସେଥିରେ ସେ ଲେଖିଥିଲେ, 'ପ୍ରିୟ ସେଜ୍, ତୁମେ ଚାଲିଯାଉଥିବାରୁ ମୋ ହୃଦୟ କଷ୍ଟ ଓ ଯନ୍ତ୍ରଣାରେ ଭରିଯାଉଛି। ମୁଁ ଦୁଃଖିତ ଯେ, ତୁମେ ତୁମ ମା'ଙ୍କ ନାଁରେ କଳଙ୍କ ଲଗେଇଦେଲ। ତୁମେ ଜାଣିଛ, ମୁଁ କେବଳ ତୁମକୁ କେତେ ଭଲ ପାଉଥିଲି ଓ ଯତ୍ନ ନେଇଥିଲି। ତୁମ ତୁମର ଯତ୍ନ ନିଅ, ଭଗବାନ ତୁମର ମଙ୍ଗଳ କରନ୍ତୁ। ତୁମର ସବୁଠୁ ଛୋଟ ଆନନ୍ଦ ଓ ସବୁଠୁ ବଡ଼ ଦୁଃଖ ସମୟରେ ମୁଁ ତୁମ ସହ ଅଛି। ତୁମେ ସବୁଦିନ ମୋ' ହୃଦୟରେ ରହିବ, ସ୍ନେହ ସହ ମୁଁ ତୁମକୁ ବିଦାୟ ଦେଉଛି।'

ଅପରପକ୍ଷରେ ପ୍ରେମିକ ଅମର ଦାସଙ୍କୁ ବିବାହ କରିବାକୁ ପୂଜା ଚାହୁଁଥିବାବେଳେ ତାଙ୍କୁ କାଉନସେଲିଂ କରାଯାଉଛି। ଏବେ ପୂଜା ବାଲେଶ୍ୱରସ୍ଥିତ ନାରୀଶକ୍ତି ସଦନରେ ରହିଛନ୍ତି। ତାଙ୍କ ମାନସିକ ସ୍ଥିତି ସୁଧାରିବାକୁ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଓ କର୍ମଚାରୀମାନେ ବୁଝାଉଛନ୍ତି। ପୂଜା ଆମେରିକାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ସେ ଏଠାରେ ନର୍ସିଂ ପଢ଼ିବାକୁ ଚାହୁଁଛନ୍ତି ବୋଲି ସୂଚନା ମିଳିଛି। ତେବେ ପ୍ରଶାସନ ପକ୍ଷରୁ ପୂଜାଙ୍କ ପାଳିତ ମା'ଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଛି। ପୂଜା ଚାହିଁଲେ ପୁଣି ଥରେ ପାଳିତ ମା'ଙ୍କ ପାଖକୁ ଆମେରିକା ଚାଲିଯାଇ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପୂଜାଙ୍କୁ ତାଙ୍କ ପାଳିତ ମା' ନିର୍ଯାତନା ଦେଉଥିବା ଘଟଣା ପ୍ରଚାରିତ ହୋଇଥିଲା। ପୂଜା ଅମରଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ୭ରେ ଏହି ଖବର ପ୍ରଚାର ହୋଇଥିଲା। ପୂଜା ଭିଡିଓ ସେୟାର କରିଥିବାବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ପାଳିତ ମା'ଙ୍କ ବିରୋଧରେ ମିଛ କାହାଣୀ କହିଥିଲେ। ଏହାପରେ ପୂଜାଙ୍କୁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଗତ ୨୫ ତାରିଖରେ ଓଡ଼ିଶା ଫେରାଇ ଅଣାଯିବା ପରେ ସେ ପ୍ରେମ ପାଇଁ ମା'ଙ୍କ ବିରୋଧରେ ମିଛ କହିଥିଲେ ବୋଲି ପ୍ରକାଶ କରିଥିଲେ।


ପୂଜା ନାୟକ ଓରଫ ସେଜଲ ଜୋହନ


ମା' ସୁସି ଜୋହନ୍

# ଜଙ୍ଗଲରୁ ମିଳିଲେ ହଷ୍ଟେଲରୁ ନିଖୋଜ ୨୦ ଛାତ୍ର

କୋରାପୁଟ, ୧।୧୨
(ଅମିତାଭ ବେହେରା)

କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରୁ ରବିବାର ରାତିରୁ ୨୦ ଛାତ୍ର ନିଖୋଜ ରହିଥିଲେ। ସୋମବାର ଅଭିଭାବକମାନେ ଘଟଣା ସମ୍ପର୍କରେ ଖବର ପାଇ ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ୪ଟା ହଷ୍ଟେଲଠାରୁ ୯ କି.ମି. ଦୂର କୋଲାବ ଜଳଭଣ୍ଡାର ନିକଟ ଏକ ଗ୍ରାମର ଜଙ୍ଗଲରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଛାତ୍ର ହଷ୍ଟେଲକୁ ଫେରିଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଗୌଡ଼, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନେ ଗୋଟିଏ ରାତି ନିଖୋଜ ଥିବା ବେଳେ ଏ ସମ୍ପର୍କରେ କେହି କିପରି ଜାଣିପାରିଲେ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ସ୍କୁଲରେ ଆଖପାଖ ଶୁକୁ, ହାଟ ସୁକୁ, ପିତେଇ ଆଦି ଗ୍ରାମର ଆଦିବାସୀ ଛାତ୍ରମାନେ ରହି ପାଠ ପଢୁଛନ୍ତି। ଲଙ୍କାପୁଟ ହଷ୍ଟେଲରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ପଢୁଥିବା ୨୦ ଛାତ୍ର ରବିବାର ନିଖୋଜ ଥିବା ନେଇ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଫୋନ ଯୋଗେ ଖବର ଦିଆଯାଇଥିଲା। ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଖୋଜିବା ପରେ ପ୍ରାୟ ୯ କି.ମି. ଦୂର ପୁଟକେରେଙ୍ଗା ଗ୍ରାମ ନିକଟ ପାହାଡ଼ରୁ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ଦିନକ ପାଇଁ ଜଣେ ଶିକ୍ଷୟିତ୍ରୀ ତାଙ୍କ ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଉଦ୍ଧାର ହୋଇଥିବା ୨୦ ଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଡିଓ ସୂଚନା ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରାଙ୍କୁ ପଚାରିବାରୁ ୫ମ ଶ୍ରେଣୀର ୨ ଛାତ୍ର ମାରପିଟ୍ କରିବାରୁ ପିଲାମାନେ ହଷ୍ଟେଲରୁ ପଳାଇଥିଲେ ବୋଲି କହିଛନ୍ତି। ପିଲାମାନଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ମଙ୍ଗଳବାର ସେମାନଙ୍କୁ କାଉନ୍‌ସେଲିଂ କରାଯିବା ପରେ ଘଟଣାର ସତ୍ୟତା ସ୍ପଷ୍ଟ ହେବ ବୋଲି ବିଡିଓ ଗୌଡ଼ କହିଛନ୍ତି। ତେବେ ଛାତ୍ରମାନେ ରବିବାର ରାତିଠାରୁ ନିଖୋଜ ଥିବା ନେଇ ଅଭିଭାବକମାନେ ଯେଉଁ ଅଭିଯୋଗ ଆଣିଛନ୍ତି, ବିଡିଓ ଗୌଡ଼ ତାହାକୁ ଖଣ୍ଡନ କରିଛନ୍ତି। ଛାତ୍ରମାନେ ସୋମବାର ସକାଳୁ ହଷ୍ଟେଲ ଛାଡ଼ିଥିବା ସେ କହିଛନ୍ତି। ବିଦ୍ୟାଳୟରେ ବହୁମାତ୍ରାରେ ଛାତ୍ର ରହି ପଢୁଥିବା ବେଳେ ହଷ୍ଟେଲ ଦାୟିତ୍ୱରେ କେହି ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ଏଡିଇଓ ଜଗନ୍ନାଥ ଭତ୍ରା ସ୍କୁଲରେ ତଦନ୍ତ କରୁଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପ୍ରଦୂଷଣ ନିରାକରଣ ସଚେତନତା ପଦଯାତ୍ରା, ସ୍ଥାନ: ସୈନିକ ସ୍କୁଲ, ସମୟ: ସକାଳ ୮ଟା।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲର ୫୧ତମ ଆନୁଆଲ ଆଥଲେଟିକ୍ ମିଟ୍ ଉଦ୍ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ମା' ମାଣିକେଶ୍ୱରୀ ଦେବୀଙ୍କ ୪ର୍ଥ ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ନବବିଦ୍ୟା ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ବାଲିଅଣ୍ଟା ଚୁଡ଼ଙ୍ଗ କାକଡ଼ପଡ଼ା ନେଳକଣ୍ଠି ମା'ଙ୍କ ପାଠ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ପ୍ରସାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ ଯଜ୍ଞ, ସ୍ଥାନ: ଗଡ ନହରକଣ୍ଟାଛି ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପଲିଟେକ୍ନିକ୍ ଫିଲ୍ଡ ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଭଗ୍ନମାଳା ପ୍ରବଚନ ସଭା, ସ୍ଥାନ: ପୁରୁଣା ଷ୍ଟେଡିୟମ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଗୀତାଜ୍ଞାନ ମହାଯଜ୍ଞ, ସ୍ଥାନ: ବାଲିମୁଣ୍ଡା, ପଦ୍ମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟକ ଅନିରୁଦ୍ଧ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ, ପାଲା ପରିବେଷଣ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ତ୍ୟାଗଭୂମି ମହୋତ୍ସବର ଉଦ୍ଘାଟନୀ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭଦ୍ରକ ମହୋତ୍ସବ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ: ହାଟକେଶ୍ୱର, ହାଟଡିହି, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ: ହାଟକେଶ୍ୱର, ହାଟଡିହି, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଖରିଫ ଋତୁଧାନ ସଂଗ୍ରହ ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।

**ଅନୁଗୋଳ**
- ନବାହ୍ନ ପାରାୟଣରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମଲିପଦର, ସମୟ: ସନ୍ଧ୍ୟା ୭ଟା।

**ଜଗତ୍ସିଂହପୁର**
- ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଲେଡିଜ କ୍ଲବର ନାଟକ 'ଅଭିମାନିନୀ ଶ୍ରୀମତୀ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ଯୁବ ଉତ୍ସବ ପାଇଁ ଦଳଗତ ପ୍ରତିଯୋଗିତା, ସ୍ଥାନ:ଏଚ୍ଏନ୍ଏସ୍ କଲେଜ, ଚାନ୍ଦୋଳ, ଡେରାବିଶ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ଏସ୍ଜେ କଲେଜ, ରାଜନଗର, ମାର୍ଶାଘାଇ କଲେଜ, ମାର୍ଶାଘାଇ, ଏଲ୍ଏନ୍ କଲେଜ, କୋରୁଆ, ଗରଦପୁର, ଏସ୍ଏସ୍ବି କଲେଜ, ମହାକାଳପଡା, ଏସ୍ଏନ୍ କଲେଜ, ରାଜକନିକା, ଆଳି କଲେଜ, ଆଳି, ସମୟ:ପୂର୍ବାହ୍ନ ୧୦ଟା ।

**ଯାଜପୁର**
- ସପ୍ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ତାରିଣୀ ପୀଠ, ବାଲିବିଲ, ସମୟ: ସକାଳ ୮ଟା।
- ଶ୍ରୀମଦନ ମୋହନ ଜୀଉ ମନ୍ଦିରର ପ୍ରଥମ ବର୍ଷିକ ପ୍ରତିଷ୍ଠା ଦିବସ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିଛାଖଣ୍ଡି, ଧର୍ମଶାଳା, ସମୟ: ସକାଳ ୭ଟା୩୦।

**ନୟାଗଡ଼**
- ବ୍ୟଞ୍ଜନ ଦ୍ୱାଦଶୀ ପର୍ବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଆମୁଳା ଗୋକୁଳାନନ୍ଦ ପୀଠ, ସମୟ: ସକାଳ ୭ଟା।
- ଘୋଡ଼ାଲଗି ପର୍ବର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡ଼ାଲଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ଘୋଡ଼ାଲଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- କନ୍ଧମାଳ ଏମ୍ପିଙ୍କ ପକ୍ଷରୁ ଖେଳ ମହୋତ୍ସବର ୨ୟ ଦିବସ, ସ୍ଥାନ: ରଣିଆ କେସିଁ ବିଦ୍ୟାପୀଠ, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ସମାରୋହର ୨ୟ ଦିବସ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ୩୦।
- ନୟାଗଡ ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ନୟାଗଡ ବ୍ଲକ ଲାଠିପଡା ପିଏମ୍ଶ୍ରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଖବରକାଗଜ ମାଧ୍ୟମରେ ଘଟଣାର ବିଶ୍ଳେଷଣ, ସ୍ଥାନ: ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା।
- ଏଡସ୍ ସଚେତନତା ଶିବିରର ଉଦ୍ଘାଟନ ଦିବସ, ସ୍ଥାନ: ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଯାତ୍ରା ଆରମ୍ଭ, ସ୍ଥାନ: କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଡାବୁଗାଁ ବ୍ଲକ ଜୁନାପାଣିସ୍ଥିତ ପିଏମ୍ଶ୍ରୀ ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉମରକୋଟ ଜମାଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡଳ ପ୍ରସ୍ତୁତି ବୈଠକ, ସ୍ଥାନ:- ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତ୍ୟେକ ଶିଶୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କୀୟ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ମଶାଲ ଶୋଭାଯାତ୍ରା, ପରବ ଉଦ୍ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ସେମିଲିଗୁଡ଼ା, ସମୟ: ସକାଳ ୯ଟା।
- ପରବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା, ଟେଲିକମ ପଡ଼ିଆ, କୋରାପୁଟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରବ ଉଦ୍ଘାଟନୀ ଉତ୍ସବ, ସ୍ଥାନ: ନନ୍ଦପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।

# କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ରଙ୍କ ଆତ୍ମହତ୍ୟା

- ପ୍ରେମ ସମ୍ପର୍କକୁ ନେଇ ସହପାଠିନୀଙ୍କୁ ଦାୟୀ କଲେ ଛାତ୍ରଙ୍କ ମା'
- ପ୍ରେମିକାଙ୍କ ବାପା, ମା'ଏବଂ ଭାଇ ନାମରେ ଥାନାରେ ମାମଲା
- ଘଟଣା ସମ୍ପର୍କରେ ଥାନାରେ ଜଣାଇଛୁ, ପୋଲିସ ତଦନ୍ତ କରୁଛି: କିଟ୍

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ର ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। କ୍ୟାମ୍ପସ-୧୦ କେପି ୭ ଏବି ହଷ୍ଟେଲ ରୁମ୍‌ରୁ ଛାତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ଛତିଶଗଡ଼ ରାୟପୁରର ରାହୁଲ ଯାଦବ। ସେ କିଟ୍‌ରେ କମ୍ପ୍ୟୁଟର ସାଇନ୍ସ ପ୍ରଥମ ବର୍ଷର ଛାତ୍ର ଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର ଅପରାହ୍ନରେ ପରିବାର ଲୋକେ ପହଞ୍ଚିବା ପରେ ଏମ୍ସରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସାଇଣ୍ଟିଫିକ ଟିମ୍, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାହୁଲ୍ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଯାଞ୍ଚ କରିଥିଲେ। ଏପରିକି ହଷ୍ଟେଲରୁ ରାହୁଲଙ୍କ ଏକ ମୋବାଇଲ୍ ଫୋନ୍ ଏବଂ ଲାପ୍‌ଟପ ଜବତ କରି ପୋଲିସ ତଦନ୍ତ କରୁଛି। ଅପରପକ୍ଷରେ ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ଜଣେ ଯୁବତୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଦାୟୀ କରିଛନ୍ତି।

ରାହୁଲଙ୍କ ମୃତ୍ୟୁକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି ଯେ, ରବିବାର ରାତି ପ୍ରାୟ ୧୦:୪୫ ସମୟରେ ଇନ୍‌ଫୋସିଟି ଥାନାକୁ ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ପୋଲିସ ଅଧିକାରୀ ଭିତରପଟୁ ବନ୍ଦ ଥିବା କବାଟର ଲକ୍ ଭାଙ୍ଗି ଖୋଲିଥିଲେ। ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ମୃତଦେହକୁ ଜବତ କରାଯାଇ ନିକଟ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲର ଏମ୍ଏଲ୍ସି ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା କରିଥିଲା। ହଷ୍ଟେଲରେ ରହୁଥିବା ସାଙ୍ଗସାଥୀ, ରାହୁଲଙ୍କ ମା' ନିର୍ମଳା ଯାଦବଙ୍କ ବୟାନ ଏବଂ ସୋସିଆଲ ମିଡିଆ ଆଧାରରେ ପୋଲିସ ତଦନ୍ତ କରୁଛି। ନିର୍ମଳାଙ୍କ ସୂଚନା ଆଧାରରେ ଛତିଶଗଡ଼ର ଜଣେ ଯୁବତୀଙ୍କ ସହିତ ରାହୁଲଙ୍କ ପ୍ରେମସମ୍ପର୍କ ରହିଥିଲା। ସେ ଯୁବତୀ ବର୍ତ୍ତମାନ ମହାରାଷ୍ଟ୍ରରେ ପାଠ ପଢୁଛନ୍ତି। ହେଲେ ଯୁବତୀଙ୍କ ମା'ବାପା ଏବଂ ଭାଇ ରାହୁଲଙ୍କୁ ଧମକ ଦେବା ସହ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ରାହୁଲ ମାନସିକ ଚାପରେ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି। ରାହୁଲଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବତୀଙ୍କ ଭାଇ, ବାପା ଏବଂ ମା'ଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଅନ୍ୟପଟରେ ନିର୍ମଳା କହିଛନ୍ତି ଯେ, ଅନେକ ସମୟରେ ତାଙ୍କ ପୁଅକୁ ଉକ୍ତ ଯୁବତୀଙ୍କ ଘର ଲୋକଙ୍କ ପକ୍ଷରୁ ଧମକ ଦିଆଯାଉଥିଲା। କିଛିଦିନ ହେବ ତାଙ୍କ ପୁଅ ମାନସିକ ଚାପରେ ରହୁଥିଲେ। ପୁଅ ଉପରେ ନଜର ରଖିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ସେ କହିଥିଲେ। ହେଲେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ, ଯେଉଁଥିପାଇଁ ତାଙ୍କ ପୁଅ ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲା ବୋଲି ନିର୍ମଳା କହିଛନ୍ତି। ଏହି ଆତ୍ମହତ୍ୟା ଘଟଣାକୁ ନେଇ କିଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ପ୍ରେସ୍ ରିଲିଜ୍ ଜରିଆରେ ଲୋକ ସମ୍ପର୍କ ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଦିଆଯାଇଛି। ପୋଲିସ ତାହାର ତଦନ୍ତ କରୁଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ମାସ ମଧ୍ୟରେ କିଟ୍‌ରେ ୩ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଫେବ୍ରୁଆରୀ ୧୬ରେ ବିଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଜଣେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିବାବେଳେ ମେ ୧ତାରିଖରେ ଆଉ ଜଣେ ଛାତ୍ରୀ ପ୍ରିସାଙ୍କ ମୃତ୍ୟୁ ଘଟିଥିଲା।

**ପ୍ରଥମ ପୃଷ୍ଠାରୁ...**

## ୪ ଖେଳାଳିଙ୍କୁ...

ଓ ରାଜ୍ୟ ପାଇଁ ଯଶ ଆଣିଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆପଣମାନେ ପ୍ରେରଣା ହୋଇଛନ୍ତି''। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଜାରି ରଖିବାକୁ ସେ ଏହି ଅବସରରେ ଖେଳାଳିମାନଙ୍କୁ ଉପଦେଶ ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦଳର କୋଚ ଦେବାଶିଷ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦେଶବ୍ୟାପୀ ତଦନ୍ତ...

ଦେବାକୁ ଖଣ୍ଡପୀଠ ଆର୍‌ବିଆଇକୁ ନୋଟିସ ଜାରି କରିଛନ୍ତି। ହରିୟାଣାର ଏକ ବୟସ୍କ ଦମ୍ପତିଙ୍କ ଅଭିଯୋଗ ଆଧାରରେ ସୁପ୍ରିମକୋର୍ଟ ଉକ୍ତ ମାମଲାକୁ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଖଣ୍ଡପୀଠ କହିଛନ୍ତି, ମୁଖ୍ୟତଃ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରି ସେମାନଙ୍କ କଷ୍ଟଲବ୍ଧ ଅର୍ଥକୁ ଶୋଷଣ କରୁଛନ୍ତି। ମାମଲାରେ ସବିଶେଷ ତଥ୍ୟ ସିବିଆଇକୁ ଦେବା ସହ ତଦନ୍ତରେ ସହାୟତା କରିବା ପାଇଁ ଖଣ୍ଡପୀଠ ସୂଚନା ପ୍ରଯୁକ୍ତି ମଧ୍ୟସ୍ଥମାନଙ୍କୁ କହିଛନ୍ତି। ବିଦେଶରୁ ଏହି ଅପରାଧ ପରିଚାଳିତ ହେଉଥିଲେ, ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବା ନିମନ୍ତେ ଇଣ୍ଟରପୋଲ୍‌ର ସହାୟତା ନେବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ପରାମର୍ଶ ଦେଇଛନ୍ତି। ସେହିପରି ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯେପରି ଜଣେ ୟୁଜର କିମ୍ବା ଗୋଟିଏ ସଂସ୍ଥାକୁ ଏକାଧିକ ସିମ୍ କାର୍ଡ ଇସ୍ୟୁ ନ କରିବେ, ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ଟେଲିକମ୍ ବିଭାଗକୁ କହିଛନ୍ତି। ସିବିଆଇ ସହିତ ଉତ୍ତମ ସମନ୍ୱୟ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଞ୍ଚଳିକ ତଥା ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଏହିପ୍ରସଙ୍ଗରେ ସ୍ୱରାଷ୍ଟ୍ର, ଟେଲିକମ୍, ଅର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ମତାମତ ସଂଗ୍ରହ କରିବା ପାଇଁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି।

## ବିଦା ହେଲେଣି ୪୯...

ଇତିମଧ୍ୟରେ ସମୁଦାୟ ୧୭୬୮ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୫୧ ଜଣଙ୍କୁ ବେଆଇନ ବାଂଲାଦେଶୀ ଭାବେ ଘୋଷଣା କରାଯାଇଛି। ଏବେ ବି ୫୦ ସନ୍ଦିଗ୍ଧଙ୍କର ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସ୍ୱତନ୍ତ୍ର ଆପ୍ ଜରିଆରେ ଅନୁପ୍ରବେଶକାରୀ ବାଂଲାଦେଶୀ ଚିହ୍ନଟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ ଗୋଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ଜିଲାଗୁଡ଼ିକୁ ଲଗାତର ପରିଦର୍ଶନ କରୁଛନ୍ତି। ଏତଦ୍‌ବ୍ୟତୀତ, ସୀମା ସୁରକ୍ଷା ବାହିନୀ, ପଶ୍ଚିମବଙ୍ଗ ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## କେନ୍ଦ୍ରାପଡ଼ାରେ ଚିହ୍ନଟ...

କରିଥିବା ସମୟରେ ଜଙ୍ଗଲ ଜମିକୁ ଜବରଦଖଲ କରି ରହିବା ସୁଯୋଗ ପାଉଛନ୍ତି। ଏପରିକି ପ୍ରଶାସନିକ ଅଧିକାରୀ ଓ ବନ ବିଭାଗ ଜଙ୍ଗଲ ଜମି ଜବରଦଖଲ ସମୟରେ କୌଣସି କାରଣରୁ ନୀରବ ରହୁଛନ୍ତି। ଏହି ଜିଲାରେ ୧୯୨୯ ମସିହାରେ ଭୂବନ୍ଦୋବସ୍ତ ହୋଇଥିଲା। ତତ୍କାଳୀନ ସମୟରେ ଜଙ୍ଗଲ ଜମି ହ୍ରାସ ସମ୍ପର୍କରେ କୌଣସି ସମୀକ୍ଷା ହେଉନାହିଁ ଅପରପକ୍ଷରେ ୨୦୦୪ ମସିହାରେ ଚିହ୍ନଟ ହୋଇଥିବା ୧,୬୪୯ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡ଼ା ବ୍ଲକର ୧,୫୫୧ଙ୍କୁ ଦେଶାନ୍ତର ନୋଟିସ ମିଳିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଜିଲା ପୋଲିସ ପକ୍ଷରୁ କେବଳ ଧରପଗଡ଼ ଚାଲିଛି। ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଛାଡ଼ି ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଜିଲାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ତଥ୍ୟ ଉଜାଗର କରୁଥିବା ସମୟରେ ଜଣେ ହେଲେ ଚିହ୍ନଟ ନ ହେବାରେ ପୋଲିସ ପ୍ରଶାସନ ବାଟବଣା ହୋଇଥିବା ଉପରୋକ୍ତ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଖୁବ୍ ଶୀଘ୍ର ଜିଲା ପୋଲିସ ପକ୍ଷରୁ ଏନେଇ ସୂଚନା ମିଳିଯିବ।

## 'ରାଜଭବନ' ହେଲା...

ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ରାଜ୍ୟପାଳ କମ୍ଭମପାଟି କହିଛନ୍ତି, ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତକରେ। 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ। 'ଲୋକ ଭବନ ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ କାର୍ଯ୍ୟକରି ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

## ଜନଶୁଣାଣି ଶିବିରରେ...

ବାପ ଘରେ ନିଜ ଛୋଟ ପୁଅ ସହ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ମଙ୍ଗଳ ଯୋଜନାରେ ସରକାରୀ ଅର୍ଥ ୨୦ହଜାର ଟଙ୍କା ପାଇବା ପାଇଁ ସସ୍ମିତା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ତେବେ ଲିଗାଲ ହେୟାର୍ ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତାଙ୍କୁ ଫେରାଇ ଦେଇଥିଲେ। ପରେ ସେ ଏନେଇ ବାଙ୍ଗୀ ତହସିଲଦାର, ସ୍ଥାନୀୟ ଆର୍‌ଆଇ, ବିଡିଓ ଏବଂ ଉପଜିଲାପାଳଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସସ୍ମିତା ଜିଲାପାଳଙ୍କ ନିକଟରେ ଦୁଇ ଥର ଅଭିଯୋଗ କରିଥିଲେ। ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ବାରମ୍ବାର ଅଭିଯୋଗ ପରେ ବି ସହାୟତା ରାଶି ନ ମିଳିବାରୁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପୁଅକୁ ନେଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ସସ୍ମିତା ନିଷ୍ପତ୍ତି ନେଇଥିଲେ। ଏନେଇ ଜିଲାପାଳଙ୍କୁ ଶିବିରରେ ଦେଖା କରିବା ପରେ ପୂର୍ବଭଳି ଉତ୍ତର ମିଳିବାରୁ ବାହାରକୁ ଆସି ପେଟ୍ରୋଲ୍ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ସସ୍ମିତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କଲ୍ୟାଣ ଅଧିକାରିଣୀ ସସ୍ମିତା ସେଠୀଙ୍କୁ ପଚାରିବାରୁ ସେ କହିଲେ ତାଙ୍କ ଆବେଦନରେ ତ୍ରୁଟି ଥିଲା। ସେଥିପାଇଁ ଟଙ୍କା ମଞ୍ଜୁରୀ ହୋଇପାରିନାହିଁ। ବାଙ୍ଗୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ସସ୍ମିତାଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ପୁଣି ଚର୍ଚ୍ଚାରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରଠାରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ୍ ଦେବା ଉପରେ ନିଷେଧାଜ୍ଞା କରାଯାଇଥିଲା। ହେଲେ ଏ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଉଥିବା ସୋମବାର ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଜିଲାପାଳଙ୍କ ଜନଶୁଣାଣିରେ ପୋଲିସ ମୁତୟନ ସତ୍ତ୍ୱେ ମହିଳା ଜଣକ ପେଟ୍ରୋଲ କିପରି ଆଣି ଆସିଲେ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବାଙ୍ଗୀ ଅଞ୍ଚଳରେ ପୋଲିସ ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଚଢ଼ାଉ ଠିକ୍ ଭାବେ ହେଉ ନ ଥିବାରୁ ବହୁ ପେଟ୍ରୋଲ ପମ୍ପରେ ଲୁଚାଛପା ପ୍ଲାଷ୍ଟିକ ବୋତଲରେ ଏବେବି ପେଟ୍ରୋଲ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ଅଭିଯୋଗ ଶୁଣାଣିରେ...

ସେତେବେଳେ ଧଳ ପରିବାର ଲୋକେ ଓ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ସାକ୍ଷୀ ଭାବେ ସେହି କାଗଜପତ୍ରରେ ଦସ୍ତଖତ କରିଥିଲେ। ଗତବର୍ଷ ପ୍ରଶାନ୍ତଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। ଏହାର ତିନି/ଚାରି ମାସ ପରେ ପ୍ରଶାନ୍ତଙ୍କ ପରିବାର ଲୋକଙ୍କୁ ମହିଳା ଜଣକ ଟଙ୍କା ଫେରାଇବାକୁ କହିଥିଲେ। ସେମାନେ ଦେଇଦେବେ ବୋଲି ପ୍ରତିଶ୍ରୁତି ଦେଇ ଥରେ ୧୦ହଜାର ଟଙ୍କା ଦେଇଥିଲେ। ହେଲେ ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରିବା ସହ ମାରପିଟ ମଧ୍ୟ କରିଥିଲେ। ଏନେଇ ସେତେବେଳେ ମହିଳା ଜଣକ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଥାନା ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଥିଲେ। ପରେ ଥାନା ଅଧିକାରୀଙ୍କ ବଦଳି ହୋଇଯିବାରୁ ନୂଆ ଅଧିକାରୀ ଭାବେ ଓମ୍‌ନାରାୟଣ ପାତ୍ର ଯୋଗଦେଇଥିଲେ। ମହିଳା ଜଣକ ନୂଆ ଥାନାବାବୁଙ୍କୁ ମଧ୍ୟ ତାଙ୍କ ଟଙ୍କା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ହେଲେ ଥାନା ବାବୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏନେଇ ମହିଳା ଜଣକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ନ୍ୟାୟ ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ହିଁ ଆତ୍ମହତ୍ୟା କରିବେ ବୋଲି କହି ଝରକାରେ ନିଜ ଶାଢ଼ି ପଣତକାନି ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହାନ୍ତି ଦେଖି ତାଙ୍କୁ ଏପରି ନ କରିବା ପାଇଁ କହି ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଶାନ୍ତ ପଡ଼ିଥିଲେ। ଏନେଇ ଥାନା ଅଧିକାରୀ ପାତ୍ରଙ୍କ କହିବା ହେଲା, ମହିଳା ତାଙ୍କ ବିରୋଧରେ ଯେଉଁ ଅଶାଳୀନ ବ୍ୟବହାର କରିବା ନେଇ ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ପ୍ରଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜଗଦୀଶଙ୍କୁ ଥାନାକୁ ଡକାଯାଇଛି। ଜଗଦୀଶ କୌଣସି କାଗଜରେ ଦସ୍ତଖତ କରି ନ ଥିବା କହିଛନ୍ତି। ତେଣୁ ଘଟଣାର ତଦନ୍ତ ଜାରି ରହିଛି ବୋଲି ପାତ୍ର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଭାଗ୍ୟ କାଳେ ବିପରୀତ ବାଣୀ,**
**ଚାଳରୁ ମୂଷା ପଡ଼ି ମାରନ୍ତି କହୁଣି ।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡ଼ି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥଳେ ଅତି ନ୍ୟୂନସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଁଠା ଭାତେ ଘିଅ,**
**ପ୍ରେତେ ଖାଇତେ ଦିଅ ।**

ସାଧାରଣତଃ ଅଇଁଠା ବା ଥଣ୍ଡା ଭାତରେ ଘିଅ ଦେବା ନେଇ ବାରଣ କରାଯାଇଥାଏ। ଅଇଁଠା ଭାତରେ ଘିଅ ଦେଇ ଖାଇବା ପ୍ରେତ ଖାଇବା ସହ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ଅଣ୍ଡାଜନିତ ପୀଡ଼ାନୁଭବ ସାଙ୍ଗକୁ ଧୈର୍ଯ୍ୟହରା, ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**ବୃଷ** ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇବେ। କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ। ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେବେ। ବନ୍ଧୁଙ୍କ ସହଯୋଗରେ ଶିଳ୍ପ, ବାଣିଜ୍ୟ, ପରିବହନ ଭଲରେ ଚାଲିବ।

**ମିଥୁନ** ମୁଖଭାବରେ ଗୁରୁଥିବାରୁ ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ବନ୍ଧୁଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ପ୍ରତି ବୁଧଙ୍କ ଦୃଷ୍ଟିରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ସହକର୍ମୀଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

**ସିଂହ** ଧନାଧିପତିଙ୍କ ପ୍ରଭାବରେ ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ଉପୁଜିବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେଣନେଣକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା** ଆଜି ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ତୃତୀୟାଧିପତିଙ୍କ ପ୍ରଭାବରେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିର୍ଦ୍ଦିଷ୍ଟ କାରଣ ନ ଥାଇ ସାୟାହ୍ନେ ମନଟା ଭଲ ଲାଗିବ ନାହିଁ।

**ବିଛା** କୋଣଭାବସ୍ଥ ଶନି ମାନସିକ ଉଦାସୀନତା ସୃଷ୍ଟିକରି ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତି ଓ ମନୋରଞ୍ଜନରେ ଉତ୍ସାହିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ** ଅନୁକୂଳ ଗ୍ରହସ୍ଥିତିରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀ କିମ୍ବା ଆତ୍ମୀୟମାନେ ଦୂରେଇ ରହିପାରନ୍ତି।

**ମକର** ଏକାଦଶସ୍ଥ ଗ୍ରହଜନିତ ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବିଶେଷ ଲାଭ ପାଇବେ।

**କୁମ୍ଭ** ଆଜି ଦିନରେ ବହୁତ ଭଲ କାମ କରିବେ। ପୂର୍ବ ଚିନ୍ତିତ ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଦ୍ୱାଦଶସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟିରୁ ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ** କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ବାକି ରହିଥିବା ଅର୍ଥ ଆଦାୟ କରିବାକୁ ଯାଇ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ମଙ୍ଗଳବାର। ଦିବା ଘ. ୦୩.୫୭ ଗତେ ଅନଙ୍ଗ ତ୍ରୟୋଦଶୀ। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୯ ଗତେ ଘ.୦୬.୫୨ ମଧ୍ୟେ, ଘ.୦୮.୫୨ ଗତେ ଘ.୧୧.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୧୯ ଗତେ ଘ.୦୩.୪୦ ମଧ୍ୟେ ରାହୁ କାଳ।

## ସଡ଼କ ସୁରକ୍ଷା

# ୧୯ ମାସରେ ୫୯.୭୦ କୋଟି ଖର୍ଚ୍ଚ

### ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ବହୁ ଦୂରରେ

ଯାଜପୁର,୧।୧୨ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ୨୦୨୪ ଜାନୁଆରୀରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୯ ମାସରେ ସରକାରଙ୍କ ତହବିଲରୁ ୫୯ କୋଟି ୭୦ ଲକ୍ଷ ୨୭ ହଜାର ୭୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ୨୦୨୪ର ଅର୍ଥାତ୍ ୩୬୫ ଦିନରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣା ଘଟି ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଓଡ଼ିଶାରେ ଗୋଟିଏ ଦିନରେ ୧୬ରୁ ଊର୍ଦ୍ଧ୍ୱ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଗତ ୩ ବର୍ଷର ରିପୋର୍ଟକୁ ହିସାବକୁ ନେଲେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଥିବା ଉପରୋକ୍ତ ବିପୁଳ କୋଟି ଟଙ୍କାର ଲାଭ କେତେ ମିଳିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା କେତେ ହେଲା ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ରୋଡ୍ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକର ଏକ ରିପୋର୍ଟ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ୨୮।୧୧।୨୦୨୫ରେ କଟକ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରୋଡ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକ ରିପୋର୍ଟଅନୁସାରେ ରାଜ୍ୟର ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ହେଉଥିବା ପୋଲିସ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଓ ରାଉରକେଲାରେ ୫୦୦ ଟ୍ରାଫିକ ୱାର୍ଡେନଙ୍କୁ ମୁତୟନ କରାଯାଇଛି। ଏଥିପାଇଁ ଜଣେ ଟ୍ରାଫିକ ୱାର୍ଡେନ ପିଛା ମାସକୁ ୨୩,୩୦୦ ଟଙ୍କା ହିସାବରେ ୩ ମାସ ପାଇଁ ୩ କୋଟି ୪୯ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୮୧୦ ଜଣ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ(ଏସ୍‌ଟିଭି) ମୁତୟନ ହୋଇଥିବାବେଳେ ଜଣ ପିଛା ୨୦୦ ଟଙ୍କା ହିସାବରେ ୧୮୦ ଦିନ ପାଇଁ ୨ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାବାଦ୍ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ହେଭି ଭେହିକିଲ ଡ୍ରାଇଭରମାନଙ୍କୁ ମାଗଣାରେ ଚା ବଣ୍ଟନ ପାଇଁ ୫.୫୫ ଲକ୍ଷ ଟଙ୍କା, ନ୍ୟାଶନାଲ ରୋଡ ସେଫ୍ଟି ମାସ ପାଳନରେ ୨ କୋଟି ୧୦ ଲକ୍ଷ, ୬୩ ହଜାର ୯୪୯ ଟଙ୍କା, ପୁରସ୍କାର ବାବଦକୁ ୧୪.୨୦ ଲକ୍ଷ ଟଙ୍କା, ୨୦୨୪ ବାଲିଯାତ୍ରା ଉତ୍ସବରେ ସଡ଼କ ସୁରକ୍ଷା ଷ୍ଟଲ ପାଇଁ ୭ ଲକ୍ଷ ଟଙ୍କା, ରଥଯାତ୍ରା ସମୟରେ ଓଆର୍‌ଏସ୍ କ୍ରୟ ପାଇଁ ୧ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ପାଇଁ ୨୯,୪୬,୭୯୯ ଟଙ୍କା, ରାଜ୍ୟର ୮୦ ସିନେମା ହଲ୍‌ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପାଇଁ ୫୨.୧୭ ଲକ୍ଷ ଟଙ୍କା, ସ୍କୁଲଗୁଡ଼ିକରେ ଟ୍ରାଫିକ କ୍ଲବ୍ ଖୋଲିବା ପାଇଁ ୫୦ ଲକ୍ଷ ଟଙ୍କା ଇତ୍ୟାଦି ବାବଦକୁ ଖର୍ଚ୍ଚ କରାଯାଇଛି। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପୋଲିସ ଦ୍ୱାରା ସଡ଼କ ସୁରକ୍ଷା ଉପକରଣ କ୍ରୟ ବାବଦକୁ ୧୧ କୋଟି ୨୬ ଲକ୍ଷ ଟଙ୍କା, ମେଡିକାଲ ସେନ୍‌ସର ଇଣ୍ଡିଆ ପ୍ରାଇଭେଟ୍ ଲିଃ ଦ୍ୱାରା ସିଏମ୍‌ସି ଇକ୍ୟୁପମେଣ୍ଟ ସ୍ଥାପନ ପାଇଁ ୯୫.୯୫ ଲକ୍ଷ ଟଙ୍କା, ଦିଶା ପ୍ରକଳ୍ପରେ ନେଟ୍‌ୱର୍କ କନେକ୍ସନ ପାଇଁ ୧.୮୦ କୋଟି ଟଙ୍କା, ବିଏସ୍‌ଏନ୍‌ଏଲ୍‌କୁ ୧ କୋଟି ୨୮ ହଜାର ଟଙ୍କା, ଇଣ୍ଟରସେପ୍ଟର ଭେହିକିଲ ପାଇଁ ୧.୫୮ କୋଟି ଟଙ୍କା ଆଦି ଖର୍ଚ୍ଚ ହୋଇଛି। ସେହିପରି କ୍ୟାପାସିଟି ବିଲ୍ଡିଂ, ଗମନାଗମନ, କନସଲଟିଂ ଇତ୍ୟାଦି କ୍ଷେତ୍ରରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ବିଶେଷକରି ହେଲମେଟ୍ ପରିଧାନ ନ କରି ଗାଡ଼ି ଚଳାଇବା, ମଦ୍ୟପାନ ଓ ମୋବାଇଲ ଫୋନ ଧରିବା ସହ ଅଧିକ ବେଗରେ ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି ବିଭିନ୍ନ ବୈଠକରେ ମତପ୍ରକାଶ ପାଇଆସୁଛି। ଏହିକ୍ରମରେ ଗତ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁପକ୍ଷ ପାଳନ ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଅଧିକ ହେଉଥିବା ପୂର୍ବ ରିପୋର୍ଟକୁ ଅବଲୋକନ କଲେ ସ୍ପଷ୍ଟ ହେଉଛି। ତ୍ରୁଟିପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ, ନିମ୍ନମାନର କାର୍ଯ୍ୟ ଯୋଗୁ ଏନ୍‌ଏଚ୍‌ରେ ଖାଲଢିପ ବୃଦ୍ଧି, ନିର୍ମାଣ ସମ୍ପୂର୍ଣ୍ଣରେ ବିଳମ୍ବ, ବେଆଇନ ପାର୍କିଂ ଆଦି ଯୋଗୁ ଦୁର୍ଘଟଣା ମୃତ୍ୟୁହାର ଅଣାୟତ୍ତ ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର, ୧୬ ନମ୍ବର ଓ ୫୩ ନମ୍ବର ଏନ୍‌ଏଚ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଅନ୍ୟପକ୍ଷେ ଦୁର୍ଘଟଣାରେ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା ମୃତ୍ୟୁହାର ବୃଦ୍ଧିର ଅନ୍ୟତମ କାରଣ ବୋଲି ମତପ୍ରକାଶ ପାଇଛି।

# ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ହାଲୁକା ବର୍ଷା

### ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଘୂର୍ଣ୍ଣିଝଡ଼ 'ଡିଟ୍‌ୱା' ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଶୀତ ପ୍ରକୋପ ସାମାନ୍ୟ କମିଛି। ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ହ୍ରାସ ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ଗଜପତି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, କନ୍ଧମାଳ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ହାଲୁକାରୁ ହାଲୁକା ଧରଣର ବର୍ଷା ହୋଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ କୁହୁଡ଼ି ପଡ଼ିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଏବଂ ଅନୁଗୋଳ ଜିଲାରେ ଘନ କୁହୁଡ଼ି ପଡ଼ିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଷ୍କ ରହିଥିବାବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ବର୍ଷା ନେଇ କୌଣସି ସୂଚନା ଦିଆଯାଇ ନାହିଁ। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିଠାରେ ୧୧.୫ ଡିଗ୍ରୀ ହୋଇଥିବାବେଳେ ପୁରୀରେ ସର୍ବାଧିକ ୨୯.୨ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ଝାରସୁଗୁଡ଼ାରେ ୧୩.୭ ଡିଗ୍ରୀ, ବୌଦ୍ଧ ୧୩.୮, ଫୁଲବାଣୀ, କେନ୍ଦୁଝରଗଡ଼ ଏବଂ ବୌଦ୍ଧରେ ୧୪, କୋରାପୁଟରେ ୧୪.୨, ରାଉରକେଲାରେ ୧୪.୫, ଅନୁଗୋଳ ଓ ଢେଙ୍କାନାଳରେ ୧୪.୬, କଟକରେ ୧୫.୬ ଏବଂ ଭୁବନେଶ୍ୱରରେ ୧୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ-ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ଗଭୀର ଅବପାତ (ଘୂର୍ଣ୍ଣିଝଡ଼ ଡିଟ୍‌ୱାର ଅବଶିଷ୍ଟାଂଶ) ସୋମବାର ସକାଳ ୮.୩୦ରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ କେନ୍ଦ୍ରିତ ହୋଇଥିଲା। ଏହା ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ସହ ସମାନ୍ତରାଳ ଭାବେ ଧୀରେ ଧୀରେ ଉତ୍ତର ଆଡ଼କୁ ଗତିକରି ଆସନ୍ତା ୧୨ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଏହି ପ୍ରଣାଳୀ ସୋମବାର ମଧ୍ୟାହ୍ନ ସୁଦ୍ଧା ଚେନ୍ନାଇ ଉପକୂଳରୁ ଅତି କମ୍‌ରେ ୩୦ କି.ମି. ଦୂରତା ମଧ୍ୟରେ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ

### ଦେଢ଼ବର୍ଷରେ ୮୨ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

ରାଜ୍ୟରେ ବହୁ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ସେମାନଙ୍କ ସମ୍ପତ୍ତି ସାମ୍ରାଜ୍ୟ ପଦାକୁ ଆସୁଛି। ଘର ଯାଞ୍ଚ ବେଳେ ବିପୁଳ ସୁନା ଅଳଙ୍କାର ଓ ନଗଦ ଟଙ୍କା ମିଳୁଛି। ସରକାରୀ କର୍ମଚାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ସଭିଏଁ ଚକିତ ହେଉଛନ୍ତି। ରାଜ୍ୟରେ ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ରଖିଛନ୍ତି। ରାୟଗଡ଼ା ବିଧାୟକ କାଡ୍ରାକା ଆପଲ ସ୍ୱାମୀଙ୍କ ଅଣତାରକା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ରଖିଥିବା ଉତ୍ତରରୁ ସରକାରୀ ବାବୁଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂତନ ସରକାର ଆସିବା ପରେ ଅର୍ଥାତ ୨୦୨୪ ଜୁନ ୧୨ଠାରୁ ଚଳିତବର୍ଷ ନଭେମ୍ବର ୨୧ ତାରିଖ ମଧ୍ୟରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଦ୍ୱାରା ମୋଟ ୩୧୮ ମାମଲା ରୁଜୁ କରାଯାଇ ଚଢ଼ାଉ କରାଯାଇଛି। ଏଥିମଧ୍ୟରୁ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଲାଞ୍ଚ ମାମଲାରେ ୨୬୬ ଜଣ ସରକାରୀ ଅଧିକାରୀ ତଥା କର୍ମଚାରୀ, ୧୨ଜଣ ଅନ୍ୟ ଲୋକସେବକ ଏବଂ ୩୮ ଜଣ ସାଧାରଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଭିଜିଲାନ୍ସ କୋର୍ଟରେ ୧୮୭ ଜଣ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଦଣ୍ଡାଦେଶ ଆଧାରରେ ୩୪ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିପରି ୬୫ ଜଣ ସରକାରୀ କର୍ମଚାରୀଙ୍କ ପେନସନ୍ ରାଶି ବନ୍ଦ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩୧ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଏକାଧିକ ଥର ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।



ସୋମବାର କୋଣାର୍କ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତନାଟ୍ୟମ ନୃତ୍ୟ 'ଶିବଭହୋମ' ପରିବେଷଣ କରାଯାଉଛି। (ଜ୍ୟୋତିରାଜ ମହାନ୍ତି)

## ବିଜେଡି ଛାଡ଼ିଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର,୧।୧୨(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)



ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ

ଭଦ୍ରକରେ ବିଜେଡି ଗଡ଼ ଦୋହଲିବାରେ ଲାଗିଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ି ଯାଉଛନ୍ତି। ଦୁଇଦିନ ତଳେ ବନ୍ତ, ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେବା ଚର୍ଚ୍ଚା ଥମି ନ ଥିବାବେଳେ ସୋମବାର ଦଳ ଛାଡ଼ିଛନ୍ତି ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଯାହାକି ବିଜେଡିକୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ବିଶ୍ୱାଳ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଦଳ ଛାଡୁଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍: ବିରୋଧୀ

- ଜନ ବିଶ୍ୱାସ ବିଲ୍ ୨୦୨୫ ଉପସ୍ଥାପନ
- କେନ୍ଦ୍ର ସରକାର ୨୦୨୩ରୁ ସବୁ ରାଜ୍ୟକୁ ବିଲ୍ ଲାଗୁ କରିବାକୁ କହିଥିଲେ

ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ବିଧାନସଭାରେ ସୋମବାର ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୫ ଉପସ୍ଥାପିତ ହୋଇଛି। ଏହି ବିଲ୍ ଉପସ୍ଥାପନ କରି ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଭାରତ ସରକାର ୨୦୨୩ରୁ ଜନ ବିଶ୍ୱାସ ବିଲ୍ ଲାଗୁ କରିଥିଲେ। ଏହାପରେ ସବୁ ରାଜ୍ୟରେ ଉକ୍ତ ବିଲ୍ ଆଣିବା ଲାଗି କେନ୍ଦ୍ର ସରକାର କହିଥିଲେ। ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଛତିଶଗଡ଼, ହରିୟାଣା, ତ୍ରିପୁରା ଏବଂ ମେଘାଳୟ ଭଳି ୯ଟି ରାଜ୍ୟ ଏହି ବିଲ୍ ଲାଗୁ କରିସାରିଛନ୍ତି। ଉକ୍ତ ବିଲ୍‌ରେ ମୁଖ୍ୟତଃ ୧୬ଟି ବିଲ୍ ରଖାଯାଇଛି। ଏହି ବିଲ୍‌ରେ ମୁଖ୍ୟତଃ ୪ଟି ସଂଶୋଧନ ପ୍ରସ୍ତାବ ରହିଛି। ରାଜ୍ୟରେ ନିବେଶକଙ୍କ ପାଇଁ ଏକ ଭଲ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କୁ ସୁଦୃଢ଼କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଅନ୍ୟପଟେ ବିରୋଧୀ କଂଗ୍ରେସ ଏବଂ ବିଜେଡି ଏହାକୁ ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍ ବୋଲି କହିଛନ୍ତି।

ବିଜେଡି ପକ୍ଷରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଜନ ବିଶ୍ୱାସ ଏବଂ ଜନ ଅବିଶ୍ୱାସରେ ପରିଣତ ହେବାକୁ ଯାଉଛି। ସରକାର ଯେଉଁ ନିଷ୍ପତ୍ତି ନେବାକୁ ଚାହଁଛନ୍ତି ସେଥିରୁ ବିରତି ରୁହନ୍ତୁ। ନ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଗଞ୍ଜାମରେ ଜୁଆଖେଳ ବନ୍ଦ କରିବା ପାଇଁ ଯେଉଁ ପ୍ରାବଧାନ ରହିଥିଲା ତାକୁ ପରିବର୍ତ୍ତନକରି ପଇସା ଦେଇ ଖସିଯିବା ପାଇଁ ବାଟ ତିଆରି କରାଯାଇଛି। ଏଣିକି ଆଉ ଜୁଆ ଖେଳିଲେ ପୋଲିସ ଧରିବ ନାହିଁ। ଏଥିରେ ସରକାରଙ୍କ ପ୍ରତି ଯାହା ଜନ ବିଶ୍ୱାସ ବଢ଼ିବ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ବିଲ୍‌ରେ ଆଉ ଏକ ବ୍ୟବସ୍ଥା କରାଯାଇଛି, ଓଡ଼ିଶା ବିଦ୍ୟୁତ୍(ଦେୟ) ଅଧିନିୟମ ଅଣାଯାଇଛି। ଏହାଦ୍ୱାରା ଟାଟା ଭଳି କମ୍ପାନୀକୁ ସାହାଯ୍ୟ କରିବାକୁ ବାଟ ତିଆରି ହେବ। ଏଣିକି ବିଦ୍ୟୁତ୍ ବିଲ୍ ବଢ଼ିଚାଲିଥିବା ବେଳେ ଟାଟା କମ୍ପାନୀ ଯେଉଁସବୁ ସୁବିଧା ଦେବା କଥା ସେସବୁ ନ ଦେଇ ଦେୟ ଫାଙ୍କିବାରେ ଲାଗିଛି। ହେଲେ ସେହି କମ୍ପାନୀ ଭୁଲ୍ କଲେ ମଧ୍ୟ ସେମାନଙ୍କୁ ଆଉ ଆଗକୁ ଧରିହେବ ନାହିଁ। କାରଣ ସରକାର ଇଜ୍ ଅଫ୍ ଡୁଇଙ୍ଗ୍ ଆକ୍ଟରେ ଚଲାଇବେ। ଯେଉଁ ୧୬ଟା ବିଲ୍ ମିଶାଇ ଜନ ବିଶ୍ୱାସ ବିଲ୍ କରି ଆଣିଛନ୍ତି ଏଥିରେ ଗରିବମାନେ ମରିବେ ବୋଲି ରଣେନ୍ଦ୍ର କହିଛନ୍ତି।

ସେହିପରି ଏହି ଜନ ବିଶ୍ୱାସ ବିଲ୍ ଭିତରେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ରହିଥିବାରୁ ବିରୋଧୀ ସଦସ୍ୟମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗୋଟିଏ ବିଲ୍ ୨ ଥର ସରକାର କାହିଁକି ଆଣୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଥିଲେ।

## ଏଡ୍‌ସ ନିୟନ୍ତ୍ରଣ ପାଇଁ ସଚେତନତା ଆବଶ୍ୟକ

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ଏଡ୍‌ସ ରୋଗ ନିୟନ୍ତ୍ରଣ କରିବାକୁ ଜନ ସଚେତନତା ଆବଶ୍ୟକ। ଏଥିନିମନ୍ତେ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସ୍ତରରେ କରାଯାଉଛି। ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିଲେ ମୂଳ ଉଦ୍ଦେଶ୍ୟ ସାଧିତ ହେବ ଏବଂ ଏଡ୍‌ସକୁ ସମୂଳ ନିୟନ୍ତ୍ରଣ କରିବାକୁ ସଫଳ ହେବା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସୋମବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ କ୍ୟାପିଟାଲ ହସ୍ପିଟାଲଠାରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଲେ, ଏଡ୍‌ସ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତ ରୋଗୀଙ୍କୁ ଘୃଣା ନ କରି ଆବଶ୍ୟକୀୟ ଚିକିତ୍ସା ସୁନିଶ୍ଚିତ କରିବା ଉଚିତ।

# ବଜେଟ ଟଙ୍କା ଖର୍ଚ୍ଚକୁ ନେଇ ଗୃହ ସରଗରମ

ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବଜେଟ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟର ବିକାଶ କିଭଳି ହେବ ବୋଲି କହି ବିରୋଧୀ ବିଜୁ ଜନତା ଦଳ(ବିଜେଡି) ଓ କଂଗ୍ରେସ ସୋମବାର ପ୍ରଶ୍ନକାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅର୍ଥ ବିଭାଗ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଉତ୍ତର ରଖି କହିଥିଲେ, ଚଳିତବର୍ଷ ବର୍ଷା ଯୋଗୁ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ଟିକିଏ ଧିମେଇଛି। ହେଲେ ମାର୍ଚ୍ଚ ସୁଦ୍ଧା ଏହା ୧୦୦% ହେବ।

ବିଧାନସଭାର ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ବଜେଟ ଅର୍ଥର ଖର୍ଚ୍ଚ ହିସାବ ଦେବାକୁ ମନ୍ତ୍ରୀଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢ଼ିବା ପରେ ମୂଳପ୍ରଶ୍ନକର୍ତ୍ତା ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ କହିଥିଲେ, ସରକାରଙ୍କ ଅଧିକାଂଶ ବିଭାଗ ଏପର୍ଯ୍ୟନ୍ତ ଧାର୍ଯ୍ୟ ଅର୍ଥ ଖର୍ଚ୍ଚ କରିପାରି ନାହାନ୍ତି। କେଉଁ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ତାଲିକା ପ୍ରତାପ ଲୋଡ଼ିଥିଲେ। ଏହାକୁ ନେଇ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ, ଅକ୍ଟୋବର ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି; ଯାହାକି ମୋଟ ବଜେଟର ୩୯ ପ୍ରତିଶତ। ସେ କହିଥିଲେ, ଗତବର୍ଷ ତୁଳନାରେ ଚଳିତ ଆର୍ଥିକବର୍ଷ ଅକ୍ଟୋବର ସୁଦ୍ଧା ଅଧିକ ଖର୍ଚ୍ଚ ହୋଇଛି। ଗତବର୍ଷ ଅକ୍ଟୋବର ସୁଦ୍ଧା ୩୬ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ବର୍ତ୍ତମାନ ଚଳିତବର୍ଷ ୩୯ ପ୍ରତିଶତ ହୋଇଛି। କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ୩୨ ପ୍ରତିଶତ ହୋଇଥିବା ବେଳେ ଏଥର ୩୬ ପ୍ରତିଶତ ହୋଇଛି। ଖାଦ୍ୟ ଯୋଗାଣ ଭଳି ବିଭାଗରେ ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଏହି ଅବସରରେ ପ୍ରତାପ ଦେବ ପ୍ରଶ୍ନ କରିଥିଲେ କି ଡବଲ ଇଞ୍ଜିନ ସରକାର କାମ କରୁଛି ନା ନାହିଁ। ମହିଳା ଓ ଶିଶୁ ବିକାଶ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଶକ୍ତି, ପୂର୍ତ୍ତ, ଜଳସମ୍ପଦ ପରି ବିଭାଗର ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। କେନ୍ଦ୍ରୀୟ ଅନୁଦାନ ୪୧ ପ୍ରତିଶତ ଆଣିବାକୁ ଲକ୍ଷ୍ୟ ଥିଲା କିନ୍ତୁ ମାତ୍ର ୧୮ ପ୍ରତିଶତ ଅନୁଦାନ ମିଳିଛି।

ସେ କହିଥିଲେ, ମୁଖ୍ୟମନ୍ତ୍ରୀ ପୂର୍ତ୍ତମନ୍ତ୍ରୀଙ୍କୁ ଭାଲୁ ଧରାଇଦେଇଛନ୍ତି। ବର୍ଷା ଯୋଗୁ ଖର୍ଚ୍ଚ ଅଟକିବା ଯଦି ଠିକ୍ କଥା ତେବେ ରାଜସ୍ୱ କେଉଁଭଳି ଭାବେ ବଢ଼ିଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ବଜେଟ ବଢ଼ିଛି କିନ୍ତୁ ଖର୍ଚ୍ଚ କମ୍ ହୋଇଛି। ସରକାରଙ୍କ ଆନ୍ତରିକତା ନାହିଁ। ଗତ ୬-୭ ମାସରେ ଯଦି ଖର୍ଚ୍ଚ ହୋଇପାରିଲା ନାହିଁ, ଆଉ ୩ ମାସରେ କିପରି ଖର୍ଚ୍ଚ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କ୍ୟାପିଟାଲ ଏକ୍ସପେଣ୍ଡଚର୍‌ର ପୂର୍ଣ୍ଣାଙ୍ଗ ତଥ୍ୟ ଲୋଡ଼ିଥିଲେ। ସନାତନ ବିଜୁଳି ବିକଶିତ ଗାଁ, ବିକଶିତ ଓଡ଼ିଶାର ଗୁରୁତ୍ୱ ନେଇ ଗୃହକୁ ଜଣାଇଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି,ଅତ୍ୟଧିକ ବର୍ଷା କାରଣରୁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟ କମ୍ ରହିଥିଲା। ଏହା ସତ୍ତ୍ୱେ ମାର୍ଚ୍ଚମାସ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ ହେବ । ବିକଶିତ ଗାଁ ବିକଶିତ ଓଡ଼ିଶା ଗାଇଡ୍ ଲାଇନରେ ଟିକେ ପରିବର୍ତ୍ତନ ହୋଇଛି। କେନ୍ଦ୍ରୀୟ ଅନୁଦାନ ବର୍ତ୍ତମାନ ସୁଦ୍ଧା ୪୨ହଜାର ୪୨୦କୋଟିରୁ ଅଧିକ ରହିଛି। ଅର୍ଥାତ ୪୧ପ୍ରତିଶତ କେନ୍ଦ୍ରୀୟ ଅନୁଦାନ ରାଜ୍ୟ ପାଇ ସାରିଛି। କେନ୍ଦ୍ରୀୟ ଅନୁଦାନକୁ ନେଇ ବିରୋଧୀ କୌଣସି ଦ୍ୱନ୍ଦ୍ୱରେ ରହିବାର ନାହିଁ ବୋଲି ମନ୍ତ୍ରୀ କହିଥିଲେ।

# ପଦ୍ମପୁର ଉଦ୍ଧାର କେନ୍ଦ୍ରକୁ ଗଲା ହାତୀଛୁଆ

### ହାତୀଛୁଆକୁ ମା', ପଲ ଗ୍ରହଣ ନ କରିବା ଘଟଣା



ପଦ୍ମପୁର ଉଦ୍ଧାର କେନ୍ଦ୍ରରେ ହାତୀଛୁଆ।

କେନ୍ଦୁଝର,୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ତା'ର ମା' ଓ ପଲ ଗ୍ରହଣ ନ କରିବାରୁ ଶେଷରେ ପଦ୍ମପୁର ହାତୀଛୁଆ ଉଦ୍ଧାର କେନ୍ଦ୍ରକୁ ପଠାଯାଇଛି। ଦୀର୍ଘ ଦିନ ଧରି ବନ ବିଭାଗ ପକ୍ଷରୁ ହାତୀଛୁଆକୁ ପଲରେ ମିଶାଇବା ଉଦ୍ୟମ କରାଯାଉଥିଲା। ବନ କର୍ମଚାରୀ ନିରାଶହେବା ପରେ ୬ ବର୍ଷର ହାତୀଛୁଆକୁ ସଦର ବ୍ଲକ୍ ପଦ୍ମପୁର ମେଗା ନର୍ସରି ପରିସରରେ ଥିବା ଶିଶୁ ୟୁନିଟ୍‌ରେ ରଖି ଦେଖାରଖା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୫ ଦିନ ପୂର୍ବେ ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଛୁଆହାତୀଟି ଏକ ୫ ଫୁଟ୍ ଖାଲରେ ପଡ଼ିଥିଲା। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନ ବିଭାଗ ସେଠାକୁ ଯାଇ ଉଦ୍ଧାର କରିଥିଲା। ତାକୁ ନ ଛୁଇଁ ଉଦ୍ଧାର କରାଯାଇଥିଲେ ହେଁ ହାତୀପଲ ଓ ତା'ର ମା' ଗ୍ରହଣ କରି ନ ଥିଲେ। ପଲରେ ମିଶାଇବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା। ହାତୀପଲ ଗ୍ରହଣକରି ପୁଣି ଛାଡ଼ି ଦେଉଥିଲେ। ରବିବାର ରାତିରେ ଶେଷଥର ମିଶାଇବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପଲ ଗ୍ରହଣକରି ନ ଥିଲା। ସୋମବାର ବନ କର୍ମଚାରୀମାନେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପଦ୍ମପୁରସ୍ଥିତ ମେଗା ନର୍ସରି ପରିସରରେ ଥିବା ଛୁଆହାତୀ ଉଦ୍ଧାର କେନ୍ଦ୍ର ଶିଶୁ ୟୁନିଟ୍‌ରେ ଛାଡ଼ିଥିଲେ। ସେଠାରେ ଛୁଆହାତୀର ଦେଖାରଖା କରାଯାଉଛି। ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ଛୁଆହାତୀର ସ୍ୱାସ୍ଥ୍ୟ ଭଲ ଅଛି, ସାଧାରଣ ଭାବେ ଚଳପ୍ରଚଳ କରୁଛି। ଝାଡ଼ା ଓ ପରିସ୍ରା କରିପାରୁଛି। ଥରକୁ ଦେଢ଼ରୁ ୨ ଲିଟର କ୍ଷୀର ପିଉଥିବା ବେଳେ ଦିନକୁ ୫ରୁ ୬ ଥର ଦିଆଯାଉଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବାରମ୍ବାର ଚେଷ୍ଟା କରିବା ଠିକ୍ ହେବ ନାହିଁ। ଏବେ ହାତୀ ଛୁଆର ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖିବାକୁ ହେବ। ସୁସ୍ଥ ଅଛି, ଡାକ୍ତରଙ୍କ ନିରୀକ୍ଷଣରେ ରହିଛି, କୌଣସି ସମସ୍ୟା ନାହିଁ। ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଆଦେଶକୁ ଅପେକ୍ଷା କରାଯାଇଛି। ଯାହା ନିର୍ଦ୍ଦେଶ ହେବ ସେଭଳି ପଦକ୍ଷେପ ନିଆଯିବ।



ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା । ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ । ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ । -ଶ୍ରୀଅରବିନ୍ଦ



# ଆରାବଳିକୁ ମାରିଦେବେ

ଆରାବଳି ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଭାଗରେ ଅବସ୍ଥିତ ସବୁଠାରୁ ପୁରୁଣା ପର୍ବତମାଳା । ପ୍ରାୟ ୨୦୦ କୋଟି ବର୍ଷ ପୂର୍ବରୁ ଏହା ସୃଷ୍ଟି ହୋଇଥିଲା । ତୁଳନାତ୍ମକ ଭାବେ ଦେଖିଲେ ହିମାଳୟ ପର୍ବତମାଳା ୪୦ରୁ ୫୦ ନିୟୁତ ବର୍ଷ ପୂର୍ବେ ଗଠିତ ହୋଇଥିଲା । ଆରାବଳି ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିଲୋମିଟର ଲମ୍ବିଛି, ଯାହା ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟର ଅହମଦାବାଦରେ ସରିଛି । ଆରାବଳି ପର୍ବତମାଳା ଭାରତର ସର୍ବାଧିକ ପୁରୁଣା ଫୋଲ୍ଡ୍ ବା ଭଙ୍ଗିଳ ପର୍ବତମାଳା ଭାବେ ଜଣାଶୁଣା । ଆରାବଳି ସମ୍ପର୍କରେ ପିଲାଟି ବେଳୁ ପଢ଼ିଛୁ ଯେ, ଏହା ଜୈବବିବିଧତା ବଜାୟ ରଖିବା ସହ ଜଳସ୍ତରକୁ ପୁନଃଭରଣ କରିଥାଏ । ଏଥିସହିତ ଏହା ଉତ୍ତର ଭାରତ ଆଡ଼କୁ ପ୍ରବାହ ହେଉଥିବା ଗରମ ପବନର ଗତିରୋଧ କରିବା ଓ ଥାର୍ ମରୁଭୂମିର ଭାରତ-ଗାଙ୍ଗେୟ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେବାକୁ ରୋକିବାରେ ସହାୟକ ହୋଇଥାଏ ।

ଆରାବଳିକୁ ନେଇ ସଦ୍ୟ ଆଲୋଚନା ଆରମ୍ଭ ହୋଇଛି । ଏହାର ପ୍ରଚ୍ଛଦପଟରେ ଅଛି ସୁପ୍ରିମକୋର୍ଟରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା । ଆରାବଳିକୁ ନେଇ ହୋଇଥିବା ମାମଲାର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ କମିଟି ଗଠନ କରି ଯେଉଁ ରିପୋର୍ଟ ସର୍ବୋଚ୍ଚ ନ୍ୟାୟାଳୟକୁ ଦେଲେ, ତାହା ଆରାବଳି ପର୍ବତମାଳାର ସଂଜ୍ଞାରେ ପରିବର୍ତ୍ତନ ଚାହିଁଥିଲା । ମୂଳବିନ୍ଦୁଟି ରହିଲା ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତାହା ଆରାବଳି ପର୍ବତ ଭାବେ ଗଣାଯିବ ନାହିଁ । ଅର୍ଥାତ୍ ମଣିଷର ଦୁଇଗୋଡ଼କୁ କାଟିଦେଇ କୁହାଯିବ ଦୌଡ଼ିବାକୁ । ଏଭଳି ଅବାଞ୍ଛିତ ମତକୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନେଇଛନ୍ତି । କେବଳ ସେତିକି ନୁହେଁ, ଏଠାରେ ମନେରଖିବାକୁ ହେବ ଯେ, ଆରାବଳି ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି । ଏହି ଗୋଟିଏ ସଂଜ୍ଞା ପରିବର୍ତ୍ତନରେ ଆରାବଳିର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ । ଅତି ଚତୁରତାର ସହିତ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ଯେଉଁ ପ୍ରକାର ମନ୍ତବ୍ୟ ସବୁ ଦେଉଛନ୍ତି, ସେଥିରେ ଏକ ତ୍ରୁଟିପୂର୍ଣ୍ଣ ଛବି ସୃଷ୍ଟି ହେଉଛି । ସେମାନେ ଦର୍ଶାଉଛନ୍ତି ଯେଉଁ ୧୦ ପ୍ରତିଶତ ସୁରକ୍ଷିତ ରହିବ, ସେଥିରେ କୌଣସି ଖଣି ଖନନ ବା ବିକାଶ କାର୍ଯ୍ୟ କରାଯିବ ନାହିଁ । ସତେଯେମିତି ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଆରାବଳିର ରୂପରେଖ ସୁରକ୍ଷିତ ହୋଇଯିବ । କିନ୍ତୁ ବାସ୍ତବରେ ସେଠାରେ ଖଣି ଖନନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୃଷ୍ଟି କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହୋଇଯିବ । ବିଭିନ୍ନ ରିପୋର୍ଟ ଅନୁଯାୟୀ, ପୂର୍ବାପେକ୍ଷା ଆରାବଳି ତା'ର ଚାରି ଭାଗରୁ ଏକ ଭାଗ ପର୍ବତ ହରାଇସାରିଲାଣି । ଏହାପଛରେ ମୁଖ୍ୟତଃ ମନୁଷ୍ୟକୃତ ବିପର୍ଯ୍ୟୟ ରହିଛି । ଏହି ପର୍ବତମାଳା କ୍ଷୟ ହେବାରେ ଲାଗିଥିବାରୁ ଭାରତର ରାଜଧାନୀ ଦିଲ୍ଲୀକୁ ଆସୁଥିବା ବାୟୁ ଅଧିକ ପ୍ରଦୂଷିତ ହେବ ବୋଲି କୁହାଗଲାଣି ।

ତେଣେ ବମ୍ବେର ଅନ୍ୟ ଏକ ଘଟଣା ମଧ୍ୟ ଦୃଷ୍ଟି ଆକର୍ଷଣ କରୁଛି । ସେହି ବୃହତ୍ ମହାନଗର ପାର୍ଶ୍ୱରେ ଆରେ ଜଙ୍ଗଲ ଅଛି । ସେହି ଜଙ୍ଗଲକୁ କାଟି ସେଠାରେ ମେଟ୍ରୋ ରେଳର ଡିପୋ କରିବାର ଯୋଜନାକୁ କିଛି ବର୍ଷ ପୂର୍ବେ ଉଦ୍ଧବ ଠାକ୍‌ରେ ସରକାର ବନ୍ଦ କରିଦେଇଥିଲେ । ସେହି ସରକାର ପତନ ପରେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପୁନର୍ବାର ଆରେ ପ୍ରକଳ୍ପ ଆରମ୍ଭ କରାଗଲା, ଯାହାକୁ ସ୍ଥାନୀୟ ଜନସାଧାରଣ ପ୍ରବଳ ବିରୋଧ କଲେ । ଏବେ ଏକନାଥ ଶିନ୍ଦେ ସମର୍ଥିତ ଦେବେନ୍ଦ୍ର ଫଡନବିସଙ୍କ ଭାଜପା ସରକାର ସେହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛନ୍ତି । ତାହା ହେଲେ ବମ୍ବେ ସହରର ମୁଖ୍ୟ ଜଙ୍ଗଲର ବିରାଟକାୟ ଅଞ୍ଚଳ ଧ୍ୱଂସ ପାଇଯିବ । ସେହିଭଳି ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଚନ୍ଦକା ଜଙ୍ଗଲକୁ ପୂର୍ବ ସରକାର ଘରୋଇ କମ୍ପାନୀ ମାଧ୍ୟମରେ ଧ୍ୱଂସ କରିବା କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବିକାଶ ନାମରେ ପରିବେଶ ଧ୍ୱଂସ କାର୍ଯ୍ୟ ଚାରିଆଡ଼େ ଚାଲିଛି ।

ଆଜିର ସମୟରେ ଦେଖାଯାଉଛି ଭାରତବର୍ଷର କୌଣସି ବିସ୍ତୃତ ପ୍ରାକୃତିକ ଅଞ୍ଚଳ ପଡ଼ିଥିଲେ ତାହାକୁ ବିକାଶ ନାମରେ ତତ୍‌କ୍ଷଣାତ୍ ବ୍ୟବହାର କରିଦିଆଯାଉଛି । ଏହା ଫଳରେ ଉତ୍ତରାଖଣ୍ଡରେ ନୂଆ ଚାରିଧାମ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ପରିଣତି କ'ଣ ଘଟୁଛି ଦେଶବାସୀ ଜାଣିପାରିଲେଣି । ଭୂମି, ଜଳ, ବାୟୁକୁ ନ୍ୟାୟସଙ୍ଗତ ଭାବେ ଉପଯୋଗ କରାଯାଉ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ଅନୁଭୂତ ହେଲାଣି । ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସହରରେ ସାଧାରଣ ଜୀବନଯାପନ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲାଣି । ଆରାବଳି ଭଳି ପର୍ବତମାଳାକୁ ଧ୍ୱଂସ କରିଦେଲେ ଉତ୍ତର ଭାରତରେ ଆହୁରି ବହୁତ ଅଞ୍ଚଳ ଖୁବ୍‌ଶୀଘ୍ର ତୀବ୍ର ପାଣିପାଗଜନିତ ବିପର୍ଯ୍ୟୟର ସମ୍ମୁଖୀନ ହେବା ଥୟ । କିନ୍ତୁ ହାତଗଣତି କିଛି ବ୍ୟବସାୟୀ ପ୍ରବଳ ମାତ୍ରାର ଜମି ପାଇବା ସହିତ ଅର୍ଥ ଅର୍ଜନ କରିପାରିବେ । ଦେଶ ଧ୍ୱଂସ ହେଉ, କିନ୍ତୁ ଧନୀ ଆହୁରି ଅଧିକ ଧନୀ ହୁଅନ୍ତୁ । ସୁପ୍ରିମକୋର୍ଟଙ୍କ ଏଭଳି ରାୟ ପଛରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପାସୋରି ଯିବା ଉଚିତ ନୁହେଁ । ନିକଟ ଅତୀତକୁ ଦେଖିଲେ ଅବସର ଗ୍ରହଣ କରିବାର ଅଳ୍ପ କେତେକ ଦିନ ପୂର୍ବରୁ ଭାରତର ପ୍ରତ୍ୟେକ ପ୍ରଧାନ ବିଚାରପତି କେତୋଟି ମାରାତ୍ମକ ରାୟ ଦେଇ ବିଦାୟ ନେଉଛନ୍ତି । ଆରାବଳି ସମ୍ପର୍କିତ ରାୟକୁ ଅବସର ପୂର୍ବରୁ ବି.ଆର୍. ଗବଇ ରାୟ ଦେଇ ପଳାଇଗଲେ । ଏହି ରାୟ ପରେ ଗବଇ କହିଛନ୍ତି ତାଙ୍କ ମନ ଉଶ୍ୱାସିଆ ହୋଇଗଲା । ଅବସୋସର ବିଷୟ ଯେ ଦେଶର ଭବିଷ୍ୟତକୁ,ଏହିଭଳି ରାୟ, ଅନ୍ଧକାରକୁ ଠେଲିଦେଲା ।


# ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ରହସ୍ୟ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯୁକ୍ତରାଷ୍ଟ୍ର ଆମେରିକା ବ୍ରୁକଲିନଠାରେ ଜନ୍ମିତ କାର୍ଲ ସାଗନ (୧୯୩୪-୯୬) ଜଣେ ଜ୍ୟୋତିର୍ବିଜ୍ଞାନୀ, ବିଶ୍ୱତତ୍ତ୍ୱବିତ୍, ନଭୋବିଦ୍ୟାବିଶାରଦ ତଥା ଜ୍ୟୋତିର୍ଜୀବତତ୍ତ୍ୱବିତ୍ । ଷାଠିଏଟି ଦେଶର ୫୦୦ ନିୟୁତ ଦର୍ଶକ ଦେଖିଥିବା 'କସ୍‌ମୋସ' ଟେଲିଭିଜନ ଧାରାବାହିକର ସେ ପ୍ରଣେତା । ତାଙ୍କର ଉକ୍ତି ପ୍ରଣିଧାନଯୋଗ୍ୟ । ଆମେ କିଏ ? ଏହି ବିଶ୍ୱବ୍ରହ୍ମାଣ୍ଡରେ ଯେତେ ନକ୍ଷତ୍ରପୁଞ୍ଜ, ଆକାଶଗଙ୍ଗା (ଗାଲାକ୍ସି) ଅଛି, ତାହାର ସଂଖ୍ୟା ଆମ ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ । ତନ୍ମଧ୍ୟରୁ ଗୋଟିଏ ଗାଲାକ୍ସିର ଏକ ବିସ୍ମୃତ କୋଣରେ ଅବସ୍ଥିତ ଥିବା ସାଧାରଣ ନକ୍ଷତ୍ରଟିର ଏକ ନଗଣ୍ୟ ଗ୍ରହର ଆମେ ହେଉଛେ ଅଧିବାସୀ । ବିଶ୍ୱବ୍ରହ୍ମାଣ୍ଡର ବିଶାଳତା ଓ ବୈଚିତ୍ର୍ୟ ସମ୍ପର୍କରେ କାର୍ଲ ସାଗନ ଏହି ପ୍ରକାରେ ବୁଝାଇଛନ୍ତି । ତେବେ ପ୍ରଶ୍ନ ଉଠୁଛି ଏହା କିପରି ସୃଷ୍ଟି ହେଲା ? ଏଥିପାଇଁ ମୁଖ୍ୟତଃ ତିନୋଟି ମତବାଦ ପ୍ରଚଳିତ । ଏହି ତତ୍ତ୍ୱମାନ ହେଉଛି : ଷ୍ଟେଡି ଷ୍ଟେଟଥିଓରି ଅଫ୍ ୟୁନିଭର୍ସ, ବିଗ ବ୍ୟାଙ୍ଗ ଥିଓରି, ପଲସେଟିଙ୍ଗ ଥିଓରି ।

ଷ୍ଟେଡି ଥିଓରିର ପ୍ରବର୍ତ୍ତକ ହେଉଛନ୍ତି ଅଷ୍ଟ୍ରିଆନ-ବ୍ରିଟିଶ୍ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ହରମାନ ବଣ୍ଡି (୧୯୧୯-୨୦୦୫), କାମ୍ବ୍ରିଜର ଜ୍ୟୋତିର୍ବିଜ୍ଞାନ ଅନୁଷ୍ଠାନରେ ଏକଦା କାର୍ଯ୍ୟରତ ଥିବା ବ୍ରିଟିଶ୍ ବିଜ୍ଞାନୀ ଫ୍ରେଡ୍ ହୟେଲ (୧୯୧୫-୨୦୦୧) ଓ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଥୋମାସ ଗୋଲ୍ଡ (୧୯୨୦-୨୦୦୪) । ପରବର୍ତ୍ତୀ କାଳରେ ଉଇଲିଅମ ଡଙ୍କାନ ମ୍ୟାକମିଲାନ ଓ ଅନ୍ୟ କେତେ ଜଣ ବିଶିଷ୍ଟ ବିଜ୍ଞାନୀ ଏହାର ସମର୍ଥକ ହେଲେ । ଏହି ଥିଓରି ଅନୁସାରେ ବିଶ୍ୱ ଅବିରତ ଭାବେ ସଂପ୍ରସାରିତ ହେଉଛି । କିନ୍ତୁ ସଦାସର୍ବଦା ଏହାର ସାନ୍ଦ୍ରତା ତଥା ବାହ୍ୟ-ରୂପ (ଆପିଅରେନ୍ସ) ଅପରିବର୍ତ୍ତନୀୟ ରହେ । ପୁରୁଣା ବସ୍ତୁ ଧ୍ୱଂସପ୍ରାପ୍ତ ହୁଏ । କିନ୍ତୁ ନୂତନ ଭାବେ ହାଇଡ୍ରୋଜେନ ସମଷ୍ଟି ସୃଷ୍ଟି ହୋଇ ସାନ୍ଦ୍ରତା ପୂର୍ବବତ୍ ମାପକୁ ବଜାୟ ରଖେ । ବ୍ରହ୍ମାଣ୍ଡ ସର୍ଜନାର ନିର୍ଦ୍ଦିଷ୍ଟ ଆରମ୍ଭ ଓ ବିଲୟ ସମୟ ନାହିଁ । ବିଂଶ ଶତାବ୍ଦୀରେ କେତେକ ପ୍ରମୁଖ ବୈଜ୍ଞାନିକଙ୍କ ଦ୍ୱାରା ଯଦିଓ ଏହା ସମର୍ଥିତ ହୋଇଥିଲା କିନ୍ତୁ; ସମୟ କ୍ରମେ ବିଭିନ୍ନ ପରୀକ୍ଷା-ନିରୀକ୍ଷାର ଫଳ ଏହା ସପକ୍ଷରେ ପ୍ରାପ୍ତ ନ ହେବାରୁ ଏହା ଗ୍ରହଣୀୟତା ହରାଇଲା । ପ୍ରକାଶଥାଉ କି ଏହି ମତ ପ୍ରଣୟନ ହେବାର ବହୁ ପୂର୍ବରୁ ଆଇନ୍‌ଷ୍ଟାଇନ୍ ୧୯୩୧ରେ ଗୋଟିଏ ଗବେଷଣା-ନିବନ୍ଧ ପ୍ରକାଶ କରି ଏହି ତତ୍ତ୍ୱର ମୂଳଦୁଆ ପକାଇଥିଲେ । କିନ୍ତୁ ପରେ ଏହା ତାଙ୍କ ଜୀବନର ଭୁଲ୍ ବୋଲି ସ୍ୱୀକାର କରି ଏଥିରୁ ଓହରି ଯାଇଥିଲେ । ଷ୍ଟେଡି ଷ୍ଟେଟ୍ ଥିଓରି ବିପକ୍ଷରେ ୧୯୫୦ ଦଶକରେ କ୍ୟାମ୍ବ୍ରିଜ୍‌ର ରେଡିଓ-ଆଷ୍ଟ୍ରୋନମର୍ ସାର୍ ମାର୍ଟିନ ରାଇଲ (୧୯୧୮-୮୪)



ପ୍ରତିକୂଳ ପ୍ରମାଣ ଉପସ୍ଥାପନ କଲେ । ନକ୍ଷତ୍ରପୁଞ୍ଜର କେନ୍ଦ୍ରରେ ବିଦ୍ୟମାନ ଅତ୍ୟନ୍ତ ଦୀପ୍ତ କ୍ୱାସର୍ ନାମକ ଖଗୋଳୀୟ ପିଣ୍ଡର ଉପସ୍ଥିତି ଷ୍ଟେଡି ଷ୍ଟେଟ୍ ଦ୍ୱାରା ବୁଝାଇ ହେଲା ନାହିଁ । ପୁଣି ଆମ ନିକଟରେ ଥିବା ରେଡିଓ-ଗାଲାକ୍ସିର ସଂଖ୍ୟାଠାରୁ ଦୂରସ୍ଥିତ ଏତାଦୃଶ ନକ୍ଷତ୍ରପୁଞ୍ଜର ସଂଖ୍ୟା ଅଧିକ । ଏହା ସୂଚାଏ ଯେ, ବିଶ୍ୱ ସମୟ କ୍ରମେ ବିବର୍ତ୍ତିତ ହୋଇଛି, ଯାହା କି ଡାରଉଇନ ଜୀବଜଗତ ସମ୍ପର୍କରେ କହିଥିଲେ ।

ବିଗ ବ୍ୟାଙ୍ଗ ଥିଓରି ହେଉଛି ଷ୍ଟେଡି ଷ୍ଟେଟ ମତର ପରିପନ୍ଥୀ । ଏହି ଥିଓରିର ନାମକରଣ ପ୍ରତିଦ୍ୱନ୍ଦ୍ୱୀ ଫ୍ରେଡ ହେୟେଲଙ୍କ ଏଥିପ୍ରତି ଅପମାନସୂଚକ ଶବ୍ଦ 'ବିଗ୍ ବ୍ୟାଙ୍ଗ' (ପ୍ରଚଣ୍ଡ ବିସ୍ଫୋରଣ)ରୁ ଆହରଣ କରାଯାଇଛି । ଏହାର ପ୍ରଥମ ପ୍ରବର୍ତ୍ତକ ଥିଲେ ବେଲଜିଅମର ଜଣେ ଧର୍ମଯାଜକ ଫାଦର ଜର୍ଜ ଲିମଟର । ବ୍ରହ୍ମାଣ୍ଡ ଏକ ମହାଜାଗତିକ ଅଣୁ (କସ୍ମିକ ଆଟମ୍)ରୁ ଜାତ ବୋଲି ସେ କହିଲେ । ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡ୍‌ୱିନ ହୁବଲ ଆବିଷ୍କାର କଲେ ଯେ, ବହୁ ଦୂରରେ ଥିବା ନକ୍ଷତ୍ରପୁଞ୍ଜମାନ ଆମ ଗ୍ରହଠାରୁ ବିଭିନ୍ନ ଦିଗରେ ଦୂରେଇ ଯାଉଛନ୍ତି । ପୁଣି ସେମାନଙ୍କ ଦୂରତା ଆମଠାରୁ ଯେତେ ଅଧିକ, ସେହି ପ୍ରକାରେ ସେମାନଙ୍କ ଗତି ଆନୁପାତିକ ଭାବେ ବଢ଼ିଥାଏ । ବହୁ ଗବେଷକ ପରୀକ୍ଷା କରି ଏହି ଫଳାଫଳର ସତ୍ୟତା ସିଦ୍ଧ କଲେ । ଏହା ପ୍ରମାଣ କଲା ଯେ, ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଛି । ପ୍ରକାରାନ୍ତରେ ବହୁ ବର୍ଷ ପୂର୍ବେ ସମସ୍ତ ବସ୍ତୁ ଓ ଶକ୍ତି ଗୋଟିଏ ଅତ୍ୟନ୍ତ ଉତ୍ତପ୍ତ ଓ କ୍ଷୁଦ୍ର ଆକାରରେ କେନ୍ଦ୍ରୀଭୂତ ହୋଇଥିଲା । ତେବେ ଏଥିରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା, ଯାହା ହେଉଛି 'ବିଗ ବ୍ୟାଙ୍ଗ' । ତା'ପରେ ଆରମ୍ଭ ହେଲା ଚତୁର୍ଦ୍ଦିଗରେ ବସ୍ତୁ ଓ ଶକ୍ତିର ଅଗ୍ରଗମନ । ଆମେ ଯଦି ଏହି ପରିକଳ୍ପନା ସ୍ୱୀକାର କରୁ ତେବେ ଧରାଯିବ ଯେ, ମହାକାଶର ସାଂପ୍ରତିକ ତାପମାତ୍ରା ପରମଶୂନ୍ୟ (ଆବସୋଲ୍ୟୁଟ ଜିରୋ)ଠାରୁ ଅଧିକ ହେବ । ୧୯୯୧ରେ କସ୍ମିକ ମାଇକ୍ରୋୱେଭ ବ୍ୟାକଗ୍ରାଉଣ୍ଡ ଏକ୍ସପ୍ଲୋରର୍ (ସିଓବିଇ) ଉପଗ୍ରହ ଯେଉଁ ବର୍ଣ୍ଣାଳୀ ରେକର୍ଡ କଲା, ତାହା ବିଗ୍ ବ୍ୟାଙ୍ଗ ପୂର୍ବରୁ ସୂଚନା ଦେଇଥିବା ନିଷ୍କର୍ଷ ସହ ସଂପୂର୍ଣ୍ଣ ମେଳ ଖାଇଲା ।

ଯେତେବେଳେ ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଲା, ବସ୍ତୁଗୁଡ଼ିକ ମିଳିତ ହୋଇ କେନ୍ଦ୍ରୀଭୂତ ହେବା ସହ ଘୂର୍ଣ୍ଣୟମାନ ହେଲେ । ଏହା ହେଉଛି ନକ୍ଷତ୍ରପୁଞ୍ଜର ପ୍ରାଥମିକ ଅବସ୍ଥା । ନକ୍ଷତ୍ରପୁଞ୍ଜର ଏହି ଆଦ୍ୟ ଅବସ୍ଥାରେ ଚାପ-ପରିବର୍ତ୍ତନ ଦ୍ୱାରା ଗ୍ୟାସ ଓ ଧୂଳିକଣାର ନିର୍ଦ୍ଦିଷ୍ଟ ସମଷ୍ଟିମାନ ଘଟିଲା । ଏହି ସମାହାରମାନଙ୍କ ମଧ୍ୟରୁ କେତୋଟିରେ ଅଧିକ ବସ୍ତୁ ଏକତ୍ରିତ ହେଲେ ଏବଂ ଉପଯୁକ୍ତ ବଳର କାର୍ଯ୍ୟକାରିତା ତଥା ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ସେଇ ସମଷ୍ଟିରେ ପତନ ଦେଖାଦେଲା । ଯେଉଁ କ୍ଷେତ୍ରରେ ଅତ୍ୟଧିକ ସଂକୋଚନ ଘଟେ, ନ୍ୟୁକ୍ଲିଅର ପ୍ରତିକ୍ରିୟା ଯୋଗୁ ନକ୍ଷତ୍ର ସୃଷ୍ଟି ହୁଏ ।


କେବଳ ବ୍ରହ୍ମାଣ୍ଡ ନୁହେଁ, ଛାୟାପଥ (ମିଲ୍କ ୱେ)ର ବୟସ ମଧ୍ୟ ଅନୁମାନ କରାଯାଇଛି । ଛାୟାପଥ ହେଉଛି ଏକ ବିରାଟ ତାରକାଗୁଚ୍ଛ (ଗାଲାକ୍ସି), ଯେଉଁଥିରେ ସୌରମଣ୍ଡଳ ଅବସ୍ଥିତ । ଏଥିରେ ଗୁଚ୍ଛବଦ୍ଧ ଥିବା ନକ୍ଷତ୍ର-ସମାହାରରେ ସ୍ୱଭାବତଃ ହାଲୁକା ଓଜନ ବହନ କରୁଥିବା ହାଇଡ୍ରୋଜେନ ଓ ହିଲିଅମ ଅପେକ୍ଷା ଭାରି ଅଣୁଙ୍କ ସଂଖ୍ୟା କମ୍ । ଏହା ସୂଚାଏ ଯେ, ଛାୟାପଥର ବୟସ ଏଗାରରୁ ଷୋହଳ ବିଲିଅନ ବର୍ଷ ମଧ୍ୟରେ । ତେଜସ୍କ୍ରିୟ ମୌଳିକ ଉପାଦାନ (ରେଡିଓଏକ୍ଟିଭ୍ ଏଲିମେଣ୍ଟ) ପଦ୍ଧତି ମଧ୍ୟ ଏହି ବୟସକୁ ଦୃଢ଼ୀକରଣ କରୁଛି ।

ସୌରମଣ୍ଡଳ ଓ ପୃଥିବୀର ବୟସ ନିର୍ଣ୍ଣୟ କରିବାକୁ ରେଡିଓ-ଆକ୍ଟିଭ୍ ଏଲିମେଣ୍ଟମାନଙ୍କୁ ଟାଇମ୍-କିପର୍ (ସମୟ ନିର୍ଦ୍ଧାରକ) ଭାବେ ବ୍ୟବହାର କରାଯାଇଛି । ଆପୋଲୋ ଚନ୍ଦ୍ର ଯାତ୍ରାରୁ ଆନୀତ ଚନ୍ଦ୍ରର ମୃତ୍ତିକା ପରୀକ୍ଷଣରୁ ପୃଥିବୀ ସମେତ ସୌରମଣ୍ଡଳର ବୟସ ୪.୪ରୁ ୪.୫ ବିଲିଅନ ବର୍ଷ ମଧ୍ୟରେ । କାନାଡ଼ା ଓ ପଶ୍ଚିମ ଅଷ୍ଟ୍ରେଲିଆରୁ ସଂଗୃହୀତ ପ୍ରାଚୀନତମ ଶିଳା ପରୀକ୍ଷା ଏହି ସଂଖ୍ୟା ପ୍ରାୟ ୪.୩ ବିଲିଅନ ବର୍ଷ ବୋଲି ନିର୍ଦ୍ଧାରଣ କରିଛି । ଉଲ୍ଲେଖନୀୟ ଯେ, ସୂର୍ଯ୍ୟ ଓ ପୃଥିବୀକୁ ସମବୟସ୍କ ବୋଲି ଧରାଯାଏ ।

ଅନ୍ୟ ଏକ ମତବାଦ ହେଉଛି ପଲସେଟିଙ୍ଗ ଥିଓରି, ଯାହାକି ଆସିଲେଟରି ୟୁନିଭର୍ସ ବା ବିଗ୍‌କ୍ରଞ୍ଚ ମଡେଲ ଭାବେ ନାମିତ । ଏହାର ଚିତ୍ର ଦୋଳନ (ଅସିଲେସନ) ବିଷୟରେ ଆମକୁ ସ୍ମରଣ କରାଯାଏ । କାନ୍ଥ ଘଡ଼ିର ଦୋଳକ (ପେଣ୍ଡୁଲମ)ର ଗତିରୁ ସ୍ପଷ୍ଟ ହୁଏ ଯେ, ଏହା ଗୋଟିଏ ସୀମା ପଟକୁ ଯିବା ପରେ ସେଠାରୁ ବାହୁଡ଼ି ବିପରୀତ ଦିଗର ସୀମାକୁ ଛୁଏଁ । ଏହି ପ୍ରକାରେ ଏହାର ଏପଟ-ସେପଟ ଗତି ଚାଲୁ ରହେ । ସେମିତି ଯଦି ବିଗ୍ ବ୍ୟାଙ୍ଗ ଘଟିଛି, ବିପରୀତ ପ୍ରତିକ୍ରିୟା ଭାବେ ବିଗ୍ କ୍ରଞ୍ଚ ଏଥିରୁ ଘଟିବ । ଅର୍ଥାତ୍ ଯେଉଁ ଅବସ୍ଥାରୁ ତା'ର ପ୍ରାରମ୍ଭ, ପୁଣି ସଂକୁଚିତ ହୋଇ ସେଇ ସ୍ଥିତିରେ ଉପନୀତ ହେବ । କିନ୍ତୁ ଏହା ସେମିତି ହୋଇ ଅଟକି ଯିବ ନାହିଁ । ତାହା ପୁଣି ସଂପ୍ରସାରିତ ହେବ । ଏହି ଧରଣରେ ସଂପ୍ରସାରଣ ଓ ସଂକୋଚନ ପ୍ରକ୍ରିୟା ନିରନ୍ତର ଘଟିବ । ସଂକୋଚନର କାରଣ ହେଉଛି ମାଧ୍ୟାକର୍ଷଣ ବଳ । ଏହାର ସମର୍ଥକ ବି ଥିଲେ ଆଇନଷ୍ଟାଇନ । ସେ ଯାହାହେଉ, ଏହି ତତ୍ତ୍ୱରୁ ମିଳେ ନିରନ୍ତର କ୍ରିୟାଶୀଳ ସୃଷ୍ଟିଚକ୍ରର ବାର୍ତ୍ତା ।

ମୋ:୯୦୭୮୭୪୩୮୪୩

# ତୁମ ପାଇଁ ଅଛି ମୁଁ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ମୁଁ ତୁମ ପାଇଁ/ତୁମେ ମୋ ପାଇଁ/କୋଳାକୋଳି ହେବା ଆମେ / ଦୁହେଁ ଦୁହିଁଙ୍କ ପାଇଁ/ ସବୁକିଛି ଆମର/ ପର କଥା କି ଦରକାର /ବାକି ଯାହା ଛିଛାକର/ ଏତିକି କହି ଚିରୁଡ଼ାଏ ଚା'କୁ ଶୋଷିଦେଲେ ଧନ ମଉସା । ଗାଁର ଆଶୁକବି । ବଡ଼ ଗମାତିଆ ଲୋକ । ତାଙ୍କୁ କଥାରେ ଟିକେ ଚିମୁଟେଇଦେଲେ ମୁହଁରୁ ବାହାରିବ କବିତା ସାଏଁ ସାଏଁ । ରାଜ୍ୟ ତଥା ଦେଶର ବିଶେଷ ପରିସ୍ଥିତିରେ ଗାଁ ଚା'ଖଟିରେ ଟିକେ ଉଷ୍ମତା ବଢ଼ିଯାଏ । ସେଠି ଧନ ମଉସା ଆସିଗଲେ ଚର୍ଚ୍ଚା ରୋଚକ ହୋଇଯାଏ । ଧନ ମଉସା ଟାଉଁ ଟାଉଁ କବିତା ଗାଇ ଦେଲେ ଚା' ପିଉ ପିଉ । ଆଉ ବିଳମ୍ବ ନ କରି ବିଲକୁ ତରତର ହୋଇ ଚାଲିଗଲେ ସିନା ଗୁଡ଼ାଏ କଥା କବିତା ଭିତରେ ଛାଡି ଦେଇଗଲେ ।

ଅନେକ ସମୟରେ ଆମକୁ କେହି ନା କେହି କହେ ଜମା ଚିନ୍ତା କରନି । ମୁଁ ପା ଅଛି । ସେତକ ଆଶ୍ୱାସନାରେ ମନ ଓ ହୃଦୟ ପୂରିଯାଏ । ଶତ ସିଂହର ବଳ ମିଳିଯାଏ । ଭଙ୍ଗା ମନ କ୍ରମଶଃ ଯୋଡିବା ଆରମ୍ଭ ହୁଏ । ପୁଣି ବଳ ଗୋଟାଇବାକୁ ମନ ହୁଏ । ଏହି ପୃଥିବୀରେ ଆସିବାମାତ୍ରେ ସମସ୍ତେ ଆମକୁ ନାମ, ପରିଚୟ, ଦାୟିତ୍ୱ ଦେଇଥାନ୍ତି । କିନ୍ତୁ କେବଳ କିଛି ଜଣେ ଅଲଗା ଲୋକ ଥାଆନ୍ତି ଯେଉଁମାନେ ଆମର ମନକୁ ଧରି ରଖନ୍ତି । ଲୁହଆସିବା ପୂର୍ବରୁ ସେମାନେ ଅନୁଭବ କରନ୍ତି । ହୃଦୟର କଥାକୁ ଧରି ସେହି ମୁହଁରେ ହସ ଫେରାଇ ଚକଚକିଆ କରିଦିଅନ୍ତି । ସେଇ ଜଣଙ୍କ ନିଶ୍ଚୁପରେ କହିଦିଏ କଥା 'ତୁମ ପାଇଁ ଅଛି ମୁଁ ।' ଦୁଃଖକୁ ଜାଣିପାରେ । ମନକୁ ବୁଝିପାରେ । କାରଣ ସେ ସମ୍ପର୍କ କେବଳ କଥାରେ ସୀମିତ ନୁହଁ, ତାହା ହୃଦୟସ୍ପର୍ଶରେ ସମାହିତ । ଯେବେ ତୁମ ଛୋଟ ଛୋଟ କଥାରେ ଲୁହ ଲୁଚାଇ ରଖ । ସେ ବୁଝିଯାଏ । ଜୀବନ କେତେ ଧାଇଁ ଚାଲେ । ସକାଳରୁ ସନ୍ଧ୍ୟା, ଶୀତରୁ ଗ୍ରୀଷ୍ମ । ଦିନ ଶେଷରେ ଯେବେ ସବୁ ଆଲୋକ ଲିଭିଯାଏ । ଅନ୍ଧାର ମାଡି ଆସେ ସେତେବେଳେ ସେ ମନେପଡ଼େ । ଜୀବନର ଦୁର୍ବିପାକରେ ସେ ଛାଏଁ ଛାଏଁ ମନରେ ବସା ବାନ୍ଧେ । ହୃଦୟ ଭିତରେ ଗୋଟିଏ ଧ୍ୱନି ଅନୁରଣିତ ହୁଏ 'ମୋ ପାଇଁ ସେ ଅଛି ।' ପୃଥିବୀ ବଦଳିଯାଇପାରେ, ପରିସ୍ଥିତି ଓଲଟିଯାଇପାରେ । କିନ୍ତୁ ଏହି ସତ୍ୟ ବଦଳିପାରେନି ତୁମ ପାଇଁ କିଏ ଜଣେ ଅଛି । ସେଇ ସ୍ନେହ ଓ ଶ୍ରଦ୍ଧା ଅବିଚଳିତ । ଯେବେ ତୁମ ସଫଳତା ମଞ୍ଚରୁ ଫେରି ଆସ । ହସୁଥିବା ମୁହଁରେ ଗର୍ବର ଆଲୋକ ମିଶିଥାଏ । ସେତେବେଳେ ଆପଣଙ୍କ ହୃଦୟ କହେ,'ଦେଖ, ସେ ଥିଲା ; ଆଜି ବି ଅଛି ବୋଲି ସୁରୁଖୁରୁରେ ସବୁ ହୋଇଗଲା ।' ଆଉ ଯେବେ ବିଫଳତାର ଅନ୍ଧାର ରାତିରେ ତୁମ ମନ କ୍ଳାନ୍ତ, ସନ୍ଦେହରେ ଭାରି ଭାରି ଲାଗେ ସେତେବେଳେ ତା'ର ଅଦୃଶ୍ୟ କଣ୍ଠ ତୁମକୁ ମୃଦୁ ସ୍ୱରରେ କହିବ – ପୁଣି କି ଚିନ୍ତା ? 'ତୁମ ପାଇଁ ଅଛି ମୁଁ ।

ତୁମ ଜୀବନରେ ଯେବେ ବିଚଳିତରେ ଝାଳ ବହିଯାଉଥାଏ, ତୁମ ହୃଦୟ ଥକିଯାଏ । ତା'ର ହାତ ତୁମ ପିଠିରେ ହୋଇପାରେ ଗଛର ଛାଇ । ତା'ର କାନ୍ଧ ହେବ ସେଇ ଆଶ୍ରୟ ଯେଉଁଠାରେ ତୁମେ ନିର୍ଭୀକ ହୋଇପାରିବ । ତା'ର ସ୍ନେହ ହେଉଛି ଯୁଦ୍ଧପରର ମିଳୁଥିବା ଶାନ୍ତି । ତୁମ ପାଇଁ ରଖିଥିବା ସରଳ ଆଶ୍ରୟ । ମନେରଖନ୍ତୁ ତୁମେ କେବେ ଏକା ନୁହଁ । ତୁମର ଦୁଃଖକୁ ହସରେ ପରିଣତ କରିବା ପାଇଁ କିଏ ଜଣେ ଅଛି । ତୁମର ଲୁହକୁ ଶବ୍ଦ ବିନା



ବୁଝିବା ପାଇଁ ସେ ଅଛି । ତୁମ ହୃଦୟରେ ସାହସ ଭରିବାକୁ, ତୁମ ଆଖିରେ ସ୍ୱପ୍ନ ଜଳାଇ ରଖିବାକୁ ତୁମ ପାଇଁ ଆଉ କିଏ ଅଛି । ଦୁନିଆର ଏହି ଭିଡ଼-ଭାଡ଼ ମଧ୍ୟରେ ଯେବେ ଚୁପଚାପ ହେଇ ତୁମ ପଛ ବୟସକୁ ମନେପକାଉଥିବ । ସେ ମନେ ପଡେ । ଜୀବନ ଯେତେ ଜଟିଳ ହେଉ, ସମୟ ଯେତେ ଅନିଶ୍ଚିତ ହେଉ, ତୁମ ହସର ମୂଲ୍ୟ ତାରି ପାଖରେ ସବୁଠାରୁ ଅଧିକ । ତୁମ ଦୁଃଖ ତାରି ଅଶାନ୍ତି । ତୁମ ସଫଳତା, ତା'ର ଗର୍ବ । ତୁମ ହସ, ତା'ର ପରିପୂର୍ଣ୍ଣତା ।

ଏବେ ପ୍ରଶ୍ନ ଉଠେ 'ତୁମ ପାଇଁ ଅଛି କିଏ ?' ସେ ହୋଇପାରନ୍ତି ଆମ ମାତାପିତା, ଆମ ମିତ୍ର, ପତି କିମ୍ବା ପତ୍ନୀ, ଭାଇ ଭଉଣୀ, ବନ୍ଧୁବାନ୍ଧବ ଅବା ଆମ ସମାଜ, କିମ୍ବା ସମସ୍ତ ସୃଷ୍ଟି, ଯାହା ପାଇଁ ଆମ ଅସ୍ତିତ୍ୱ ଅର୍ଥମୟ । ଜଣେ ମା' କହେ 'ପୁଅ, ତୋ ପାଇଁ ଅଛି ମୁଁ । ସେହି ହେଉଛି ନିଷ୍ଠା । ଜଣେ ସେନାନୀ କହେ 'ଦେଶ ପାଇଁ ଅଛି ମୁଁ । ଏହା ହେଉଛି ବଳିଦାନ । ଜଣେ ଶିକ୍ଷକ କହନ୍ତି 'ତୁମର ଭବିଷ୍ୟତ ପାଇଁ ଅଛି ମୁଁ ଏହା ହେଉଛି ଜ୍ଞାନଦାନର ତପସ୍ୟା । ଜଣେ ପ୍ରେମିକା କି ପ୍ରେମିକ କହେ 'ତୁମ ପାଇଁ ମୁଁ ପରା ଅଛି ।' ଏହା ପବିତ୍ର ପ୍ରେମ । ଏସବୁ କେବଳ ଏକ ସମ୍ପର୍କ ନୁହେଁ । ଏହା ଜୀବନର ସର୍ବୋଚ୍ଚ ସତ୍ୟ । ଅହଂ ପରିବର୍ତ୍ତିତ ହୁଏ ମମତାରେ, ଶ୍ରଦ୍ଧାରେ, କରୁଣାରେ ଓ ପ୍ରେମରେ । ଏଠି ସୂର୍ଯ୍ୟ କୁହେ 'ଅନ୍ଧାର ପାଇଁ ଅଛି ମୁଁ ।' ରାତି କୁହେ 'ଆତ୍ମାକୁ ଶାନ୍ତି କରିବାକୁ ଅଛି ମୁଁ ।' ପ୍ରବଳ ତରଙ୍ଗ କୁହେ 'ଉଠିବାକୁ ଚେଷ୍ଟା କର, ପଡ଼ିଲେ ଧରିବାକୁ ଅଛି ମୁଁ ।' ପ୍ରକୃତି କିନ୍ତୁ ଯାହା କହେନି, ସେହି ନୀରବତାକୁ ଆମେ ଶୁଣି ବି ଅଜଣା ହେଉ । ସେ କହେ ସକଳ ସୃଷ୍ଟିହେଉଛି ମୁଁ । ଆଉ କେବଳ ତୁମ ପାଇଁ ଅଛି ମୁଁ ।

ଆଜି ଯେଉଁଠି ଧନ, କ୍ଷମତା, ପଦ ଓ ସ୍ୱାର୍ଥ ମହତ୍ତ୍ୱ ପାଉଛି, ସେଠି ଏହିତତ୍ତ୍ୱ ଆମକୁ ମନେପକାଏ ଜୀବନ କେବଳ ନିଜ ପାଇଁ ନୁହେଁ, ଅନ୍ୟଙ୍କ ପାଇଁ ହେଲେ ତାହାର ଅର୍ଥ ରହେ । ଯଦି ଜଣେ ଡାକ୍ତର ରୋଗୀ ପାଇଁ, ଜଣେ ବିଜ୍ଞାନୀ ମାନବଜାତି ପାଇଁ, ଜଣେ ଛାତ୍ର ତାଙ୍କ ପରିବାର ଓ ଦେଶ ପାଇଁ, ନେତା ସମାଜ ସେବା ପାଇଁ ସମର୍ପିତ ହୁଅନ୍ତି, ତେବେ ସେହି ହେଉଛି 'ତୁମ ପାଇଁ ଅଛି ମୁଁର ସ୍ୱରୂପ । ଏକଥା ବୁଝିବାକୁ ମଣିଷକୁ ବହୁତ ସମୟ ଲାଗେ । ଜୀବନର ସବୁ ଭାଗ ସରି ଆସିଲା ପରେ ଶେଷରେ ବୟସର ଭାରରେ ସବୁ ଉଦ୍ଦାମପଣ ସରି ସରି ଗଲେ ସେତେବେଳେ ମନେପଡନ୍ତି ଅନ୍ୟ ମଣିଷମାନେ । ଜୀବନଟା ଭାରି ନିଃସ୍ୱ ଲାଗେ । ଜୀବନର ଆରମ୍ଭ ହୁଏ 'ମୁଁରୁ । ମୋ ଶରୀର, ମୋ ପାଇଁ ଥିବା ସୁଖ, ମୋ ଆକାଂକ୍ଷା ସବୁକିଛି ମୋର ବୋଲି ମନେ ହୁଏ ଏକ ସମୟରେ । କିନ୍ତୁ ଯେବେ 'ମୁଁ' ନିଜ ସୀମା ଛାଡ଼ି 'ତୁମ' ପାଇଁ ବଞ୍ଚିବା ଶିଖେ, ସେଠାରୁ ଆରମ୍ଭ ହୁଏ ମନୁଷ୍ୟରୁ ମଣିଷତ୍ୱ ଯାତ୍ରା । ତା'ପରେ ଜୀବନ ଏକ ନିଜସ୍ୱ କାହାଣୀ କହେ । ଏହା ହୁଏ ସମଗ୍ର ସୃଷ୍ଟି ପାଇଁ ଗାଥା । ଓଲଟିଯାଏ ଆମର ଚିନ୍ତା ଓ ଚେତନା । ସେଇଠୁ ଏକ ପ୍ରେମମୟ ଘୋଷଣା ଆତ୍ମ ଜାଗ୍ରତ ହୁଏ 'ତୁମ ପାଇଁ ଅଛି ମୁଁ ।' ଆମେ ସବୁବେଳେ ଏମିତିରେ କହୁ 'ମୁଁ ଅଛି' । କିନ୍ତୁ ଯେତେବେଳେ ଆମେ କହୁ 'ତୁମ ପାଇଁ ଅଛି ମୁଁ । ସେତେବେଳେ ମାନବ ଜୀବନର ନୂଆ ଦ୍ୱାର ଖୋଲିଯାଏ । ସେଇ ଦ୍ୱାରର ଚାବିକାଠି ଖାସ୍ ଆପଣଙ୍କ ହାତରେ । ଥରେ ଖୋଲି ଦେଖନ୍ତୁ ନା ଆପଣଙ୍କୁ ବି ବାକି ଲୋକ କହିବେ – ତୁମ ପାଇଁ ଅଛି ମୁଁ !

ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ । ଏହି ଜାତୀୟ ପକ୍ଷୀର ମାଂସ ଓ ଥଣ୍ଟ ପାଇଁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଏମାନଙ୍କୁ ଶିକାର କରିଥାନ୍ତି । ବ୍ୟାପକ ଶିକାର ହେତୁ ସମୟକ୍ରମେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଚାଲିଲା ଓ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେ । ଏହାକୁ ଲକ୍ଷ୍ୟକରି ଘୋରା ଆଭେ ସୋସାଇଟି ନାମକ ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ଏବଂ ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ । ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ଏବଂ ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ସାମିଲ ହୋଇଛନ୍ତି । ଅରୁଣାଚଳପ୍ରଦେଶର ନାଇଶି ସମ୍ପ୍ରଦାୟର ଆଦିବାସୀମାନେ ହର୍ନବିଲଙ୍କୁ ଶିକାର କରି ସେମାନଙ୍କ ମାଂସ ଖାଇବା ସହ ଥଣ୍ଟ ବିକ୍ରି କରିଥାନ୍ତି । ଏବେ ଏହି ଆଦିବାସୀଙ୍କୁ 'ନେଷ୍ଟ ପ୍ରୋଟେକ୍ଟର' ବା ସଂରକ୍ଷକ ଭାବେ ଘୋଷଣା କରାଯାଇଛି । ଏମାନେ ବନ ହର୍ନବିଲଙ୍କ ସୁରକ୍ଷା କରିବା ସହ ସେମାନଙ୍କ ଛୁଆ କିଭଳି ମୃତ୍ୟୁମୁଖରେ ନ ପଡ଼ନ୍ତି ସେଥି ପାଇଁ ବସାରୁ ଛୁଆଙ୍କୁ ଉଦ୍ଧାର କରୁଛନ୍ତି । ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି । କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ବର୍ଷକୁ ୬.୦୦୦ରୁ ୧୦,୦୦୦ ଗଛ ଲଗାଯାଉଛି ।

## ୫୦ ବର୍ଷ ତଳର ଧରିତ୍ରୀ

**୨ ଡିସେମ୍ବର ୧୯୭୬**

- ୧୩ଟି ରାଜ୍ୟର ମୋଟ ୩୧ଟି ନୂଆ ପରିକଳ୍ପନା ନିମନ୍ତେ ଗ୍ରାମ୍ୟ ବିଦ୍ୟୁତ୍‌କର କର୍ପୋରେଶନ ୯ କୋଟି ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛନ୍ତି ।
- ବାଂଲାଦେଶର ସାମରିକ ଶାସନ କର୍ତ୍ତୃପକ୍ଷଙ୍କ ଆଦେଶରେ ପୂର୍ବତନ ରାଷ୍ଟ୍ରପତି ସାଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ସମେତ ୯ ନେତା ଗିରଫ ।

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା ।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି ।

-(ସେହି ମୁଁ ନିଜେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 7 | | | 6 | | 5 | 9 |
| 5 | | | | 4 | | | | |
| | | 2 | | | 1 | | | |
| | | | | | | | | 5 |
| | 5 | 1 | 7 | | 3 | 9 | | |
| 8 | | | | | | | | 6 |
| 1 | | | | | | 7 | | |
| | 8 | | | | 4 | | | 2 |
| | | | | 6 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 5 | 6 | 3 | 4 | 8 | 1 |
| 1 | 4 | 5 | 9 | 7 | 8 | 3 | 6 | 2 |
| 8 | 3 | 6 | 4 | 1 | 2 | 5 | 7 | 9 |
| 9 | 6 | 7 | 1 | 4 | 5 | 8 | 2 | 3 |
| 3 | 8 | 4 | 2 | 9 | 7 | 1 | 5 | 6 |
| 2 | 5 | 1 | 3 | 8 | 6 | 7 | 9 | 4 |
| 4 | 2 | 8 | 6 | 5 | 1 | 9 | 3 | 7 |
| 6 | 7 | 9 | 8 | 3 | 4 | 2 | 1 | 5 |
| 5 | 1 | 3 | 7 | 2 | 9 | 6 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ଜୁନ ଯୋଜନା କେବେ

ମହାଶୟ,

ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ଉପକୃତ ହେଉଛନ୍ତି, ହେବେ ମଧ୍ୟ । ପାଞ୍ଚ ବର୍ଷରେ ସେମାନେ କିଛି ଛୋଟମୋଟ ବ୍ୟବସାୟରେ ଅର୍ଥ ଖଟାଇ ଆତ୍ମନିର୍ଭରଶୀଳ ହେବେ । ଏହା ଏକ ଭଲ ଯୋଜନା । ମାତ୍ର ସ୍ତ୍ରୀ ଓ ପୁରୁଷ ହେଉଛନ୍ତି ମୁଦ୍ରାର ଦୁଇଟି ପାର୍ଶ୍ୱ । କେବଳ ତରାଜୁର ଗୋଟିଏ ପାଖକୁ ଓଜନିଆ କଲେ ଅପରପାଖଟି ଖାଲି ହୋଇଯାଉଛି । ଏହାକୁ ସମତୁଲ ରହିବାକୁ ହେଲେ ପୁରୁଷମାନଙ୍କ ନିମନ୍ତେ ତୁରନ୍ତ ଅର୍ଜୁନ ଯୋଜନା ପ୍ରଣୟନ କରିବାକୁ ହେବ । ସମ୍ପ୍ରତି ରାଜ୍ୟରେ ପାଠୁଆ, ଅଧାପାଠୁଆ ଲକ୍ଷ ଲକ୍ଷ ଅର୍ଜୁନ ବେକାର ହୋଇ ରହିଛନ୍ତି । ସେମାନଙ୍କ ନିମନ୍ତେ ସେମିତି କିଛି ଆଖିଦୃଶିଆ ଯୋଜନା ଥିଲାପରି ମନେହେଉନି । ଏଣୁ ଯଥାଶିଘ୍ର ବ୍ଲକ ଓ ୱାର୍ଡସ୍ତରରେ ଏମାନଙ୍କୁ ଚିହ୍ନଟ କରାଯାଇ ଅର୍ଜୁନ ଯୋଜନାରେ ସାମିଲ କରାଯାଉ ଓ କିଛି କିଛି ସହାୟତା ରାଶି ପ୍ରଦାନ କରାଯାଉ । ରାଜ୍ୟର ମାନବ ସମ୍ବଳର ସୁପରିଚାଳନା ନିମନ୍ତେ ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରାଯିବା ଉଚିତ । ପ୍ରଶାସନ ଏଥିପ୍ରତି ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ହେବ ।

-ପ୍ରତାପଚନ୍ଦ୍ର ପାଢ଼ୀ, ନିଗମନଗର-ଆର୍କୋଲୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଶିଷ୍ଟ ସାହିତ୍ୟିକ ମଧୁସୂଦନ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଯାଜପୁରସଦର, ୧।୧୨ (ସମରବିଜୟଶରଣ)

ଯାଜପୁର ବ୍ଲକ୍ ଅନ୍ତର୍ଗତ ରୁଦ୍ରପୁର ଗ୍ରାମର ବିଶିଷ୍ଟ ସାହିତ୍ୟିକ ଯାଜପୁର ଜ୍ୟୋତିର ସୁଯୋଗ୍ୟ ସମ୍ପାଦକ ମଧୁସୂଦନ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତି ଚାରଣ ସଭା ବିଶିଷ୍ଟ ଶିକ୍ଷାବିତ୍ ବେଣୁଧର ପତିଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିର ମୁଖ୍ୟ ଅତିଥି ଭାବେ ସାହିତ୍ୟିକ କୁଞ୍ଜବିହାରୀ ଦାଶ ଯୋଗଦେଇ ଥିବାବେଳେ ସାମ୍ମାନିତ ଅତିଥି ଭାବେ ବରୀ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟା ଆରତୀ ଦେଓ ମୁଖ୍ୟବକ୍ତା ଭାବେ, ଶିକ୍ଷାବିତ୍ ଗଗନ ବିହାରୀ ଜେନା ପ୍ରମୁଖ ଯୋଗ ଦେଇ ସାହୁଙ୍କ ସାହିତ୍ୟ ସାଧନା ପ୍ରତି ଥିବା ସମର୍ପଣ ଭାବ ସମ୍ପର୍କରେ ଆଲୋଚନା କରିଥିଲେ। କବି ବୈଦ୍ୟନାଥ ପଣ୍ଡା, ପର୍ଶୁରାମ ସାହୁ, ମଧୁସ୍ମିତା ଜେନା, ବିଜୟ ଦାସ, ଶରତ କୁମାର ଜେନା ପ୍ରମୁଖ କବିତା ପାଠ କରିଥିଲେ। ଦେବେନ୍ଦ୍ର ଦାସ, ସନ୍ତ ସୁବୁଦ୍ଧି କୁମାର, ନିବେଦିତା ଜେନା, ସୁପ୍ରିୟା ସାହୁ ପ୍ରମୁଖ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ ଡ. ଅଜୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର, ୧।୧୨ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ରବିନାରାୟଣ ବଳଙ୍କୁ ମଙ୍ଗଳବାର ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଡିଓ ହିତାଂଶୁ ଶେଖର ସାମଲ, ସାମାଜିକ କର୍ମୀ କୈଳାସ ସେଠୀ, ଏବିଡିଓ ସତ୍ୟଭୂଷଣ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଅନନ୍ତ ଚରଣ ସେଠୀ, ମୁଖ୍ୟ କିରାଣି ପ୍ରଶାନ୍ତ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ଅନୀଲ ସାମଲ, ସୁବୋଧ ସାମଲ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ବଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଭାଗବତ ଗୀତା ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

# ରମାଦେବୀ ଥିଲେ ମହିଳା ସଶକ୍ତୀକରଣର ଆଲୋକବର୍ତ୍ତିକା

ଚଣ୍ଡିଖୋଲ, ୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧୀଙ୍କ ନେତୃତ୍ୱର ରମା ଦେବୀ ଜାତୀୟ ସ୍ରୋତରେ ସାମିଲ ହୋଇଥିଲେ। ସେ ମହିଳା ସଶକ୍ତୀକରଣର ଆଲୋକ ବର୍ତ୍ତିକା ଥିଲେ। ଯେଉଁ ସମୟରେ ମହିଳାମାନେ ପଦାକୁ ବାହାରୁ ନ ଥିଲେ। ସେତେବେଳେ ସେ ଜାତୀୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବୋଲି ବକ୍ତାମାନେ କହିଥିଲେ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆସ୍ଥିତ ସଂଗ୍ରାମୀ ମାଟି ଠକରବାପା ଆଶ୍ରମ ପରିସରରେ ସୋମବାର ଆଶ୍ରମର ପରିଚାଳକ ବିଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରମାଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ଉତ୍କଳ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଗାନ୍ଧୀ ଶିକ୍ଷା ପ୍ରତିଷ୍ଠାନର ଓଡ଼ିଶା ଅଧ୍ୟକ୍ଷ



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ।

ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ଗାନ୍ଧୀବାଦୀ ଡା. ବିଶ୍ୱଜିତ ବିଗତ ଯୋଗଦେଇ ରମାଦେବୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ଅବଦାନ ସମ୍ପର୍କରେ କହିବା ସହ ସୋମବାରଠାରୁ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଆରମ୍ଭ ହେଲା। ଏହାପରେ କଟକ ଓ ଭୁବନେଶ୍ୱରଠାରେ ଜୟନ୍ତୀ ପାଳନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଉମାକାନ୍ତ ବଳ, ମହେଶ୍ୱର ବଳ, ନଟବର ସାମଲ, ଆଇନଜୀବୀ ଦେବରାଜ ବେହେରା, ପ୍ରକାଶ ଦାଶ, ଦିଲୀପ କୁମାର ସାମଲ, କୈଳାସ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ ସରସ୍ୱତୀ ଭୂୟାଁ ଓ ଜୀବନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭ ରେ ଆଶ୍ରମ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଫଳକରେ ମାଲ୍ୟାର୍ପଣ ପୂର୍ବକ ରାମ ଧୁନ ଗାନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ଯାଜପୁର ଜିଲା ସଭାପତି ଶ୍ରୀକାନ୍ତ କୁମାର ସାମଲ ସଂଯୋଜନା କରିଥିବାବେଳେ ଗାନ୍ଧୀ ସ୍ମାରକୀ ପ୍ରତିଷ୍ଠାନର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂଗ୍ରାମୀ ପରିବାରର ଦାୟଦ, ଖବରଦାତା ଓ ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରାପଡ଼ା ଗାନ୍ଧୀ ସ୍ମୃତି ପରିଷଦ ର ସମ୍ପାଦକ ରାଜେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୩ ବର୍ଷ ଜେଲ

ଯାଜପୁର ଟାଉନ, ୧।୧୨
(ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି)

ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜନୈକା ୧୩ ବର୍ଷର ନାବାଳିକାଙ୍କୁ ବଳାତ୍କାର ମାମଲାରେ ଯାଜପୁର ଫାଷ୍ଟ ଟ୍ରାକ୍ ଦୌରାଜଜ୍ ଅଭିଯୁକ୍ତ ପ୍ରକାଶ ଯେନା ଓରଫ୍ ଡୋରାଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଓ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଆଉ ୬ ମାସ ଜେଲ୍ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି।

ପୀଡ଼ିତା ବଡ଼ବାପାଙ୍କ ଘରେ ରହି ୮ମ ଶ୍ରେଣୀରେ ପଢୁଥିଲେ। ୨୩।୬।୨୪ ପୂର୍ବାହ୍ନ ୧୦ଟାରେ ନାବାଳିକା ଜଣକ ବଡ଼ବାପାଙ୍କ ଘରୁ ନିକଟସ୍ଥ ଦୋକାନକୁ ସଉଦା ଆଣିବାକୁ ଯାଇଥିଲେ। ଏହି ସମୟରେ ଦୋକାନୀ ପ୍ରକାଶ ଯେନା (ଡୋରା) ନାବାଳିକାଙ୍କୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଝିଅ ଘରକୁ ନ ଫେରିବାରୁ ବଡ଼ବାପା ପରିବାର ଲୋକେ ଦୋକାନକୁ ଯାଇ ତାଙ୍କ ଘର ଲୋକଙ୍କୁ ପଚାରିବାରୁ ଝିଅ ଆସିନାହିଁ ବୋଲି କହିବା ସହ ଗାଳି ଗୁଲଜ ଧମକଚମକ ଦେଇଥିଲେ। ଦୋକାନ ଆଗରେ ଝିଅର ଚପଲ ଦେଖି ବଡ଼ବୋଉ ଏବଂ ଅନ୍ୟମାନେ ଅଭିଯୁକ୍ତଙ୍କ ଘରେ ଧାନବସ୍ତା ସନ୍ଧିରୁ ଅଚେତ ଅବସ୍ଥାରେ ଝିଅଙ୍କୁ ଉଦ୍ଧାର କରିଥିଲେ। ଚେତା ଆସିବା ପରେ ଝିଅଙ୍କ ବୟାନ ଅନୁସାରେ ବଡବୋଉ ଥାନାରେ ଏତଲା ଦେଇଥିଲେ। ଏ ନେଇ ଥାନାରେ ନଂ. ୩୯୬/୨୪ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ପ୍ରକାଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଭଳି ଏକ ସମ୍ବେଦନଶୀଳ ମାମଲା ପୋକ୍‌ସୋ ମାମଲାର ନଂ. ୭୯/୨୪ର ବିଚାର କରି ସାକ୍ଷ୍ୟ ପ୍ରମାଣ ଆଧାରରେ ଯାଜପୁର ଫାଷ୍ଟଟ୍ରାକ୍ କୋର୍ଟ ତଥା ଅତିରିକ୍ତ ଜିଲା ଦୌରାଜଜ ଶରତ କୁମାର ଦେହୁରୀ ଅଭିଯୁକ୍ତ ପ୍ରକାଶଙ୍କୁ ୩ ବର୍ଷ କାରାଦଣ୍ଡ ଓ ୩ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଆଉ ୬ ମାସର ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ପାର୍ଥସାରଥୀ ରାୟ ମାମଲା ଲଢୁଥିଲେ। କିନ୍ତୁ ଅଭିଯୁକ୍ତପ୍ରକାଶ ପୁଣି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଂ. ୧୨୮୫/୨୫ରେ ଜାମିନ୍ ପାଇଁ ଆବେଦନ କରିଛନ୍ତି। ହାଇକୋର୍ଟ ଚିଠି ନଂ. ୫୫୫୫୬ (୨) ୨୧।୧୨।୨୦୨୫ ନିଜର ପୀଡ଼ିତା କନ୍ୟାଙ୍କ ସହ ନିଜର ପକ୍ଷ ରଖିବାକୁ ନୋଟିସ୍ କରିଛନ୍ତି। ଏହି ନୋଟିସ୍ ଅନୁଯାୟୀ ପୀଡ଼ିତାଙ୍କ ପିତା ଆଗାମୀ ୮।୧୨।୨୫ରେ ନିଜର ପକ୍ଷ ରଖିବାକୁ ହାଇକୋର୍ଟଙ୍କ ଇଜଲାସରେ ଉପସ୍ଥିତ ରହିବେ। ଶିଶୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ବିଧାନ କରିବା ସହ ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଉଭୟ ପୀଡ଼ିତା, ତାଙ୍କ ପରିବାର ଓ ଜନସାଧାରଣ ହାଇକୋର୍ଟଙ୍କ ଉପରେ ଆଶା ପ୍ରକଟ କରିଛନ୍ତି।

# ବିଭିନ୍ନ ସ୍ଥାନରୁ ଚୋରି ଘଟଣାରେ ୭ ଅଟକ

କାଏମା ୧।୧୨ (ଶିବ ପ୍ରସାଦ ମହାନ୍ତି):

ଧର୍ମଶାଳା ଅଞ୍ଚଳରୁ ବାରମ୍ବାର ଚୋରି ଘଟଣାରେ ପୋଲିସ ୭ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ଏହି ସଂଖ୍ୟା ଅଧିକ ହେବାର ଆଶଙ୍କା ରହିଛି ବୋଲି ସୋମବାର ସନ୍ଧ୍ୟା ସୁଦ୍ଧା ବିଶେଷ ସୂତ୍ରରୁ ଖବର ମିଳିଛି। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପରେ ଥାନା ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବା ପରେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ରମାକାନ୍ତ ନାୟକ ତତ୍ପର ହୋଇଉଠିଛନ୍ତି। କିଛିଦିନ ତଳେ ମନ୍ଦିର ଚୋରି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏବେ ପୋଲିସ ବିଭିନ୍ନ ଘରୁ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ଲାଗିପଡିଛି। ଏହି ସମସ୍ତ ଚୋରି ଘଟଣରେ ସମ୍ପୃକ୍ତ ଦୁର୍ବୃତ୍ତ ଓ ସେମାନଙ୍କୁ ସୂଚନା ପ୍ରଦାନ କରୁଥିବା ଦୁର୍ବୃତ୍ତଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଧର୍ମଶାଳା ଥାନା ଜାରକା, ଶାନ୍ତିବଜାର, କୁମାରୀ, ଜାମୁବଣିଆଁ, ଗାନ୍ଧିଛକ ଆଦି ଅଞ୍ଚଳରୁ ଚୋରି ଘଟଣାରେ ପୋଲିସ ସୋମବାର ସୁଦ୍ଧା ୭ ଜଣଙ୍କୁ ଧରି ଥାନାରେ ଅଟକ ରଖିଥିବା ଜଣାପଡିଛି। ତେବେ ଏହି ଚୋରିରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଥିବାରୁ ସେମାନଙ୍କୁ ଧରିବାକୁ ଧର୍ମଶାଳା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରିରଖିଛି ଯ ତେବେ ଧରାପଡିଥିବା ୭ଜଣଙ୍କ ମଧ୍ୟରୁ କିଛି ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ କେତେଜଣ ବାହାର ଜିଲାର ବୋଲି ଜଣାପଡିଛି। ତଦନ୍ତ ଓ ଗିରଫଦାରିରେ ବାଧା ଉପୁଯିବା ଆଶଙ୍କାରେ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି। ସମସ୍ତ ଅଭିଯୁକ୍ତ ଧରାପଡିବା ପରେ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଇ ଘଟଣାର ପର୍ଦ୍ଦାଫାସ କରିବ ବୋଲି ସୂଚନା ମିଳିଛି। ତେବେ ଥାନାରେ ଅଟକ ରହିଥିବା ୭ଜଣଙ୍କ ମଧ୍ୟରୁ କେଉଁମାନେ କେଉଁ ସ୍ଥାନରୁ ଚୋରି କରିଛନ୍ତି ସେଥିପାଇଁ ପୋଲିସ ବିଭିନ୍ନ ଚୋରି ହୋଇଥିବା ସ୍ଥାନକୁ ନେଇ ତଦନ୍ତ କରୁଥିବା ଦେଖିବାକୁ ମଧ ମିଳିଛି। ତେବେ ସେମାନଙ୍କଠାରୁ ଚୋରି ହୋଇଥିବା କେଉଁ ସାମଗ୍ରୀ ଜବତ ହୋଇଛି ତାହାକୁ ପୋଲିସ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିବ ବୋଲି ସୂଚନା ଦିଆଯାଇଛି।

## ସମ୍ପର୍କୀୟ ଜେଜେଙ୍କୁ ଆକ୍ରମଣ କରି ନାତିର ଆତ୍ମସମର୍ପଣ

ଚଣ୍ଡିଖୋଲ, ୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ ଘୁମୁରୀ ଗ୍ରାମରେ ସୋମବାର ଏକ ଅଘଟଣ ଘଟିଯାଇଛି। ସମ୍ପର୍କୀୟ ଜେଜେଙ୍କୁ ଆକ୍ରମଣ କରି ନାତି ଥାନାରେ ଆତ୍ମ ସମର୍ପଣ କରିଛନ୍ତି। ବଡ ଘୁମୁରି ଗ୍ରାମ ର ଶ୍ୟାମ ସୁନ୍ଦର ବିଶ୍ୱାଳ (୬୧) ଙ୍କ ସହିତ ତାଙ୍କର ସମ୍ପର୍କୀୟ ନାତି ତ୍ରିଲୋଚନ ବିଶ୍ୱାଳ (୨୨)ଙ୍କ କୌଣସି କାରଣରୁ ଝଗଡା ଆରମ୍ଭ ହୋଇଥିଲା। ତ୍ରିଲୋଚନ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ହଠାତ ଶ୍ୟାମ ସୁନ୍ଦରଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଶ୍ୟାମସୁନ୍ଦର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀ ତ୍ରିଲୋଚନ ରାତିରେ ବଡ଼ଚଣା ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
KEONJHAR CENTRAL CO-OPERATIVE BANK LTD.
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com
No.KCCB/5760/HRD/2025-26 Date : 01.12.2025

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

**I. Opening of Technical bid - 17.12. 2025 at 11:00 AM in the Conference Hall of the Bank.**
**II. Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.

# ସହକାରୀ ଶିକ୍ଷକଙ୍କୁ ଅବସରପ୍ରାପ୍ତ ସମ୍ବର୍ଦ୍ଧନା

ଧର୍ମଶାଳା, ୧।୧୨ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ କଦମପାଳସ୍ଥିତ କଦମପାଳ ଟଏଗର ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜୟ କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ରବିବାର ପ୍ରଧାନ ଶିକ୍ଷକ ଧର୍ମାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଏବିଓ ମମିତା ମହାନ୍ତି, ମୁଖ୍ୟବକ୍ତା ଭାବେ ଡ. ଭାଗ୍ୟଧର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘ ନେତା ଆର୍ତ୍ତତ୍ରାଣ ସେଠୀ, ବିଦ୍ୟାଳୟ କମିଟିର ଭରତ ଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ରାଉତ, ବ୍ରଜକିଶୋର ପଣ୍ଡା, ପ୍ରଦୀପ୍ତ କୁମାର ସାହୁ, ସିଆର୍‌ସିସି ସୁଶାନ୍ତ କୁମାର ପ୍ରଧାନ, ସରପଞ୍ଚ ତୃପ୍ତିଲତା ମହାନ୍ତି, କମିଟି ସଭାପତି ଅଜିତ୍ କୁମାର ଜେନା ଶିକ୍ଷକ ଦାସଙ୍କ ସମୟାନୁବର୍ତ୍ତିତା, ପରୋପକାରୀ, ଛାତ୍ରବତ୍ସଳ ଭାବ ଅତିଥିମାନେ ଅଭିଭାଷଣ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପ୍ରଭାକର ମଣ୍ଡଳ, ଅରାବଳ ପ୍ରଧାନ ଶିକ୍ଷକ ହରିହର ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ଜେନା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଭଗବାନପୁର କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଶେଷରେ ବିଦାୟୀ ଶିକ୍ଷକଙ୍କୁ ପଟୁଆରରେ ତାଙ୍କ ଗ୍ରାମ ରାୟଧରାପୁର ବାସଭବନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା।


ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

## ଝାଡେଶ୍ୱର ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ

କଳିଙ୍ଗନଗର, ୧।୧୨ (ଶୁଭାଶିଷ ରାଉତ):

ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଦାନଗଦି ବ୍ଲକର ଝାଡେଶ୍ୱର ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଅଧ୍ୟକ୍ଷ ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସ୍‌ର ଅଧ୍ୟାପକ ଅଜୟ କୁମାର ସାହୁ ମୁଖ୍ୟ ଅତିଥି, ସମାଜ ବିଜ୍ଞାନର ଅଧ୍ୟାପକ ତଥା ଯୁବ ରେଡ୍‌କ୍ରସର କାଉସିଲର ଅଜୟ କୁମାର ସାହୁ ମୁଖ୍ୟବକ୍ତା, ଅଧ୍ୟାପକ ଦିଲୀପ କୁମାର ନାୟକ, ବାମନ ଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର କୁମାର ସାହୁ, ଅଧ୍ୟାପିକା ଅର୍ପିତା ଦାସ, ବନଜା ମଞ୍ଜରୀ ଶତପଥୀ, ଗ୍ରନ୍ଥାଗରିକ ଭବେଶ କୁମାର ନାୟକ, କିରାଣି ହେମନ୍ତ କୁମାର ପୃଷ୍ଟି ଯୋଗଦେଇ ଏଡସ୍‌ର ଭୟାବହତା ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ଶୁଭଶ୍ରୀ ହୋତା, ଝିନ୍ନି ସାହୁ ସଚେତନତା ଓ ସାବଧାନତା ବିଷୟରେ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ଟୋଲକାନି ଗ୍ରାମକୁ ଯାଇ ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

## ସତର୍କତା, ସୁରକ୍ଷିତ ଜୀବନଧାରା ଏଡସ୍ ବ୍ୟାପିବାକୁ ରୋକିବ



ଏଡସ୍ ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

### ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ

ରସୁଲପୁର, ୧।୧୨ (ରଞ୍ଜିତ ରାଉତ) : ରସୁଲପୁର ବ୍ଲକ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ଖଇରାବାଦ-ମୁଗୁପାଳ ସମ୍ମିଳନୀ କକ୍ଷରେ ସୋମବାର ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶାରଦା କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦେବସ୍ମିତା ରାଉତରାୟ ସମ୍ବଳ ଅଧିକାରୀ ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡା. ରାଉତରାୟ ଏଡ୍‌ସ ରୋଗର କାରଣ, ପ୍ରଭାବ ଓ ନିରାକରଣ ସମ୍ପର୍କରେ ସୂଚନା ଦେଇ କହିଲେ ପ୍ରତ୍ୟେକ ବ୍ୟକ୍ତିର ସତର୍କତା, ସୁରକ୍ଷିତ ଜୀବନଧାରା ଏଡ୍‌ସ ବ୍ୟାପିବାକୁ ରୋକିପାରିବ। ଅସୁରକ୍ଷିତ ଯୌନ ସମ୍ପର୍କ, ଏକାଧିକବାର ବ୍ୟବହାର ହେଉଥିବା ସିରିଞ୍ଜ, ସେଲୁନରେ ଖିଅର ହେବା ଭଳି କେତେକ ବିଳିଷ୍ଟ ମାଧମ ଏଡ୍‌ସ ରୋଗକୁ ଧାରଣ କରିବାରେ ସହାୟକ ହୋଇଥାଏ। ଜାତୀୟ ସେବା ଅଧିକାରୀ ଡ. କାଦମ୍ବିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ବିଭାଗର ଅଧ୍ୟାପକ ସୁରେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ସହଯୋଗ କରିଥିଲେ।

ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ,
କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
କପାସ କିସାନ
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ, ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ ସଚେତନତା

ଯାଜପୁରରୋଡ୍, ୧।୧୨
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ବିଶ୍ୱ ଏଡସ ଦିବସ ସୋମବାର ପାଳିତ ହୋଇଯାଇଛି। ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ସୋମବାର ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ଚୂନଭାଟି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗଣେଶ ବଜାର, ଡାବସାହି ଏବଂ ବିଭିନ୍ନସ୍ଥାନରେ ବୁଲିବୁଲି ଏହି ମାରାତ୍ମକ ରୋଗ ସମ୍ପର୍କରେ ବସ୍ତି ବସିନ୍ଦାଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ହେମନ୍ତ କୁମାର ଧୀର, ନାରାୟଣ ଚନ୍ଦ୍ର ନାୟକ, ଅକ୍ଷୟ ନାୟକ, ରମେଶ ବିଶ୍ୱାଳ, ଅସିତ ଦାସ, ବିଜୟ ନନ୍ଦୀଙ୍କ ସମେତ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

ସେହିପରି ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେଡ଼କ୍ରସ ୟୁନିଟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଅବସରରେ ପୂର୍ବାହ୍ନରେ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରୀଛାତ୍ର,



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ସାମିଲ ହୋଇଛନ୍ତି।

ଅଧ୍ୟାପିକାଅଧ୍ୟାପକ ଏହି ସଚେତନତା ଶୋଭାଯାତ୍ରାରେ କଲେଜ ପରିସରରୁ ବାହାରି ଧଳଗିରି ଛକ ପର୍ଯ୍ୟନ୍ତ ଯାଇଥିଲେ। କଲେଜ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ଏହି ଶୋଭାଯାତ୍ରାର ଉଦ୍‌ଘାଟନ କରଥିଲେ। ପ୍ରଶାସନିକ ମୁଖ୍ୟ ତଥା ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଭାତ କୁମାର ସ୍ୱାଇଁ ଏଡ୍‌ସ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ କହିଥିଲେ। ରେଡ୍‌କ୍ରସ ସଂଯୋଜକ ଡ. ରଜତକାନ୍ତ ଦାଶ କହିଥିଲେ, ପ୍ରତିବର୍ଷ ଡିସେମ୍ବର ୧କୁ ସମଗ୍ର ପୃଥିବୀରେ ବିଶ୍ୱ ଏଡ୍‌ସ ଦିବସ ଭାବରେ ପାଳନ କରାଯାଇଥାଏ। ଏହି ଦିବସ ପାଳନର ତାତ୍ପର୍ଯ୍ୟ ହେଉଛି ଏଚଆଇଭି ଏଡ୍‌ସ ସମ୍ପର୍କରେ ସଚେତନ କରାଇବା ଏବଂ ଏହାଦ୍ୱାରା ପୀଡିତଙ୍କୁ ସହାୟତା ଯୋଗାଇବା। ଲୋକଙ୍କୁ ସଚେତନ କରାଇବାରେ ଅଧ୍ୟାପିକା ଅସତି କୁସୁମ ନାୟକ, ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ, ଅଧ୍ୟାପକ ବିଜୟ ପରିଡା, ଅଧ୍ୟାପକ ଅଜୟ କୁମାର ମହାକୁଡ଼, ଅଧ୍ୟାପକ କ୍ୟାପଟେନ ପୂର୍ଣଚନ୍ଦ୍ର ସ୍ୱାଇଁ ଶୋଭାଯାତ୍ରାର ପରିଚାଳନା କରିଥିଲେ।

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଜୁନିୟର କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ସୁରେନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଅତିଥି ଭାବେ ଶଙ୍ଖଚିଲାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭ୍ରାଂଶୁ ଶେଖର ମହାନ୍ତି, କଲେଜର ଅଧ୍ୟକ୍ଷା ଲଳିତା ସାହୁ ଓ ଡିଗ୍ରୀ କଲେଜର ଅଧ୍ୟକ୍ଷ ରତ୍ନାକର ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ପ୍ଲାକାର୍ଡ ଧରି କଲେଜ ପରିସରରୁ ଶୋଭାଯାତ୍ରାରେ ଦଳାଛକ, ଡାକବଙ୍ଗଳା ଛକ ଓ ନିଉ ମାର୍କେଟ ଆଦି ବଜାର ପରିକ୍ରମା କରିଥିଲେ। ଶେଷରେ କଲେଜ ସଭାଗୃହରେ ଏଡ୍‌ସ ସମ୍ବନ୍ଧୀୟ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡା. ପ୍ରମୋଦ ଶତପଥୀ, ସମ୍ମାନିତ ଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନା ପ୍ରମୁଖ ଯୋଗଦେଇ ଏଡ୍‌ସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂଯୋଜକ ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲାବେଳେ ଅତିଥି ପରିଚୟ ଅଧ୍ୟାପକ ହୃଷୀକେଶ ତ୍ରିପାଠୀ, ସ୍ୱାଗତ ଭାଷଣ ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ଆୟେଶା ପରିଡା ଧନ୍ୟବାଦ ଦେଇଥିଲେ।

**EXECUTIVE ENGINEER,**
**MINOR IRRIGATION DIVISION, BOKARO.**

e-Procurement Portal
(Two Envelope system)
**E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025**

1.Date of Publication of Tender on website :- 15.12.2025 at 2.00 PM
2.Last date/Time for receipt of bids online bids :- e-Procurement Portal (Jharkhandtenders.gov.in)
Fee, Security and other documents :- 27.12.2025 up to 2.00 PM
3.Date of Opening of Tender on website :- 29.12.2025 at 3:00 PM
4.Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block- Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block- Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Bokaro
PR.NO.367452 Minor Irrigation(25-26):D

# ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲର ପୁନରୁଦ୍ଧାର ଦାବିକଲେ ବିଧାୟକ

## ବତୀଘର-ଜମ୍ବୁ ସେତୁ ନିର୍ମାଣ ନେଇ ବିଧାନସଭାରେ ଦାବି



ବିଧାନସଭାରେ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ପ୍ରଶ୍ନ କରୁଛନ୍ତି।

ମହାକାଳପଡ଼ା, ୧।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବତୀଘର ଓ ଜମ୍ବୁରେ ନୂଆ ସେତୁ ନିର୍ମାଣ କାର୍ଯ୍ୟ ଓ ଜମ୍ବୁ - ମାର୍ଶାଘାଇ ମୁଖ୍ୟ କେନାଲର ପୁନରୁଦ୍ଧରା ପାଇଁ ସୋମବାର ଶୀତ ଅଧିବେଶନରେ ସ୍ଥାନୀୟ ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ଦାବୀ କରିଛନ୍ତି। ଏହି ଅବସରରେ ବିଧାନସଭାର ଶୂନ୍ୟ କାଳରେ ବିଧାୟକ ନାୟକ ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅଞ୍ଚଳ ନଦୀ ନାଳ ଘେରା ହୋଇଥିବାରୁ ବତୀଘର ଓ ଜମ୍ବୁରେ ସେତୁ ନିର୍ମାଣ ସଂପୂର୍ଣ୍ଣ ହେଲେ ହଜାର ହଜାର ଲୋକଙ୍କ ଜୀବନ ରେଖା ପାଇଁ ବାଟ ଫିଟିବ। ଏହା ଦ୍ୱାରା ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆର୍ଥିକ ବୃଦ୍ଧି ପାଇବା ସହ ବେକାରୀ ସମସ୍ୟା ଦୂର ହେବ ବୋଲି କୁହାଯାଉଛି। ଅପରପକ୍ଷରେ ଆଖିଡ଼ାଶାଳୀ, ଭାଟେଣୀ ସ୍ଲୁଇସ୍ କ୍ରାଫ୍ର ପୁନରୁଦ୍ଧାର ହେଲେ ହଜାର ହଜାର ଚାଷୀଙ୍କ ଜମିରେ ମଧୁର ଜଳରେ ବିଭିନ୍ନ ପ୍ରକାରର ଫସଲ ହେବ ବୋଲି କୁହାଯାଉଛି। ସେହିପରି କୁମ୍ଭୀର, ଶିଆଳ ଓ ବାର୍‌ହା ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁ ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହେଉଛି। ଏଥି ପ୍ରତି ଯତ୍ନବାନ ହେବା ପାଇଁ ବିଧାୟକ କହିଛନ୍ତି।

# ୨୦୬ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

କେନ୍ଦ୍ରାପଡ଼ା, ୧।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଜିଲା ପରିଷଦ ସଭାଗୃହରେ ସୋମବାର ଜିଲାସ୍ତରୀୟ ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୨୦୬ ଅଭିଯୋଗ ଆସିଥିଲା। ସେଥିରୁ ୧୮୪ ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୨୨ ଟି ସାମୁହିକ ଅଭିଯୋଗରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା ଓ ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ଆୟାର ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ରେଡକ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୟ ମହାନ୍ତି, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲା ଯୋଗାଣ ଅଧିକାରୀ ବିନୋଦ ବିହାରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ

ଆଳି, ୧।୧୨ (ବନମାଳୀ ସେନାପତି)

ଜାତୀୟ କଂଗ୍ରେସ ପକ୍ଷରୁ ଦକ୍ଷ ଉପସ୍ଥାପକ, ମୁଖପାତ୍ର, ଗଣ ମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସମୀକ୍ଷକ ନିମନ୍ତେ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏଥିରେ ଭାଗ ନେବା ନିମନ୍ତେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ କଂଗ୍ରେସ ପ୍ରେମୀମାନଙ୍କୁ ଅବଗତ କରାଇଛନ୍ତି । ଡାକ୍ତର ଶର୍ମା କହିଛନ୍ତି, କଂଗ୍ରେସ ଦଳ ନୀତି ଆଦର୍ଶ, କଂଗ୍ରେସକୁ ଭଲ ପାଉଥିବା ଓ ତୃଣମୂଳ ସ୍ତରରୁ କଂଗ୍ରେସ ନିମନ୍ତେ ଛିଡ଼ି କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଭାଗନେଇ ବିଭିନ୍ନ ପଦବୀରେ ରହି ଦଳପାଇଁ କାର୍ଯ୍ୟ କରିବାର ସୁଯୋଗ ଅଛି କଂଗ୍ରେସ। ତୁରନ୍ତ ଏଥିରେ ଭାଗ ନେବାକୁ ସେ କେନ୍ଦ୍ରାପଡ଼ା ଜିଲାର ସମସ୍ତ କଂଗ୍ରେସ କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।

# ବିଶ୍ୱ ଏଡ୍‌ସ ଦିବସ ପାଳନ




କାର୍ଯ୍ୟକ୍ରମରେ ଅଧ୍ୟାପିକା ଓ ଅଧ୍ୟାପକମାନେ ।

ଡେରାବିଶ, ୧।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ପକ୍ଷରୁ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଯୁବ ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ପ୍ରଭାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ସୁଷମା ଶତପଥୀ ମୁଖ୍ୟ ଅତିଥି ଓ ପ୍ରାଧ୍ୟାପକ ବିନୟ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଡ଼୍‌ସ୍ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଏଡ୍‌ସର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ମୀନାକ୍ଷୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବରଦା ପ୍ରସାଦ ଜେନା, ଦିବ୍ୟ କୁମାର ଦାଶ, ପ୍ରଦୀପ କୁମାର ରାଉତ, ଅଧ୍ୟାପିକା ଝରାଶ୍ରୀ ପରିଜା ଓ ମନୀଷା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com

**No.KCCB/5760/HRD/2025-26** **Date : 01.12.2025**

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

**I. Opening of Technical bid - 17.12. 2025 at 11:00 AM in the Conference Hall of the Bank.**

**II. Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

**Sd./- Chief Executive Officer**
**Keonjhar Central Cooperative Bank Ltd.**


# ସଚେତନ ହେଲେ ଏଡ୍‌ସ ରୋକାଯାଇପାରିବ

ପଟ୍ଟାମୁଣ୍ଡାଇ, ୧।୧୨ (କଳ୍ପତରୁ ନାୟକ)


## ପଟ୍ଟାମୁଣ୍ଡାଇ କଲେଜରେ ବିଶ୍ୱ ଏଡ୍‌ସ ଦିବସ

ପଟ୍ଟାମୁଣ୍ଡାଇ କଲେଜରେ ବିଶ୍ୱ ଏଡ଼୍‌ସ୍ ଦିବସ ପାଳିତ ହୋଇଯାଇଛି । ୟୁଥ ରେଡକ୍ରସ୍,ଏନଏସ୍‌ଏସ୍ ଓ ଏନ୍‌ସିସି ପକ୍ଷରୁ ଏଡ଼୍‌ସ୍ ସଚେତନତା ପାଇଁ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏହାକୁ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନେସନାଲ ୟୁଥ ପଲିସ ରାଜ୍ୟ ସଂଯୋଜକ ସତ୍ୟ ଶ୍ରୀ ସୌମ୍ୟକାନ୍ତ ମହାପାତ୍ର ଏଡ଼୍‌ସ୍ ରୋଗର ଭୟାବହତା ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ସଚେତନ ହେଲେ ଏଡସ୍ ରୋକାଯାଇ ପାରିବ ବୋଲି କହିଥିଲେ। ଆଲୋଚନାଚକ୍ରରେ କଲେଜ ୟୁଥ୍ ରେଡ଼କ୍ରସ୍ କାଉନ ସେଲ ଅଧ୍ୟାପକ ସରୋଜକାନ୍ତ ନାୟକ,ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଏନ୍‌ସିସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ବିଶ୍ୱ ବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା ଏଡ଼୍‌ସ୍ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ । ଏଥିରେ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଡ଼. ସୁନୀଲ ପ୍ରଧାନ, ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ, ଅଧ୍ୟାପକ ରଞ୍ଜନ ବେହେରା ଓ ଅଧ୍ୟାପକ ଭାରତ ଭୂଷଣ ସାହୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ସମାଜ ଗଠନରେ ସାହିତ୍ୟର ଭୂମିକା ଅତୁଳନୀୟ



ଅତିଥିମାନେ ଅନୁଷ୍ଠାନ ମୁଖପତ୍ର ସତୀର୍ଥକୁ ଉନ୍ମୋଚନ କରୁଛନ୍ତି।

କେନ୍ଦ୍ରାପଡା, ୧।୧୨ (ଜଗନ୍ନାଥ ଧଳ)

## ସତୀର୍ଥର ସ୍ୱନକ୍ଷତ୍ର ଦିବସ ଉତ୍ସବ

ସାହିତ୍ୟ କେବଳ ଲେଖନୀ ମୁନରେ ସୀମିତ ନୁହେଁ, ଏହାର ପରିଧି ବ୍ୟାପକ । ଠାରରେ ହେଉ ଅଥବା ନୃତ୍ୟଗୀତରେ ମଧ୍ୟ ସାହିତ୍ୟର ଅବଦାନ ଅନନ୍ୟ । କହିବାକୁ ଗଲେ ସୁସ୍ଥ ସମାଜ ଗଠନରେ ସାହିତ୍ୟର ଭୂମିକା ଅତୁଳନୀୟ ବୋଲି ସତୀର୍ଥ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକାଦଶତମ ସ୍ୱନକ୍ଷତ୍ର ଦିବସ ଉତ୍ସବରେ ଆଲୋଚକମାନେ ମତ ଦେଇଥିଲେ। କେନ୍ଦ୍ରାପଡା ବ୍ଲକ କୋରୋ ପଞ୍ଚାୟତ ସିଦ୍ଧବଟସ୍ଥ ଗଣକବି ଗୋପାଳ ଦାଶ ମଞ୍ଚରେ ଏହି ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା । ସତୀର୍ଥ ସଭାପତି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ ଡ. ବୈଷ୍ଣବ ଚରଣ ସାମଲ, ଡ. କୁମରବର ଦାସ, ନିରୁପମା ବରାଳ, ସ୍ୱପ୍ନାଂଶୁ ଦାସ, କବିତା ମୁଦୁଲି, ସଂଜିତ୍ ପଟ୍ଟନାୟକ, ନିର୍ମଳ ଚନ୍ଦ୍ର ବିଶ୍ୱାଳ ଓ ସରପଞ୍ଚ ରଞ୍ଜିତ କୁମାର ଜେନା ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଦର୍ଶାଇଥିଲେ, ସାହିତ୍ୟ ଦ୍ୱାରା ସମାଜକୁ ସଫଳ ଦିଗରେ ଚାଲିବା ପାଇଁ ପ୍ରୟାସ ସଦାସର୍ବଦା ଜାରି ରହିଛି । ବେଦର ମନ୍ତ୍ରୋଚାରଣରେ ସମାଜର କଲ୍ୟାଣ ବାର୍ତ୍ତା ଦିଆଯାଇଛି । ସେହିପରି, ସାହିତ୍ୟିକ ଲିଓ ଟଲଷ୍ଟୟ, ମକସିମ ଗର୍କିଙ୍କଠାରୁ ଆରମ୍ଭ କରି ଗାଁ ଗହଳିରେ ପ୍ରଚଳିତ ଲୋକଗୀତରେ ସୁସ୍ଥ ସମାଜ ଗଠନର ପ୍ରେରଣା ଲୁଚି ରହିଛି। ପୁରସ୍କାର ଲୋଭରେ ଲିଖିତ କେତେକ ସାହିତ୍ୟ ସାମୟିକ ସମୟ ପାଇଁ ଆନନ୍ଦ ଦେଉଥିଲେ ମଧ୍ୟ ତାହା କାଳଜୟୀ ନୁହେଁ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ବିଶେଷ ପ୍ରତିଭା ଡ. ରାମଚନ୍ଦ୍ର ଖୁଣ୍ଟିଆ, ଯଜ୍ଞଦତ୍ତ ଆର୍ଯ୍ୟ ଓ ସୁନନ୍ଦା ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ଅନୁଷ୍ଠାନ ମୁଖପତ୍ର ସତୀର୍ଥକୁ ଉନ୍ମୋଚନ କରିଥିଲେ। କବି ନିକୁଞ୍ଜ ପୃଷ୍ଟି ଓ ଅଶୋକ ସହୁଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ ସ୍ୱରଚିତ କବିତା ପାଠ ହୋଇଥିଲା । ସମ୍ପାଦକ ମନ୍ମଥ ନାଥ ବରାଳ ଆଲୋଚନା ଚକ୍ର ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ଅନୁଷ୍ଠାନର କର୍ମମୟ ଜୀବନଗାଥା ଲୋକଲୋଚନକୁ ଆଣିଥିଲେ । କାର୍ଯ୍ୟକ୍ରମକୁ ପଣ୍ଡିତ ପ୍ରତାପ ପତି, ଭାଗୀରଥି ଜେନା, ଭାଗବତ ଷଡ଼ଙ୍ଗୀ, ମହେଶ୍ୱର ନାୟକ ଓ କୈଳାସ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ଶୀତକାଳୀନ ଜାତୀୟ ସେବା ଶିବିର

ଡେରାବିଶ, ୧।୧୨ (ବେବର୍ତ୍ତା ଅଜୟ ଦାସ)

## ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଡେରାବିଶ ବ୍ଲକ ଛତାସ୍ଥିତ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ଗତ ୨୭ତାରିଖଠାରୁ ଆରମ୍ଭ ହୋଇଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ବିଦ୍ୟାଳୟରେ ଅନୁଷ୍ଠିତ ହେଉଛି । ବିଦ୍ୟାଳୟ ଅଧ୍ୟକ୍ଷା ଡ଼. ରତ୍ନମଣି ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ୭ଦିନିଆ ଶିବିର ବୁଧବାର ଉଦ୍‌ଯାପିତ ହେବ । ସୋମବାର ବିଶ୍ୱ ଏଡ଼୍‌ସ୍ ଦିବସ ଅବସରରେ ୫୦ଜଣ ଶିବିରାର୍ଥୀ ଛାତ୍ରୀ ଏଡ଼୍‌ସ୍‌ର ଭୟାଭୟତା ଓ ଏହାର ନିରାକରଣ ଉପରେ ଏକ ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ସ୍ଥାନୀୟ ଗ୍ରାମରେ ପରିକ୍ରମା କରିଥିଲା । ଏଥିରେ ସେବା ସଂସ୍ଥା ସଂଯୋଜିକା ଅଧ୍ୟାପିକା ପୁଷ୍ପିତା ରାଉତ, ଗାୟତ୍ରୀ ଦାସ, କାନ୍ତିମୟୀ ପଣ୍ଡା, କନକଲତା ନାୟକ, ଜ୍ୟୋସ୍ନାମୟୀ ଶତପଥୀ, ଚିନ୍ମୟୀ ପଣ୍ଡା ଓ ଖେଳ ଶିକ୍ଷକ ପ୍ରଦୀପ କୁମାର ନାୟକ ନେତୃତ୍ୱ ନେଇଥିଲେ। ଉଦ୍‌ଘାଟନ ଉତ୍ସବରେ ଜିଲା ଜାତୀୟ ସେବା ସଂସ୍ଥା ଯୋଜନା ସଂଯୋଜିକା ଡ଼ ପଦ୍ମଜା କବି ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକ ନିବାସରେ ଶୀତବସ୍ତ୍ର ଦେଇ ସମ୍ମାନିତ

ମହାକାଳପଡ଼ା, ୧।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରୀନାଶି ଜନ କଲ୍ୟାଣ ସେବା ସଂସ୍ଥା ପକ୍ଷରୁ ବରିଷ୍ଠ ନାଗରିକ ନିବାସରେ ଖୋର୍ଦ୍ଧା ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାର ୨୫ରୁ ଅଧିକ ବୃଦ୍ଧାବୃଦ୍ଧ ଅଛନ୍ତି। ସୋମବାର କେନ୍ଦ୍ରାପଡ଼ା ଜିଲାର ଅଗ୍ରଣୀ ସଂଗଠନ ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବୃଦ୍ଧା ବୃଦ୍ଧମାନଙ୍କୁ ଶୀତବସ୍ତ୍ର ପିନ୍ଧାଇବା ସହ ଭୂରି ଭୋଜନରେ ଆପ୍ୟାୟିତ କରିଥିଲେ। କେତେଜଣ ବୃଦ୍ଧାବୃଦ୍ଧଙ୍କ କହିବା କଥା ନିଜ ଝିଅ ପୁଅ ବୋହୂଙ୍କ ନିର୍ଯାତନା ସହି ନ ପାରି ବାଧହୋଇ ନିଜ ଜନ୍ମ ମାଟି ଛାଡ଼ି ଶେଷରେ ଏହାକୁ ଆଦରି ନେଇଛୁ। ଅପର ପକ୍ଷରେ ଏହି ବରିଷ୍ଠ ନିବାସରେ ଟ୍ରଷ୍ଟ ସଦସ୍ୟମାନେ ବୃଦ୍ଧାବୃଦ୍ଧଙ୍କୁ ତିଳକ ଚନ୍ଦନ ଟିକା ଲଗାଇ ଧୂପ ଦୀପ ଜାଳି ପୂଜାର୍ଚ୍ଚନା କରିଥିଲେ। ନିବାସ ପରିଚାଳକ ପବିତ୍ର କୁମାର ପରିଡ଼ା କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିନା ଶୁଳ୍କରେ ଆଇନ ଅନୁସାରେ ଜନ୍ମ କଲା ଝିଅ ପୁଅ ବୋହୂମାନେ ଅବହେଳା କଲେ ଅଦାଲତରେ ଦଣ୍ଡ ବିଧାନର ପ୍ରାବଧାନ ରହିଛି। ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ରଶ୍ମିରଞ୍ଜନ ବାରିକ, ବିଷ୍ଣୁ ମହାପାତ୍ର, ପ୍ରମୋଦ କୁମାର ନାୟକ, ନିମାଇଁ କର, ରାଜୀବ ଲୋଚନ ରାୟ, ସଂଗ୍ରାମ ଦାସ ଓ ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ନିବାସ ପରିଚାଳକ ପବିତ୍ର କୁମାର ପରିଡ଼ା, ରେବତୀ ଗାରୁ ଓ ପୂଜାଲିନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବରିଷ୍ଠ ନିବାସ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଆର୍ଥିକ ସହାୟତାରେ ପରିଚାଳିତ ହେଉଛି।


ଭା.କ.ନି.
CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ,
କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ


# ଶିକ୍ଷାବିତ୍ ନରେନ୍ଦ୍ର ନାୟକଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା

ଆଳି, ୧।୧୨ (ବନମାଳୀ ସେନାପତି)

ବରୁଣାଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବିଶିଷ୍ଟ ଶିକ୍ଷାବିତ୍ ନରେନ୍ଦ୍ର ନାୟକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଓ ସ୍ମୃତି ଚରଣ ସଭା ସୋମବାର ତାଙ୍କ ନିଆଳ ସ୍ଥିତ ବାସଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଗାଳ୍ପିକ ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନରେନ୍ଦ୍ର ନାୟକଙ୍କ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସ୍ମୃତି ସ୍ମାରକୀ ଶିକ୍ଷାବିତ ପ୍ରେମାନନ୍ଦ ମୁଦୁଲିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନରେନ୍ଦ୍ର ସାରଙ୍କର ବିଦ୍ୟାଳୟ ପ୍ରତି ଥିବା ଅବଦାନ ଓ ଛାତ୍ର ବତ୍ସଳତା ବିଷୟରେ କହିଥିଲେ। ବରୁଣା ଡିହା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସତ୍ୟନାରାୟନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନେକ ପୁରାତନ ଛାତ୍ର ଓ ଶିକ୍ଷକମାନେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

# ଇଜ୍‌ତମା ପାଇଁ ଶାନ୍ତି କମିଟି ବୈଠକ

ଆଳି, ୧।୧୨ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଜାନୁୟାରୀ ୧୭ରେ ରାଜ୍ୟସ୍ତରୀୟ ଇଜ୍‌ତମା ହେବାକୁ ଯାଉଥିବାରୁ ଏଥି ନିମନ୍ତେ ଏକ ଶାନ୍ତି କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଅକ୍ଷୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆଳି ବହୁମୁଖୀ ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ଏହି ଶାନ୍ତି କମିଟି ବୈଠକରେ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଆଳି ଥାନା ଏସ୍‌ଆଇ ମାନସ ସାହୁ, ବରିଷ୍ଠ ରାଜନେତା ଧନରଞ୍ଜନ ବୋଷ, ରବିନାରାୟଣ ବେହେରା, ବରାହ ପଣ୍ଡା,ମେଣ୍ଟପୁର ସରପଞ୍ଚ ପ୍ରତିନିଧି ସେକ୍ ସୋପାନ, ବିଜୟାନନ୍ଦ ସେନାପତି, ଦୁର୍ଯ୍ୟୋଧନ ମଲ୍ଲିକ, ପୂର୍ବତନ ସରପଞ୍ଚ ଦିବାକର ନାୟକ, ଭୂଇଁପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ମୌଲାନା ଜାଫର, ରାଜ୍ୟସ୍ତରୀୟ ଇଜ୍‌ତମା କମିଟି ସଭାପତି ସେକ୍ ଗବର,ସେକ୍ ଅବଦୁଲ ମତିନ, ସେକ୍ ସମ୍ସିଉଲ୍ଲା, ସେକ ତଫିଜ, ସେକ୍ ଆତିଫ, ଅବଦୁଲ ରିହାନ, ହାଫିଜ କାବଲି ପ୍ରମୁଖଙ୍କ ସହ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଇସ୍‌ଲାମ ଧର୍ମର ଏହି ଧାର୍ମିକ ଚର୍ଚ୍ଚା ୩ ଦିନ ହେବାକୁ ଥିବାରୁ କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ବହୁ ଲୋକ ସାମିଲ ହେବେ। ଏହି ସମୟରେ କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମ ଶେଷ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଆଳିରେ ହିନ୍ଦୁ -ମୁସ୍‌ଲିମ ଭାଇଚାରା ବଜାୟ ରହିଥିବାରୁ ଏହି କାର୍ଯ୍ୟକ୍ରମ ମଧ୍ୟ ଭାଇଚାରା ବଜାୟ ରଖିବା ନିମନ୍ତେ ମତ ପ୍ରକାଶ ପାଇଥିଲା।




ବୈଠକରେ ଇଜ୍‌ତମା ପାଳନ ନେଇ ଆଲୋଚନା କରାଯାଉଛି।


**EXECUTIVE ENGINEER,**
**MINOR IRRIGATION DIVISION, BOKARO.**

e-Procurement Portal
**(Two Envelope system)**
**E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025**

1.Date of Publication of Tender on website :- 15.12.2025 at 2.00 PM
2.Last date/Time for receipt of bids online bids :- e-Procurement Portal (Jharkhandtenders. gov.in)
Fee, Security and other documents :- 27.12.2025 up to 2.00 PM
3.Date of Opening of Tender on website :- 29.12.2025 at 3:00 PM
4.Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

**Note :-** (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Bokaro**

PR.NO.367452 Minor Irrigation(25-26):D

# ଜଳବିଭାଜିକା, ମୃତ୍ତିକା ସଂରକ୍ଷଣ ପକ୍ଷରୁ ଭୂ-ସମ୍ପଦ ସଚେତନତା ଯାତ୍ରା



କାର୍ଯ୍ୟକ୍ରମରେ ଅତିଥିମାନେ ଜର୍ସି ପ୍ରଦର୍ଶନ କରୁଛନ୍ତି।

**ଶରଣକୁଳ,୧।୧୨(ଦୀପକ କର)**

ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଭୂ-ସମ୍ବଳ ସୂଚୀ ଓ ଏଲଆର୍‌ଆଇ ଯାତ୍ରା- ୨୦୨୫ ସୋମବାର ଓଡ଼ଗାଁ ବ୍ଲକ ବଡ଼ଗୋରଡ଼ା ପଞ୍ଚାୟତ ପାଟୁଳିସାହି ଆଖଣ୍ଡଳମଣି ମନ୍ଦିରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଚାଷୀଙ୍କୁ ଅଧିକ ଗରୁତ୍ୱ ଦିଆଯାଇଛି। ଲୋକକଳା ମାଧ୍ୟମରେ ଚାଷୀ କିପରି ବିଭିନ୍ନ ପ୍ରକାରର ଚାଷକରି ଲାଭବାନ ହେବ ତା'ଉପରେ ସମସ୍ତଙ୍କୁ ସଚେତନ କରାଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳୀଚରଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡଗୋରଡ଼ା ସରପଞ୍ଚ ତ୍ରିଲୋଚନ ଦଳେଇ, ଆଇଆଇଡବ୍ଲୁ ପ୍ରଧାନ ବୈଜ୍ଞାନିକ ଡ.ସୁଶାନ୍ତ କୁମାର ଜେନା, ଓଡ଼ଗାଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରା, ଦଶପଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ଶତପଥୀ, ବୈଜ୍ଞାନିକ କେବିକେ ଦେବାଶିଷ ନାୟକ, ଓଡ଼ଗାଁ ଓଭରସିୟର ଦୀପକ କୁମାର ସାହୁ, ଡବ୍ଲୁଏମଟି ଦୀପକ କୁମାର ଜେନା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଭାରତୀୟ କୃଷି ପରିଚାଳନା ପରିଷଦ ଓ ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥା ମିଳିତ ସହଯୋଗରେ ଏହି ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ପକ୍ଷରୁ ଲୋକଙ୍କୁ ଅନେକ ସୁବିଧା ଯୋଗାଇ ଦିଆଯାଇଛି। ପୋଖରୀ ଖନନକରି ମାଛ ଓ କୁକୁଡ଼ା ପାଳନ, ଛତୁଚାଷ, ପନିପରିବା ଆଦି ଚାଷକରି ଲୋକମାନେ ରୋଜଗାରକ୍ଷମ ହୋଇପାରିଛନ୍ତି। ବିଭିନ୍ନ ଗ୍ରାମରେ ଥିବା ମାଟି ଫସଲ ପାଇଁ ଉପକାରୀ ହୋଇଥାଏ। ତେଣୁ ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ପକ୍ଷରୁ ବିଭିନ୍ନ ସୁବିଧା ନେଇ କାର୍ଯ୍ୟ କରିବାକୁ ଅଧିକାରୀମାନେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ। ବିଭିନ୍ନ ପଞ୍ଚାୟତର ସରକାରଙ୍କ ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି।

## ଏପଟେ ପାଠପଢ଼ା, ସେପଟେ ବିଜ୍ଞାନମେଳା କାହା ପାଇଁ ଆୟୋଜନ

ନୟାଗଡ,୧।୧୨(ଲୋକନାଥ ମିଶ୍ର)

ନୟାଗଡ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଲାଠିପଡା ପଏମ୍‌ଶ୍ରୀ ହାଇସ୍କୁଲରେ ମଙ୍ଗଳବାର ହେବ। ତେବେ ମେଳାକୁ ନୟାଗଡ ବ୍ଲକର ଛାତ୍ରୀଛାତ୍ର ଦେଖିବାର ସୁବିଧା ପାଇବେ ନାହିଁ । କାରଣ ବିଜ୍ଞାନମେଳା କରାଯିବା ସମୟରେ ସ୍କୁଲର ପାଠପଢ଼ା ସକାଳୁଆ ହୋଇଥାଏ। ଚଳିତ ବର୍ଷ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସକାଳ ସ୍କୁଲ କରାଯାଇ ନାହିଁ। ଏଭଳିସ୍ଥଳେ ସରକାରଙ୍କ ମହତ ଉଦ୍ଦେଶ୍ୟ ପୂରଣ ହୋଇପାରୁନି । ଅନ୍ୟପଟେ ବିଜ୍ଞାନମେଳା ସମ୍ପର୍କରେ ଗଣମାଧ୍ୟମକୁ ମଧ୍ୟ ସୂଚନା ଦିଆଯାଉ ନାହିଁ ।

## ଅନନ୍ତ ନାରାୟଣ ସିଂହ ଦେଓଙ୍କ ଶ୍ରାଦ୍ଧବାର୍ଷିକୀ

ଧରାକୋଟ,୧।୧୨
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟଗଡ଼ର ପ୍ରଜାନୁରାଗୀ, ପରୋପକାରୀ ରାଜା ତଥା ପୂର୍ବତନ ମନ୍ତ୍ରୀ, ଏମ୍‌ପି ସ୍ୱର୍ଗତ ଅନନ୍ତ ନାରାୟଣ ସିଂହଦେଓଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ସୋମବାର ଧରାକୋଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନିଲ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ସାହୁ, ସମବାୟବିତ ପ୍ରକାଶ ଚନ୍ଦ୍ର ସାହୁ,ଶିଶୁ ମନ୍ଦିର ସମ୍ପାଦକ ରାଜେନ୍ଦ୍ର ବେହେରା,ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ, ହୃଦାନନ୍ଦ ଜେନା,ସମାଜିକ କର୍ମୀ କେ. ଟୁନା ଦୋରା, ଗୋଲକ ବିହାରୀ ସାହୁ ଅତିଥି ରୂପେ ଉପସ୍ଥିତ ଥିଲେ। ଗୌର ଚନ୍ଦ୍ର ଦାସ ସଂଯୋଜନା କରିଥିଲେ। ଅଶୋକ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଅନ୍ତେବାସୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ପୋଡ଼ାଗଲା ୪୭ ଏକର ଗଞ୍ଜେଇ ଗଛ

ବାଲିଗୁଡା,୧।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ପୋଲିସ ଓ ବାଲିଗୁଡା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରି ୪୭ ଏକର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରାଯାଇଛି। ପ୍ରକାଶ ଯେ, କ.ନୂଆଗାଁ ବ୍ଲକ କୁଡୁତୁଲି ପଞ୍ଚାୟତ ଡକାର ଗାଁ, ବୁଢ଼ାବାଲି ଜଙ୍ଗଲରେ ବେଆଇନ ଭାବେ ଚାଷ କରାଯାଇଥିବା ୪୭ ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଥିବା ବିଷୟ କୌଣସି ସୂତ୍ରରୁ ଖବର ପାଇ ଅଚାନକ ଚଢ଼ାଉ କରି ଉକ୍ତ ଗଞ୍ଜେଇ ଗଛକୁ ଜାଳି ପୋଡ଼ି ନଷ୍ଟ କରିଥିଲେ। ଏହି ଗଞ୍ଜେଇ ଗଛ କଟା ଅଭିଯାନରେ କ. ନୂଆଗାଁ ଥାନାଧିକାରୀ ଅଶୋକ କୁମାର ହାଁସଦା, ଏସଆଇ ଅଶୋକ କୁମାର ତ୍ରିପାଠି, ସୁରେନ୍ଦ୍ର ରାଜହଂସ, ଅବକାରୀ ଏସଆଇ ସୁମିତ୍ରା ଦଳାଇଙ୍କ ସମେତ ସମସ୍ତ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଶୀତବସ୍ତ୍ର ପାଉଁଶ

ବାଲିଗୁଡା,୧।୧୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଗୁଞ୍ଜିବାଡ଼ି ପଞ୍ଚାୟତର ଲକେବାଡ଼ି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁର ଆଁରେ ଲକ୍ଷାଧିକ ଟଙ୍କାର ଶୀତବସ୍ତ୍ର ଜଳିପୋଡ଼ି ପାଉଁଶ ହୋଇ ଯାଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ କେତେଜଣ ବୁଲା ବ୍ୟବସାୟୀ କିଛି ଦିନ ହେବ ଲକେବାଡ଼ି ଗ୍ରାମରେ ଏକ ଭଡ଼ା ଘରେ ଶୀତବସ୍ତ୍ର ରଖି ସେଠାରେ ରହି ଆଖପାଖ ଅଞ୍ଚଳରେ ଫେରିବାଲା ଭାବେ ବ୍ୟବସାୟ କରୁଥିଲେ। କୌଣସି କାରଣରୁ ସୋମବାର ସକାଳେ ଘରେ ନିଆଁ ଲାଗି ଯାଇଥିବାରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବରପାଇ ଘଟଣା ସ୍ଥଳରେ ରାଇକିଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେପଟେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଶୀତବସ୍ତ୍ର ଜଳିପୋଡ଼ି ନଷ୍ଟ ହୋଇଥିବା ବେଳେ ଜନ ଜୀବନ ସୁରକ୍ଷିତ ଥିବା ଜଣାପଡ଼ିଛି। ଅନ୍ୟପଟେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରାଥମିକ ସୂଚନା ମିଳିଛି।

## ଜିଲାପାଳଙ୍କ ଜନଶୁଣାଣି, ୧୧୮ ଅଭିଯୋଗରୁ ୨୧ର ସମାଧାନ

ନୟାଗଡ,୧।୧୨(ଲୋକନାଥ ମିଶ୍ର)

ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଜିଲାପାଳଙ୍କ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୧୮ ଅଭିଯୋଗ ହୋଇଥିବା ବେଳେ ୨୧ଟିର ସମାଧାନ ହୋଇଛି। ୧୧୮ ଅଭିଯୋଗରୁ ୧୦୨ ବ୍ୟକ୍ତିଗତ, ୧୦ଟି ଗୋଷ୍ଠୀଗତ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ସମ୍ବନ୍ଧୀୟ ୬ଟି ରହିଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏସ୍‌ପି ଏସ୍ ସୁଶ୍ରି, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପ୍ରମୁଖ ପଦାଧିକାରୀ ଶୁଣାଣିରେ ସହଯୋଗ କରିଥିଲେ ।

## ନଛିପୁର ହାଇସ୍କୁଲରେ ବିଜ୍ଞାନମେଳା


ଉତ୍ସବରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ବୃନ୍ଦ ।

ଦଶପଲ୍ଲା,୧।୧୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ନଛିପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୀନୀ ସାମଲ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ମେଳାରେ ଶିଶୁ ଭାଟିକାନ ଆରମ୍ଭ କରି ୧୦ ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଏବଂ ଛାତ୍ର ଅଂଶ ଗ୍ରହଣ କରିଥିଲେ, ଏଥିରେ ୩୫ ବିଜ୍ଞାନ ଷ୍ଟଲ ପ୍ରଦର୍ଶୀତ ହୋଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ମାମିନା ମାରାଣ୍ଡି, ପ୍ରିୟଙ୍କା ଖମାରୀ ଏବଂ ସ୍ୱାଗତିକା ପ୍ରିୟଦର୍ଶିନୀ ଉକ୍ତ ପ୍ରକଳ୍ପ ପ୍ରଦର୍ଶନୀରେ ସହାୟତା କରିଥିଲେ। ଆୟୋଜିତ ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱୟଂ ପ୍ରଭା ପ୍ରଧାନ ଉତ୍ସବକୁ ସଂଯୋଜନା କରିଥିଲେ,୭ ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଥିଲା। ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଚକାପାଦ,୧।୧୨(ପ୍ରତାପ କିଶୋର ବେହେରା)

ଚକାପାଦରେ ସୋମବାର କନ୍ଧମାଳ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ସିଡିଓ ଶମ୍ଭୁନାଥ ନନ୍ଦୀ, ବାଲିଗୁଡା ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ଏସଡିପିଓ ବିଜୟ କୁମାର ବିଶି, ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ଚକାପାଦ ତହସିଲଦାର ରଶ୍ମି ରଞ୍ଜନ ନାଏକ, ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ଉପାଧ୍ୟକ୍ଷା ସୋମନାଥ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ବେହେରା ଗାଁର ପୂର୍ବତନ ସରପଞ୍ଚ ପ୍ରକାଶ କହଁର, ଚାହଲି ସରପଞ୍ଚ ମମତା ପ୍ରଧାନ, ବପଲମେଣ୍ଡି (ଲା) ଉନ୍ନିତ ଉଚ୍ଚ ବିଦ୍ୟାଳୟର ସଭାପତି ପ୍ରତାପ କିଶୋର ବେହେରା ସେମାନଙ୍କ ଅଞ୍ଚଳର ସମସ୍ୟା ଅଭିଯୋଗ କରିଥିଲେ। କୁସୁମେଣ୍ଡି ଗ୍ରାମପଞ୍ଚାୟତର ସୁମତି କହ୍ନର ଖୁଡୁତେନ୍ତୁଳି ଠାରୁ ବୁଢ଼େନି ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ଅଭିଯୋଗ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ସୋମନାଥ ବେହେରା ଟଟାଗୁଡା ଠାରୁ ପିଙ୍ଗିଲକିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ପାଇଁ ଅଭିଯୋଗ କରିଥିଲେ। ବେହେରା ଗାଁର ବିଳାବାଡା ଗ୍ରାମରେ ଏକ ଉଠା ଜଳ ସେଚନ ପ୍ରକଳ୍ପ ସହିତ କେନାଲ ନିର୍ମାଣ ପାଇଁ କମଳକୁମାର ପ୍ରଧାନ ଅଭିଯୋଗ କରିଥିଲେ। ସମୁଦାୟ ୩୫ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ଅଧିକାଂଶ ସାମୁହିକ ଓ ଅଳ୍ପ କିଛି ବ୍ୟକ୍ତିଗତ ଥିଲା। ଚକାପାଦ ବିଡ଼ିଓ ହୃଦୟ ରଞ୍ଜନ ସାହୁ ସମସ୍ତ ଜନ ପ୍ରତିନିଧି ଓ ବ୍ଲକ କର୍ମଚାରୀ ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଘବଦ୍ଧ ଆକ୍ରମଣ ଘଟଣା, ଜଣେ ଗିରଫ

**ଗୋପାଳପୁର,୧।୧୨(ନବୀନ ରାଜ ଆଚାରୀ)**

ଗୋପାଳପୁର ଥାନା ଅଧିନସ୍ଥ ବଡ଼ କୁଶସ୍ଥଳୀ ଗ୍ରାମରେ ଗତ ଶୁକ୍ରବାର ରାତିରେ ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଜିତୁ ସେଠୀ। ଶୁକ୍ରବାର ରାତିରେ ବଡ଼ କୁଶସ୍ଥଳୀ ଗ୍ରାମରେ ଲକ୍ଷ୍ମୀ ପୂଜା ଭୋଜି ଚାଲିଥିବା ବେଳେ ଜିତୁ ଓ ତାଙ୍କ ସହଯୋଗୀ ମାନେ ସେଠାକୁ ଆସିଥିଲେ। ସେ ସମୟରେ ଭବାନୀ ଦାସ ଲୋକଙ୍କୁ ଖାଦ୍ୟ ପରସୁଥିବା ଥିବା ବେଳେ ଜିତୁ ଓ ତାଙ୍କ ସହଯୋଗୀମାନେ ଖଣ୍ଡା, କାତି, ବନ୍ଧୁକ ଏବଂ ବୋମା ଧରି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଦେଇ ଆକ୍ରମଣ କରିଥିଲେ। ଭବାନୀ ଗୁରୁତର ହେବାରୁ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଲିଙ୍ଗରାଜ ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନା କେସ ନମ୍ବର ୪୧୮/୨୫ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com

**No.KCCB/5760/HRD/2025-26** **Date : 01.12.2025**

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

**I. Opening of Technical bid - 17.12. 2025 at 11:00 AM in the Conference Hall of the Bank.**

**II. Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

**Sd./- Chief Executive Officer**
**Keonjhar Central Cooperative Bank Ltd.**

## ଜୀବନ ଜ୍ୟୋତି କଲେଜରେ ବିଶ୍ୱ ଏଡ୍‌ସ ଦିବସ



ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରାଇକିଆ,୧।୧୨(ପ୍ରଦୀପ ବେହେରା)- କନ୍ଧମାଳ ଜିଲା ରାଇକିଆ ଜୀବନ ଜ୍ୟୋତି କଲେଜ ପରିସରରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି । ଯୁବ ରେଡକ୍ରସ ସଂଯୋଜକ ତଥା ବରିଷ୍ଠ ଅଧ୍ୟାପକ ବିଶ୍ୱବିହାରୀ ଦଳାଇଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଉମାକାନ୍ତ ରଥ ସଭାପତିତ୍ୱ କରଥିଲେ। ମୁଖ୍ୟଅତିଥି ଭାବେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଚନ୍ଦନା ମିଶ୍ର ଯୋଗ ଦେଇ ଏଡ୍‌ସ ରୋଗର ସଂକ୍ରମଣ, ବ୍ୟାପିବାର କାରଣ ଓ ତାର ପ୍ରତିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ସୁକାନ୍ତ ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରି ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ରେଡକ୍ରସର କାଉନସଲର ଅଧ୍ୟାପକ ସୁଶାନ୍ତ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ୫ରେ ଶିକ୍ଷକ ସଂଘ ଆନ୍ଦୋଳନ ନେଇ ବିଇଓଙ୍କୁ ଦାବିପତ୍ର

ଶେରଗଡ଼,୧।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଡିସେମ୍ବର ୫ରେ ଆନ୍ଦୋଳନ ନେଇ ଏକ ଦାବିପତ୍ର ସୋମବାର ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ବିଭିନ୍ନ ଦାବି ନେଇ ଶିକ୍ଷକ ସଂଘ କର୍ମକର୍ତ୍ତା ଆସନ୍ତା ଡ଼ିସେମ୍ବର ୫ରେ ଭୁବନେଶ୍ୱର ଲୋୟର ପିଏମଜି ଆନ୍ଦୋଳନ କରିବେ। ଶିକ୍ଷକ ସଂଘ ବିଭିନ୍ନ ଦାବି ଗଣଶିକ୍ଷା ବିଭାଗ ସଚିବ, ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସଂଘ ଏହି ଆନ୍ଦୋନ କରିବାକୁ ନିଷ୍ପତ୍ତି ନେଇଛି।

ଭା.କ.ନି.
CCI

ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

## ସିସିଟିଭି ଫୁଟେଜରୁ ଧରାପଡ଼ିଲା ଚୋରି, ଜଣେ ଗିରଫ

ହିଞ୍ଜିଳିକାଟୁ, ୧।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ଆରଏମ୍‌ସି ଛକସ୍ଥିତ ଏକ ସ୍ପେୟାର ପାର୍ଟସ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ୩୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଦୋକାନ ଶଟର ତାଲା ଭାଙ୍ଗି ଏହି ଚୋରି ହୋଇଥିଲା। ଏ ସମ୍ପର୍କରେ ଦୋକାନ ମାଲିକ ଏନ. ବାବା ରାଓ ରବିବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ନଂ. ୯୭୯/୨୫ରେ ଏକ ମାମଲା ରୁଜୁ କରି ପୋଲିସ ସିସିଟିଭି କ୍ୟାମେରାରୁ ଫୁଟେଜ ଅନୁଧ୍ୟାନ କରି ଚୋରିରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ଅଧୀନ ନୂଆଁଗଡ ଗ୍ରାମର ଜଗା ଗୌଡ (୨୨)। ତାଙ୍କଠାରୁ ଚୋରି ହୋଇଥିବା ୩୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ଜଗାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

### ଜି.ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ଦାବି

# ଅଞ୍ଚଳର ପର୍ଯ୍ୟଟନ ସ୍ଥଳୀ ବିକାଶକୁ ଗୁରୁତ୍ୱ ଦେଉନାହିଁ ପ୍ରଶାସନ


ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅନ୍ୟମାନେ।

ଜି.ଉଦୟଗିରି,୧।୧୨(ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରିରେ ସରକାରୀ ସ୍ତରରେ ଶୀତ ମହୋତ୍ସବ ଆୟୋଜନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ବଣିକସଂଘ ସଭା ଗୃହରେ ଏକ ବୈଠକ ସାମାଜିକ କର୍ମୀ ଜିଆଉଦ୍ଦିନ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ସୋମବାର ଅନୁଷ୍ଠିତ ହୋଇଥିଲା। କିଛି ବର୍ଷ ହେଲା ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ କମ୍ ତାପମାତ୍ରା ରହୁଛି। ଜି.ଉଦୟଗିରି ସହର ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହ ଅତ୍ୟଧିକ ଶୀତପ୍ରବଣ ସହର ଏବଂ କନ୍ଧମାଳ ଜିଲାର ଦାର୍ଜିଲିଂ ରୂପେ ପରିଚିତ ହୋଇପାରିଛି। ମାତ୍ର ସରକାରୀ ସ୍ତରରେ ଏଠାରେ ପର୍ଯ୍ୟଟନ ସ୍ଥାନର ବିକାଶ କିମ୍ବା ଶୀତ ମହୋତ୍ସବ ଆୟୋଜନ କରିବାକୁ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଶୀତର ମଜା ନେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜି.ଉଦୟଗିରିରେ ଦେଖିବାକୁ ମଳେ। ମାତ୍ର ଜି. ଉଦୟଗିରି ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ କରାଯାଉନାହିଁ। ଅଞ୍ଚଳରେ ଥିବା ସମସ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳୀକୁ ଯାତାୟାତ ପାଇଁ ପକ୍କା ସଡ଼କ ନିର୍ମାଣ ସହ ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ଇକୋ କଟେଜ ନିର୍ମାଣ ପାଇଁ ବୈଠକରେ ଅଞ୍ଚଳବାସୀ ଦାବି କରିଛନ୍ତି। କଳିଙ୍ଗାଠାରେ ପ୍ରସ୍ତାବିତ ଇକୋ କଟେଜ ନିର୍ମାଣ ପାଇଁ ହୋଇଥିବା ଯୋଜନା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଳିଙ୍ଗା ବଟାନିକାଲ ଗାର୍ଡେନ, ମୁକୁଲିଙ୍ଗିଆ ହିଲ୍ ଟପ୍, ସିର୍କି ଇକୋ ପାର୍କ୍, ରାଜା ଗାଡ଼ା, କଳିନାଜୁ ଜଳାଶୟ ଭଳି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳୀ ଉକ୍ତ ଅଞ୍ଚଳରେ ରହିଛି। ଏସବୁର ପ୍ରଶାସନ ପୁନରୁଦ୍ଧାର କରି ବିକାଶ କରୁନାହିଁ। ଏନେଇ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅଞ୍ଚଳର ବହୁ ଜନପ୍ରତିନିଧି, ସମାଜିକ କର୍ମୀ, ଖବରଦାତା, ଓ ବୁଦ୍ଧିଜିବୀ ଉପସ୍ଥିତ ଥିଲେ।

**EXECUTIVE ENGINEER,**
**MINOR IRRIGATION DIVISION, BOKARO.**

e-Procurement Portal
(Two Envelope system)
E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025

1.Date of Publication of Tender on website :- 15.12.2025 at 2.00 PM
2.Last date/Time for receipt of bids online bids :- e-Procurement Portal (Jharkhandtenders.gov.in)
Fee, Security and other documents :- 27.12.2025 up to 2.00 PM
3.Date of Opening of Tender on website :- 29.12.2025 at 3:00 PM
4.Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

**Note :-** (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Bokaro**

PR.NO.367452 Minor Irrigation(25-26):D

# ଘାଇ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପ୍ରତିବାଦ

ଯାଜପୁର ଟାଉନ,୧।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)


ଘାଇ ରାସ୍ତାର ନିମ୍ନମାନର କାର୍ଯ୍ୟ, ସ୍ଥାୟୀ ସମାଧାନ ପାଇଁ ସିମିଳିଆ ପଞ୍ଚାୟତର ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

ଯାଜପୁର ଜିଲା ସିମିଳିଆ ପଞ୍ଚାୟତ ପ୍ରମୁଖ ରାସ୍ତା କାର୍ଯ୍ୟକୁ ନିମ୍ନମାନର କରାଯାଉଥିବା ନେଇ ପ୍ରତିବାଦ କରି ଗ୍ରାମବାସୀ ରାସ୍ତା ପାର୍ଶ୍ୱରେ ବସି ରହି ବିରୋଧ କରିଥିଲେ। ବୁଢ଼ାଘାଟଠାରୁ ସିମିଳିଆ ପଞ୍ଚାୟତକୁ ଏହି ରାସ୍ତା ଲମ୍ବିଛି। ଏହି ରାସ୍ତା ଦେଇ ଓଲେଇପଡ଼ା, ମଇଦପୁର, ନଖେଇ, ସଠିଆଟିକିରି, ଗୋଠପୁର ସମେତ ଅନ୍ୟ ଗ୍ରାମର ଗ୍ରାମବାସୀ ଏହି ରାସ୍ତାଦେଇ ଯାତାୟାତ କରିଥାନ୍ତି। କିନ୍ତୁ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ରାସ୍ତାପାର୍ଶ୍ୱରେ ପାଚେରି ନିର୍ମାଣ କରି ରାସ୍ତାର ପ୍ରଶସ୍ତୀକରଣ କରିବା ସହ ତିନୋଟି ଦାବି ନେଇ ଗ୍ରାମବାସୀ କାର୍ଯ୍ୟକୁ ବିରୋଧ କରିବା ସହ ପାର୍ଶ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିଥିଲେ। ସିମିଳିଆ ବିକାଶ ମଞ୍ଚ ପକ୍ଷରୁ ସୋମବାର ସିମିଳିଆ-ବୁଢ଼ାଘାଟ ରାସ୍ତାକୁ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଭିଯୋଗ ଅନୁଯାୟୀ ୨୦୧୮ ବନ୍ୟାରେ ସିମିଳିଆ-ବୁଢ଼ାଘାଟ ରାସ୍ତାରେ ଏକ ଘାଇ ସୃଷ୍ଟି ହୋଇଥିଲା। ସୃଷ୍ଟି ହୋଇଥିବା ଘାଇ ସ୍ଥାନଟି ଓଲେଇପଡ଼ା ଅଞ୍ଚଳର ଅଲେଖ ଜେନାଙ୍କ ଜମି ମାଲିକାନା ରହିଛି। କିନ୍ତୁ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରି ଆସୁଥିଲେ। ତାଙ୍କର ମଧ୍ୟ କୌଣସି ପ୍ରତିବାଦ ନ ଥିଲା। ଉପରୋକ୍ତ ରାସ୍ତାର ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମୟରେ ଜମି ମାଲିକ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ସେହି ସମୟରେ ଠିକାଦାର ଜୋରଜବରଦସ୍ତ ରାସ୍ତା ନିର୍ମାଣ କରିବାକୁ ବସିଥିଲେ। ଫଳରେ ଜମି ମାଲିକ ଏ ନେଇ ଏକ ମାମଲା ରୁଜୁ କରିଥିଲେ। ଜମି ମାଲିକ ଢଳାଇ ରାସ୍ତା ହେଲେ କୌଣସି ଆପତ୍ତି ନାହିଁ ବୋଲି ଜିଲାପାଳଙ୍କୁ ଲିଖିତ ପତ୍ର ଦେଇଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି ସମାଧାନ ହୋଇନାହିଁ। ୨୦୨୩ରେ ଏହି ଘାଇ ପାଣିରେ ଭାସି ଯାଇ ଓଲେଇପଡ଼ା ଗ୍ରାମର ଅକ୍ଷୟ ନାୟକ ପ୍ରାଣ ହରାଇଥିଲେ। ଅଞ୍ଚଳବାସୀଙ୍କ ନିବେଦନ ଆବଶ୍ୟକ ରାସ୍ତାର ମାପଚୁପ କରି ଜମି ମାଲିକ ସହ ସମାଧାନ କରି ରାସ୍ତା ନିର୍ମାଣ କରାଯାଉ। ଦ୍ୱିତୀୟରେ ବୁଢ଼ାଘାଟ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଅବରୋଧ ହଟାଯାଉ। ଏପରିକି ବେଆଇନ ଭାବେ କେତେକ ସ୍ଥାନରେ ସରକାରୀ ଜାଗାକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି। ଏହାକୁ ମାପଚୁପ ଦ୍ୱାରା ହଟାଯାଉ। ନିର୍ମାଣ କରାଯାଇଥିବା ଦୋକାନ ଗୃହ ସମ୍ମୁଖରେ ସ୍ଥାନ ନ ଥିବାରୁ ଲୋକେ ଗାଡ଼ି ରଖିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେବା ସହ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ବନ୍ୟା ସମୟରେ ସିମିଳିଆ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ। ଲୋକେ ଜଳବନ୍ଦୀ ଜୀବନ ବିତାନ୍ତି। ପ୍ରମୁଖ ରାସ୍ତା ଉଚ୍ଚ ହୋଇ ନ ଥିବାରୁ ବନ୍ୟା ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଏ। ପ୍ରଥମେ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଉ। ତୃତୀୟରେ ବର୍ତ୍ତମାନ ରାସ୍ତା ନିର୍ମାଣ କାମ ଚାଲୁଅଛି ଯାହାକି ନିମ୍ନମାନର ହେଉଛି। ରାସ୍ତା କଡ଼ରେ ଖୋଳାଯାଇ ବଜୁରି ଡଷ୍ଟ ପଡ଼ିବା ବଦଳରେ ବାଲି ପକାଯାଉଛି। ଯାହାକି ରାସ୍ତା ଦୁର୍ବଳ କରୁଛି। ଏଣୁ ବାଲି ବଦଳରେ ବଜୁରି ଡଷ୍ଟ ପକାଇବାକୁ କହିବା ସହ ଏହି ଘାଇ ରାସ୍ତାର ସ୍ଥାୟୀ ସମାଧାନ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି କହିଥିଲେ। ଆଜିର ଏହି ରାସ୍ତା ବିକ୍ଷୋଭ ସମୟରେ ସିମିଆଳ ଗ୍ରାମର ଦିବକାର ଦାସ, ମହେନ୍ଦ୍ର ରାଉତ, ଶ୍ରୀକାନ୍ତ ଧଳ, ବିପିନ ବିହାରୀ ନାୟକ, ସମୀର ନାୟକ, ପ୍ରମୋଦ ପଣ୍ଡା, ପ୍ରବୀର ଧଳ, ଅଜୟ ଜେନା, ଦୀପକ ପତି, ଅଜୟ ମହାଳିକ, ସଞ୍ଜିତ ନାୟକ, ଶଙ୍କର୍ଷଣ ରାଉତରାୟ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆମ ବସ୍ ସେବା ପର୍ଯ୍ୟଟନସ୍ଥଳ ଚଣ୍ଡିଖୋଲକୁ ସମ୍ପ୍ରସାରଣ ଦାବି

ବଡ଼ଚଣା, ୧।୧୨
(ଦିଲୀପ କୁମାର ମହାନ୍ତି)

ଆମ ବସ୍ ସେବା ବଡ଼ଚଣା ବ୍ଲକର ଚଣ୍ଡିଖୋଲ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ବଡ଼ଚଣା ଉନ୍ନୟନ ପରିଷଦ, ଛାତ୍ର ସମାଜ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି ହେଉଛି। ୩ଟି ଜାତୀୟ ରାଜପଥର ମିଳନ ସ୍ଥଳ ହେଉଛି ଚଣ୍ଡିଖୋଲ। ଏଠାରେ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ୧୬ ନଂ. ଜାତୀୟ ରାଜପଥ, ପାରାଦୀପ-ଚଣ୍ଡିଖୋଲ, ଚଣ୍ଡିଖୋଲ-ଡୁବୁରି ଆଦି ଜାତୀୟ ରାଜପଥର ମିଳନ ସ୍ଥଳ। ଯେକୌଣସି ଲୋକ ବାହାରକୁ ଯିବାକୁ ହେଲେ ଚଣ୍ଡିଖୋଲକୁ ମୁଖ୍ୟ ସ୍ଥାନ ବୋଲି ବାଛି ଥାଆନ୍ତି। ଚଣ୍ଡିଖୋଲ ଦେଇ ଉଦୟଗିରି, ଲଳିତଗିରି, ରତ୍ନଗିରି ପରି କୀର୍ତ୍ତିରାଜି ପର୍ଯ୍ୟଟନ ସ୍ଥାନକୁ ଯିବା ପାଇଁ ଏହା ଏକ ମାତ୍ର ସ୍ଥାନ। କୋଲକାତାରୁ ଚେନ୍ନାଇ, କଳିଙ୍ଗନଗରରୁ ପାରାଦୀପର ସଙ୍ଗମସ୍ଥଳ ଚଣ୍ଡିଖୋଲ ହୋଇଥିବାରୁ ଏଠାରେ ଦୈନିକ ବହୁ ହଜାର ଜନସାଧାରଣଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଯାଇ ଥାଆନ୍ତି। ଉତ୍କଳବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ, ପବିତ୍ର ଧର୍ମାନୁଷ୍ଠାନ ମହାବିନାୟକ, ଚଣ୍ଡୀମନ୍ଦିର, ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆ ବଟ ଏବଂ ଅମରାବତୀ ପରି ପୀଠ ଚଣ୍ଡିଖୋଲର ଆଖପାଖରେ ଅବସ୍ଥିତ। ଜଗତପୁରଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଯଦି ଆମ ବସ୍ ସେବା ଯୋଜନା କାର୍ଯ୍ୟକାରୀ ହେଉଛି ତେବେ ଚଣ୍ଡିଖୋଲର ଯଥେଷ୍ଟ ଗୁରୁତ୍ୱ ରହିଥିଲା ବେଳେ ଏଠାକୁ ଆସୁନାହିଁ। ଯଦି ଏହି ସେବା ଚଣ୍ଡିଖୋଲ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଏ ତା' ହେଲେ ଆଖପାଖ ଗ୍ରାମାଞ୍ଚଳର ଜନତା, ସ୍କୁଲ୍ , କଲେଜ ଛାତ୍ରୀଛାତ୍ର ଏବଂ ପର୍ଯ୍ୟଟକମାନେ ଯଥେଷ୍ଟ ଲାଭବାନ ହେବେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ କାର୍ଯ୍ୟକାରୀ ନ ହେବାରୁ ଅସନ୍ତୋଷ ଦେଖାଦେଇଛି। ଏହା ମଧ୍ୟରେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଭେଟି ଏ ନେଇ ଛାତ୍ର ଏବଂ ବୁଦ୍ଧିଜୀବୀ ୨ ଦିନ ତଳେ ଦାବି ଜଣାଇଥିଲେ। ଏହାସହ ବିଭାଗୀୟ ମନ୍ତ୍ରୀ ଓ ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସଂଯମତା ରକ୍ଷା କର, ପାଠ ପଢ଼ା ପ୍ରତି ଧ୍ୟାନ ଦିଅ

## ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ

କାଏମା,୧।୧୨(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ କୋତପୁର ଅଞ୍ଚଳରେ ଅବସ୍ଥିତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ସୋମବାର ପାଳିତ ହୋଇଯାଇଛି। ଏଡ୍ସ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଭାର ଆୟୋଜନ କରଯାଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଲ୍ ସଭାପତିତ୍ୱ କରିଥିଲେ। ୱାଇଆର୍‌ସି କାଉନସେଲର ସନ୍ତୋଷ କୁମାର ଦାଶ ଏଡ୍ସ ରୋଗର ଉତ୍ପତ୍ତି, ପ୍ରସାର ଓ ନିରାକରଣ ଉପରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର ଛାତ୍ରୀଛାତ୍ରଙ୍କୁ ସଂଯମ ରକ୍ଷା କରିବା ପାଇଁ ଓ ନିଜ ପାଠରେ ଧ୍ୟାନ ଦେବାକୁ କହିଥିଲେ। ସଭା ପରେ ଛାତ୍ରୀଛାତ୍ରମାନଙ୍କ ସହ ସନ୍ତୋଷ କୁମାର ଦାଶ ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋ ଅର୍ଡିନେଟର ଲକ୍ଷ୍ମୀଧର ନାୟକ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ଏଡ୍ସ ଉପରେ ମାଇକ୍ ଦ୍ୱାରା ସଚେତନତା ବାର୍ତ୍ତା ଦେଇଥିଲେ।

# ପ୍ଲାଟିନମ୍ ଜୁବିଲି ଉପଲକ୍ଷେ ପ୍ରତିଭା ପ୍ରତିଯୋଗିତା

ବିଞ୍ଝାରପୁର/ସିଂହପୁର/ଦଶରଥପୁର, ୧।୧୨ (ରାମକୃଷ୍ଣ ଦାସ/ ଅନଙ୍ଗ ଉଦୟ ବେଉରିଆ/ ସୁଶାନ୍ତ କୁମାର ବେହୁରିଆ):


ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ପ୍ରୀତିପୁରସ୍ଥିତ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ୭୫ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ପାଳନ କରିବାକୁ ଯାଉଛି। ଏହି ଅବସରରେ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ୧୦୨ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆନ୍ତଃ ବିଦ୍ୟାଳୟ ପ୍ରତିଭା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗଳ୍ପ ଲିଖନ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଏସ୍‌ସିବି ଡିଏଭି ସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ବରିଷ୍ଠ ଶିକ୍ଷକ ଡ. ସର୍ବଦମନ ସିଂହ, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ରବିନାରାୟଣ ସାମଲ, ଉପସଭାପତି କୈଳାସ ଚନ୍ଦ୍ର ଯେନା, ସୁଧୀର ଭୂୟାଁ, ସମ୍ପାଦକ ଧୀରେନ୍ଦ୍ର କୁମାର ନାଥ, ସଙ୍ଗଠନ ସମ୍ପାଦକ ଅଭିମନ୍ୟୁ ମହାପାତ୍ର, ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ ବିଜନ କୁମାର ସାହୁ, ଉପ କୋଷାଧ୍ୟକ ପ୍ରମାଥେସ ଦାସ ଓ ସୁନୀତ କୁମାର ସାହୁ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉଦ୍‌ଘାଟକ ସ୍ୱାଇଁ ଅଭିଭାଷଣରେ ଛାତ୍ରୀଛାତ୍ର କିପରି ନିଜର ଚେଷ୍ଟା ଓ ନିରନ୍ତର ଅଧ୍ୟବସାୟ ବଳରେ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇପାରିବେ ସେ ବିଷୟରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଛାୟାପତି ଯେନା ଓ ବିଜୟାନନ୍ଦ ନାୟକଙ୍କ ସମେତ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ଶିକ୍ଷୟିତ୍ରୀଶିକ୍ଷକ ଓ ଅବସରପ୍ରାପ୍ତ ଅଧ୍ୟାପକମାନେ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷକ ମହମ୍ମଦ ନୁରୁଲ ହସନ, ଶିକ୍ଷକ ଦିଲୀପ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବେଆଇନ ଗାଡ଼ି ପାର୍କିଂ ଯୋଗୁ ବଢୁଛି ଦୁର୍ଘଟଣା

ଚଣ୍ଡିଖୋଲ,୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ମୁଖ୍ୟ ଛକ ଭାବେ ଚଣ୍ଡିଖୋଲ ପରିଚିତ। ଏହି ଛକ କଡ଼ରେ ୨ଟି ବାଇପାସ ରାସ୍ତା ରହିଛି। ଏହି ବାଇପାସ ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ ଯୋଗୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏହି ଛକସ୍ଥିତ ସହଦେବ ସାହୁ ଜଳଖିଆ ଦୋକାନ ସମ୍ମୁଖ ୧୬ ନଂ. ଜାତୀୟ ରାଜପଥ ଉପରେ ବେଆଇନ ଗାଡ଼ି ପାର୍କିଂ ପାଇଁ ସୋମବାର ଏକ କାରକୁ ଟ୍ରକ୍ ଧକ୍କା ଦେବାରୁ ଦୀର୍ଘ ସମୟ ଆମ୍ବୁଲାନ୍ସ ସହ ଅନ୍ୟ ଗାଡ଼ି ଅଟକି ରହିଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେମାନଙ୍କ କହିବା କଥା, ଆଞ୍ଚଳିକ ପରିବହନ ଅଧିକାରୀ ଓ ସ୍ଥାନୀୟ ପୋଲିସ ସହଯୋଗ କରୁ ନ ଥିବାରୁ ଆମେ ବେଆଇନ ପାର୍କିଂ ହଟାଇବା ସମ୍ଭବ ପର ହେଉନାହିଁ। କେବଳ ସେହି ସ୍ଥାନ ନୁହଁ ଏକ ହୋଟେଲ ସମ୍ମୁଖ, ଫାଣ୍ଡି ଛକଠାରୁ ଏକ ପାର୍ଟ୍ସ ଦୋକାନ ଅପର ପଟେ ଷ୍ଟେଟ ବ୍ୟାଙ୍କଠାରୁ ଧର୍ମଶାଳା ଭବନ ପର୍ଯ୍ୟନ୍ତ ସର୍ଭିସ ରୋଡ ଉପରେ ବେଆଇନ ଗାଡ଼ି ରଖିବାରୁ ଯାତାୟାତ ବାଧକ ସାଜିବା ସହ ବାରମ୍ବାର ଦୁର୍ଘଟଣା ଘଟୁଛି। ଏପରିକି ଦୁଇ ଚକିଆ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ଚଣ୍ଡିଖୋଲ ଛକରେ ବେଆଇନ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

# ବିକଶିତ ଯାଜପୁର, ସଙ୍ଗଠିତ ଯାଜପୁର


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତାମାନେ।

ପାଣିକୋଇଲି,୧।୧୨(ବିକାଶ ମଲ୍ଲିକ)

ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ବ୍ରଜନଗର ଲିଙ୍ଗେଶ୍ୱର ବିହାରଠାରେ ସୋମବାର ବ୍ଲକ ସ୍ତରୀୟ ଲକ୍ଷ୍ୟ ବିକଶିତ ଯାଜପୁର, ସଙ୍ଗଠିତ ଯାଜପୁର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଏମ୍‌ପି ପ୍ରତିନିଧି ପ୍ରଦୀପ କୁମାର ଧଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଭାଜପା ସଭାପତି ଗୌତମ ରାୟ, ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟ ତପନ କୁମାର ନନ୍ଦ, ମିଳନ କୁମାର ଦାସ, ମଣ୍ଡଳ ସଭାପତି କେଶବ ମିଶ୍ର ଓ ପ୍ରଶାନ୍ତ ପାଣି, ଯୁବମୋର୍ଚ୍ଚା ସଭାପତି ରୂପକ କୁମାର ଧଳ, ପୂର୍ବତନ ମଣ୍ଡଳ ସଭାପତି ଜିତାମିତ୍ର ଦାସ, ବରିଷ୍ଠ କର୍ମକର୍ତ୍ତା ପ୍ରତାପ ମହାନ୍ତ, ପ୍ରତାପ ଜେନା, ରମାକାନ୍ତ ମିଶ୍ର, ନାରୀନେତ୍ରୀ ଭବାନୀ ଚୌଧୁରୀ, ନିହାରିକା ମିଶ୍ର, ଟୁଲୁ ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ଯୁବ କାର୍ଯ୍ୟକର୍ତ୍ତା ରାକେଶ ଦେଓ, ଲକ୍ଷ୍ମୀଧର ଧଳ, ଶଶିକାନ୍ତ ଧଳ, ବିକ୍ରମ ଧଳ, ମନୋଜ ଧଳ, ସରୋଜ ଧଳ, ଶିବ ସେଠୀ ମଳୟ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକା ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଯାଜପୁର ଟାଉନ,୧।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ମଙ୍ଗଳପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ୨୦ବର୍ଷ କାରାଦଣ୍ଡରେ ସୋମବାର ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଅନାଦେୟ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୫ ଜାନୁଆରୀ ୩୧ ସନ୍ଧ୍ୟା ୭ଟାରେ ୧୫ ବର୍ଷୀୟା ନାବାଳିକା ଘରକୁ ଫେରୁଥିବାବେଳେ ମଙ୍ଗଳପୁର ଥାନା ବଡ଼କୁଆଁଳ ଗ୍ରାମର ରାଜେଶ ମଲ୍ଲିକ(୧୯) ତାଙ୍କୁ ଗୁହାଳ ଭିତରକୁ ଜୋର ଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲେ। ଏହି ସମୟରେ ଗୁହାଳକୁ ଜଣେ ପଶି ଆସିବାରୁ ରାଜେଶ ଧକ୍କା ମାରି ସେ ସ୍ଥାନରୁ ପଳାଇ ଯାଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ନିଜ ମା'ଙ୍କୁ କହିଥିଲେ। ଏ ନେଇ ପୀଡ଼ିତାର ମା' ୨୦୨୫ ଫେବୃଆରୀ ୮ରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୩/୨୫ରେ ମାମଲା ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୭ ଜଣ ସାକ୍ଷୀ ଓ ପୋଲିସର ଦସ୍ତାବିଜ୍‌କୁ ଆଧାର କରି ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ଉପରୋକ୍ତ ରାୟ ଶୁଣାଇଛନ୍ତି। ଆଇନ ସେବା ପ୍ରାଧୀକରଣ ପକ୍ଷରୁ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# ସଞ୍ଜ ନଇଁଲେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି

**ଜେନାପୁର କଲେଜ ପରିସର**

ଜେନାପୁର, ୧।୧୨(ଅଶୋକ ଦାସ)

ଛାତ୍ରୀଛାତ୍ରମାନଙ୍କୁ ନିଶା ଦ୍ରବ୍ୟଠାରୁ ଦୂରେଇ ରହିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଏଠାରେ ଓଲଟା ଚିତ୍ର ଦେଖିବାକୁ ମିଳିଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ଜେନାପୁର କଲେଜ ପରିସରରେ ସଞ୍ଜ ନଇଁଲେ ମଦୁଆଙ୍କ ଅସର୍ ଜମୁ ଥିବା ଦେଖିବାକୁ ମିଳିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟକୁ ସ୍ଥାନୀୟ ଆଞ୍ଚଳ ଓ ଆଞ୍ଚଳ ବାହାରୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଆସୁଛନ୍ତି। କିନ୍ତୁ ଏଠାରେ ବିଭିନ୍ନ ବ୍ରାଣ୍ଡର ମଦ ବୋତଲ ପଡିଥିବା ଦେଖି ପିଲାମାନଙ୍କ ଉପରେ କୁପ୍ରଭାବ ପଡୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଥିପ୍ରତି ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣ, ଧ୍ୟାନ ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

# ଥାନା ଘେରିଲା ମହିଳା ବିଜେଡି

## ବିଧାୟିକାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଘଟଣା

ବିଞ୍ଝାରପୁର,୧।୧୨(ରାମକୃଷ୍ଣ ଦାସ)


ବିଜୁ ମହିଳା ଜନତା ଦଳ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦାବିପତ୍ର ଦିଆଯାଉଛି।

ସାମାଜିକ ଗଣମାଧ୍ୟମରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଜାତିକୁ ନେଇ ଅଶାଳୀନ ମନ୍ତବ୍ୟ ଘଟଣାରେ ପୋଲିସ ନିଷ୍କ୍ରିୟତା ପ୍ରକାଶ କରିଛି। ଏହାର ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବିଞ୍ଝାରପୁର ଥାନାକୁ ସୋମବାର ଘେରାଉ କରାଯାଇଛି। ମହିଳା ସଭାନେତ୍ରୀ ଅହଲ୍ୟା ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବାହ୍ନରେ ଶତାଧିକ ମହିଳା କର୍ମୀ ଥାନାରେ ପହଞ୍ଚି ପ୍ରତିବାଦ କରିବା ସହ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବିଞ୍ଝାରପୁର ଯୋଗାଣ ବିଭାଗ ପକ୍ଷରୁ ୨୦୨୨ମସିହାରେ ବିଞ୍ଝାରପୁର ବ୍ଲକରେ ପିଡିଏସ୍ ଗହମ ବଣ୍ଟନରେ ଅନିୟମିତତା ସମ୍ପର୍କିତ ଏକ ସାମାଜିକ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଖବରଦାତା ଜଣକ ଏହି ଖବରକୁ ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟରେ ଜଣେ ବ୍ୟକ୍ତି ନିଜର ମତ ରଖିବାକୁ ଯାଇ ବିଧାୟିକା ମଲ୍ଲିକଙ୍କୁ ଜାତିଆଣ ଆକ୍ଷେପ କରିବା ସହ କଟୁ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ଯୁବ ବିଜେଡି ସଭାପତି ଦିଲୀପ ରାଉଳଙ୍କ ସମେତ ଶତାଧିକ ଯୁବକର୍ମୀ ଶନିବାର ଥାନା ଘେରାଉ କରିବା ସହ ବିଧାୟିକାଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗକୁ ୩ ଦିନ ବିତିଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଥିବା ବିଜୁ ମହିଳା ଜନତା ଦଳ ଅଭିଯୋଗ କରି ଥାନା ଘେରିଥିଲା। ଏ ସମ୍ପର୍କରେ ଆଇଆଇସି ରଞ୍ଜନ କୁମାର ମଲ୍ଲିକଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ଧର୍ମଶାଳା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଦାବିପତ୍ର

ଯାଜପୁର ଟାଉନ, ୧।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)


ଧର୍ମଶାଳା ଅଞ୍ଚଳର ଲୋକେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧର୍ମଶାଳା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳର କେତେଜଣ ବ୍ୟକ୍ତି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଧର୍ମଶାଳା, ଜେନାପୁର ଓ କୁଆଖିଆ ଥାନା ରହିଥିବାବେଳେ ଏହି ଥାନାର ପୋଲିସ ନିଷ୍କ୍ରିୟ ହୋଇପଡ଼ିଛନ୍ତି। ଦିନରାତି ଲଘୁ ଖଣିଜ ପଦାର୍ଥ ବାଲି, ମୋରମ ଓ କଳା ପଥର ଚୋରା ଚାଲାଣ କରାଯାଉଛି। ସମସ୍ତ ସରକାରୀ ନିୟମକୁ ଦଳିମକଚି ବ୍ୟବସାୟୀମାନେ ଲଘୁ ଖଣିଜକୁ ଲୁଟ୍ କରି ଚାଲିଛନ୍ତି। ୩ ଥାନାର ପୋଲିସ ସବୁ ଦେଖି ଆଖି ବନ୍ଦ କରି ଦେଉଛନ୍ତି। ଯାହାଦ୍ୱାରା କି ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ବ୍ୟବସାୟୀ ମାଲା ମାଲ୍ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଦି କୌଣସି ସାଧାରଣ ବ୍ୟକ୍ତି ଏହାକୁ ପ୍ରତିବାଦ କରେ ତେବେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯିବା ସହ ଦୁର୍ବୃତ୍ତଙ୍କୁ କୁହାଇ ମରଣାନ୍ତକ ଆକ୍ରମଣ କରାଯାଉଛି। ଏ ନେଇ ଯଦି ବ୍ୟକ୍ତି ପୋଲିସରେ ଅଭିଯୋଗ କରୁଛି ତେବେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏପରିକି ଯଦି କୌଣସି ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ କରିବା ନିମନ୍ତେ ଘଟଣାସ୍ଥଳକୁ ଯାଉଛନ୍ତି ତେବେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ନଭେମ୍ବର ୨୨ରେ ଗୋକର୍ଣ୍ଣେଶ୍ୱର ନିକଟ ଦୁର୍ଗାପୁରକୁଦ ୨ ବାଲି ଘାଟରୁ ବେଆଇନ ଖନନକୁ ନେଇ ଫଟୋ ଉଠାଉଥିବା ଜଣେ ଯୁବ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ ପୋଲିସ ପାଖରେ ଅଭିଯୋଗ କରାଗଲା। ପୋଲିସ ମାମଲା ରୁଜୁ କରି ଚୁପ୍ ହୋଇ ବସି ରହିଛନ୍ତି। ଏଥିପ୍ରତି ଜିଲା ଏସ୍‌ପି ଦୃଷ୍ଟିଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ବ୍ରିଜ ଉପରେ ବାଲି ବ୍ୟବସାୟୀ ନିଶା ସେବନ କରି ସାଧାରଣ ଲୋକଙ୍କୁ ଗାଳି ଗୁଲଜ କରୁଛନ୍ତି। ଫଳରେ ଲୋକେ ଉପରୋକ୍ତ ରାସ୍ତା ଦେଇ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ମିଳିତ ଜନ ଅଭିଯୋଗ ଶୁଣାଣିରେ ଧର୍ମଶାଳା ଅଞ୍ଚଳର କିଛି ଜନସାଧାରଣ ଏସ୍‌ପି ୟଶ୍ ପ୍ରତାପ ଶ୍ରୀମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ।

# ଜିଲାପାଳଙ୍କ ଦୁର୍ବ୍ୟବହାର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

**ସରକାରୀ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ପ୍ରସଙ୍ଗ**

**ସେପ୍ଟେମ୍ବର ୧୮ ଓ ନଭେମ୍ବର ୭ରେ ପୃଥକ୍ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ**

ଜଗତ୍‌ସିଂହପୁର, ୧।୧୨ (ପ୍ରମୋଦ କୁମାର ନାୟକ)

ଦୀର୍ଘ ବର୍ଷ ଧରି ଗାଦିମାଡ଼ି ବସିଥିବା ସରକାରୀ କର୍ମଚାରୀମାନଙ୍କୁ ତୁରନ୍ତ ବଦଳି ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହା କାର୍ଯ୍ୟକାରୀ ହେଉନାହିଁ। ଏନେଇ ଜିଲାପାଳଙ୍କ ଉପରକୁ ଆଙ୍ଗୁଳି ଉଠିବା ସହ ପ୍ରତିକ୍ରିୟା ପ୍ରକାଶ ପାଇଛି। ବଡ କଥା ହେଲା କାହିଁକି ବଦଳି କରାଯାଉନାହିଁ ବୋଲି ଜଣେ ସାମାଜିକ କର୍ମୀ ଜିଲାପାଳ ଜେ. ସୋନାଲଙ୍କୁ ପ୍ରଶ୍ନ କରି ଅଡୁଆରେ ପଡିଛନ୍ତି। ଏପରି କି ଜିଲାପାଳ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି ନ୍ୟାୟଭିକ୍ଷା କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜିଲାପାଳ, ଉପଜିଲାପାଳ, ବ୍ଲକ ଓ ତହସିଲ ଆଦି କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର (ଏସ୍‌ଓ), ବରିଷ୍ଠ ରାଜସ୍ୱ ସହାୟକ (ଏସ୍‌ଆର୍‌ଏ), କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ) ଓ ରାଜସ୍ୱ କ୍ଷେତ୍ର କର୍ମଚାରୀ ଯଥା ରାଜସ୍ୱ ପର୍ଯ୍ୟବେକ୍ଷକ (ଆର୍‌ଏସ), ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ପଦବୀରେ ଥିବା କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୩ ବର୍ଷ ଧରି କାର୍ଯ୍ୟ କରୁଥିଲେ ସେମାନଙ୍କୁ ତୁରନ୍ତ ବଦଳି କରିବାକୁ ସେପ୍ଟେମ୍ବର ୧୮ରେ ବିଭିନ୍ନ ଜିଲାର ଜିଲାପାଳମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଚିଠି ପାଇବାର ୧୫ ଦିନ ଭିତରେ ଏ ସମ୍ପର୍କରେ ଅବଗତ କରିବା ନିର୍ଦ୍ଦେଶନାମାରେ

ସ୍ପଷ୍ଟଭାବେ ଉଲ୍ଲେଖ ଥିଲା। କିନ୍ତୁ ଧାର୍ଯ୍ୟ ସମୟରେ କୌଣସି ଉତ୍ତର ମିଳି ନ ଥିଲା। ଏନେଇ ନଭେମ୍ବର ୧ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବଙ୍କ ପକ୍ଷରୁ ଏ ସମ୍ପର୍କରେ ଜିଲାପାଳମାନଙ୍କୁ ଅବଗତ କରାଯିବା ସହ ନଭେମ୍ବର ୭ ସୁଦ୍ଧା ବଦଳି କରି ଏ ସମ୍ପର୍କିତ ରିପୋର୍ଟ ବିଭାଗକୁ ପଠାଇବାକୁ ଚିଠି ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲାରେ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ। ସରକାରୀ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ କେଉଁ ଚାପରେ ଚେପା ହେଲା ତାକୁ ନେଇ ଚର୍ଚ୍ଚା ଅମୁନି। ଏଭଳି ସମୟରେ ନାଉଗାଁ ବ୍ଲକ ବଛାଲୋ କୁଣ୍ଡିଗାଁର ସାମାଜିକ କର୍ମୀ ଆଲୋକ କୁମାର ଲେଙ୍କା ଜିଲାପାଳଙ୍କ ନାମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସଙ୍ଗୀନ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ନଭେମ୍ବ ୨୦ରେ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବଦଳି ହେଉ ନ ଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ପୂର୍ବରୁ ଅର୍ଥାତ ପାରାଦୀପ ବାଲିଯାତ୍ରା ପରେ ବଦଳି ହେବ ବୋଲି କହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ହେଲାନାହିଁ। ଏଥିରେ ଜିଲାପାଳ ରାଗିଯାଇ କହିଥିଲେ ଆରେ ବାବୁ, ଯେତେବେଳେ କରିବାର ଅଛି ସେ କରିବେ । ତାଙ୍କ ପାଖରେ ବହୁତ କାମ। ଏହି ଗୋଟିଏ କ'ଣ ତାଙ୍କର କାମ ? ଆଉ କ'ଣ ଅଛି ବୋଲି ଜିଲାପାଳ ପଚାରିଥିଲେ। ସେତେବେଳେ ଆଲୋକ କହିଥିଲେ ଯଦି ଆପଣ ବଦଳି ନ କରିବେ ତେବେ ସେ ଅନଶନରେ ବସିବେ। ଏଥିରେ ଜିଲାପାଳ ଆହୁରି ରାଗିଯାଇ ଯାହା କରିବାର ଅଛି କର। ହାକ୍, ବାକ୍, ବାହାରେ ବୋଲି ଉଚ୍ଚ ସ୍ୱରରେ ତାଙ୍କ କୋଠରୀରୁ ବାହାର କରିଦେବା ଛଳରେ କହିଥିଲେ। ଉକ୍ତ କଥୋପକଥନର ଅଡିଓ ତାଙ୍କ ପାଖରେ ଅଛି। ଜିଲାପାଳଙ୍କ ଏଭଳି ବ୍ୟବହାରରେ ସେ ହତବାକ ହୋଇ ଯାଇଥିଲେ। ଏ ପରିସ୍ଥିତିରେ ସେ ଚୁପଚାପ ସେଠାରୁ ଚାଲିଯିବା ଛଡା ଆଉ କିଛି ବାଟ ନ ଥିଲା। ନଭେମ୍ବର ୧୮ ଓ ୧୯ରେ ରାଜଧାନୀରେ ଜିଲାପାଳ ଓ ଏସ୍‌ପିମାନଙ୍କ ସମ୍ମିଳନୀରେ ଗାଦିମାଡି ବସିଥିବା ବାବୁ ଓ ବାବୁଆଣୀମାନଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି କଥା ଉଠିଥିଲା। ସାଧାରଣ ଜନତାଙ୍କୁ ଖରାପ ବ୍ୟବହାର ନ କରି ଭଲ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାସତ୍ତ୍ୱେ ଜଗତ୍‌ସିଂହପୁର ଜିଲାପାଳଙ୍କ ଏଭଳି ବ୍ୟବହାର ଯନ୍ତ୍ରଣାଦାୟକ ବୋଲି ଲେଙ୍କା କହିଛନ୍ତି।

ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୬ ଏବଂ ପରେ ଅର୍ଥାତ୍ ନଭେମ୍ବର ୫ ଓ ୭ରେ ପୃଥକ୍ ଭାବେ ଧରିତ୍ରୀରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ବଦଳି ପାଇଁ ତତ୍ପରତା ପ୍ରକାଶ କରି ହଠାତ୍ ଚୁପ ହୋଇଯାଇଥିଲା। ଏହାପରେ ବାଜିଲା ବଦଳି ଘଣ୍ଟି, ୩/୪ ଦିନ ଭିତରେ ଘୋଷଣା ଓ ସରକାରୀ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ ଚାପରେ ଚେପା ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ନଭେମ୍ବର ୧ରେ ବିଭାଗ ପୁଣି ଜିଲାପାଳମାନଙ୍କୁ ଚିଠି ଲେଖିବା ଲୋକଙ୍କୁ ଆଶ୍ୱସ୍ତ କରିଥିଲା। କିନ୍ତୁ ବଦଳି ନ ହେବା ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ଜିଲାପାଳ ଜେ. ସୋନାଲଙ୍କୁ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

# ସଚେତନ ହୋଇ ଶପଥପାଠ କଲେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ



ଏଡ୍‌ସ ସଚେନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବିଶ୍ୱ ଏଡ୍‌ସ ଦିବସ**

ଜଗତ୍‌ସିଂହପୁର, ୧।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଜୁନିୟର ରେଡ୍‌କ୍ରସ, ତରଫରୁ ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ଗନାଇଲୋ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ ମହାନ୍ତି ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କ ସହାୟତାରେ ଏନେଇ ଏକ ସଚେନତତା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଜିଲା ଜୁନିୟର୍ ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ହିମାଂଶୁ କୁମାର ମହାନ୍ତି, ବ୍ଲକ ସଂଯୋଜକ ଚନ୍ଦନ ବେହେରା, ସାରଦା ଅଧିକାରୀ, ସୁଦାମ ଜେନା, ଶଶାଙ୍କ ଶେଖର ରଥ, ସପନ କୁମାର ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକମାନଙ୍କୁ ଏଡ୍‌ସ ପାଇଁ ସଚେତନ ହେବାକୁ ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟର ଜେଆର୍‌ସି ପରାମର୍ଶଦାତା ବନଲକ୍ଷ୍ମୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣା: ଯୁବକ ଗୁରୁତର

ନାଉଗାଁ, ୧।୧୨ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ କୋକିଡ଼ିଅ- ତେଲସରା ରାସ୍ତାର ଗଙ୍ଗଦାସ୍ଥିତ ମଉଳା ଭଣଜା ମହାବିଦ୍ୟାଳୟ ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଡେଙ୍ଗୋଇ ଗ୍ରାମର ବୁଲୁ ସେଠୀଙ୍କ ପୁଅ ବିଶ୍ୱରଞ୍ଜନ ଓରଫ ଶିବ (୨୦)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ବୋଲେରୋ ଗାଡ଼ି ସାହାଯ୍ୟରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ବିଶ୍ୱରଞ୍ଜନ ଏକ ଟେଣ୍ଟ ହାଉସରେ କାର୍ଯ୍ୟ କରନ୍ତି। ସନ୍ଧ୍ୟାରେ ସେ ଓ ତାଙ୍କ ସାଙ୍ଗ ଏକ ବାଇକ୍‌ରେ ଜରି ପାଲନେଇ ଦ୍ରୁତ ଗତିରେ ଗଙ୍ଗଦାହାଟରୁ କୋରୁଅ ଆଡ଼କୁ ଯାଉଥିଲେ। ମହାବିଦ୍ୟାଳୟ ନିକଟରେ ମୋଡ଼ଥିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଖସି ପଡ଼ିଥିଲା। ଫଳରେ ବିଶ୍ୱରଞ୍ଜନ ଓ ତାଙ୍କ ସାଙ୍ଗ ତଳେ ପଡ଼ିଯାଇଥିଲେ। ଏହି ସମୟରେ ବିଶ୍ୱରଞ୍ଜନଙ୍କ ମୁଣ୍ଡ ତଳେ ମାଡ଼ ହୋଇଯିବାରୁ ଗୁରୁତର ହୋଇଛନ୍ତି।

# ଯୁଗ୍ମ ଜନଶୁଣାଣି: ୬୫ ଅଭିଯୋଗ ପଞ୍ଜୀକୃତ



ଜିଲାପାଳ ଜେ ସୋନାଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ନାଉଗାଁ, ୧।୧୨ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଜ୍ୟୋତି ଫେଡରେଶନ ସମ୍ମିଳନୀ କକ୍ଷରେ ଜିଲା ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ.ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ସମୁଦାୟ ୬୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ୧୦ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୫ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା ସମ୍ପର୍କିତ ୧୨, ଜମିଜମା ସମସ୍ୟା ୧୩, ଭତ୍ତା ସମ୍ବନ୍ଧୀୟ ୨, ପୋଲିସ ସହାୟତା ୩ ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିରୁ ୭ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଅଙ୍କିତ କୁମାର ବର୍ମା, ଜିଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ନିରଞ୍ଜନ ପରିଡା, ତହସିଲଦାର ଅକ୍ଷୟ କୁମାର ବଡୁଙ୍କ ସହ ଜିଲା, ବ୍ଲକସ୍ତରୀୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗୃହ ସମ୍ପର୍କ ଅଭିଯାନ

ଜଗତସିଂହପୁର, ୧।୧୨ (ପ୍ରମୋଦ କୁମାର ନାୟକ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)ର ଶତବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପୀ ପାଳନ ହେଉଥିବା ସପ୍ତସୁତ୍ରୀ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ବ୍ୟାପକ ଗୃହ ସମ୍ପର୍କ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଜଗତ୍‌ସିଂହପୁର ଜୟବଡ଼ସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଷ୍ଟ୍ରବାଦୀ ବିଚାର ଓ ଆଦର୍ଶକୁ ଭାରତର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ଏବଂ ସମ୍ପୂର୍ଣ୍ଣ ରାଷ୍ଟ୍ରକୁ ଏକ ସୁତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ ସାରା ଭାରତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜଗତସିଂହପୁରରେ ଏହି କାର୍ଯ୍ୟକ୍ରମକୁ ସଫଳ କ୍ରିୟାନ୍ୱୟନ କରିବା ପାଇଁ ଶତାଧିକ ସ୍ୱୟଂ ସେବକ ଶ୍ରୀଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇଥିଲେ। ଡିସେମ୍ବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଚଳିତ ମାସ ଶେଷ ସୁଦ୍ଧା ଜଗତ୍‌ସିଂହପୁରର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବା ପାଇଁ ସ୍ୱୟଂ ସେବକମାନେ ସଙ୍କଳ୍ପବଦ୍ଧ ହୋଇଥିଲେ।


ଗୃହ ସମ୍ପର୍କ ଅଭିଯାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆର୍‌ଏସ୍‌ଏସ୍ କର୍ମୀ।

# ସମିତି ସଭ୍ୟଙ୍କୁ ଅଣଦେଖା ଅଭିଯୋଗ

**ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନୀ**

ବାଲିକୁଦା, ୧।୧୨ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକର ମାଛଗାଁ ପଞ୍ଚାୟତକୁ ଆସୁଥିବା ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନ କାର୍ଯ୍ୟରେ ସମିତ୍ୟ ସଭ୍ୟ ନିରଞ୍ଜନ ଦାସଙ୍କୁ ବିଡିଓ ଅଣଦେଖା କରୁଥିବା ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ଧାରଣା ଦେବାକୁ ନିରଞ୍ଜନ ଚେତାବନୀ ଦେଇଛନ୍ତି। ଏହି ଅଭିଯୋଗ ପତ୍ରର ଏକ ନକଲ ବାଲିକୁଦା ଥାନା ଅଧିକାରୀ ଓ ଜିଲାପାଳଙ୍କୁ ସେ ପ୍ରଦାନ କରିଛନ୍ତି।

ନିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ବିକାଶ କରିବା ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପଞ୍ଚାୟତକୁ ଅନୁଦାନ ଆସିବା ପରେ ଏହି ରାଶି କିଭଳି ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟରେ ଲାଗିବ ସେଥିପାଇଁ ବ୍ଲକ ପ୍ରଶାସନ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ କାର୍ଯ୍ୟାଦେଶ ବଣ୍ଟନ କରିବେ। ତେବେ ମାଛଗାଁ ପଞ୍ଚାୟତରେ ବିଡିଓ ସାଗର କୁମାର ନନ୍ଦ ମନମୁଖୀ ଭାବେ ପ୍ରକଳ୍ପ ଦେଇଛନ୍ତି। ଏନେଇ ନିରଞ୍ଜନ ବିଡିଓଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ୍ୟ ତାଙ୍କୁ କୌଣସି ପ୍ରକାର ଗୁରୁତ୍ୱ ଦିଆଯାଉନାହିଁ। ତାଙ୍କ ଅଗୋଚରରେ ବିଡିଓ ନନ୍ଦ କୌଣସି ପଦବୀରେ ନଥିବା ଜଣେ ବ୍ୟକ୍ତିଙ୍କୁ ରାସ୍ତା କାର୍ଯ୍ୟ ପାଇଁ ଅନୁମୋଦନ ଦେଇଛନ୍ତି। ଏନେଇ ସେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସମାଧାନ ହେଉନାହିଁ। ପୂର୍ବରୁ ମଧ ବାଲିକୁଦା ବ୍ଲକର ସମସ୍ତ ଜନପ୍ରତିନିଧି ଏହି ପ୍ରସଙ୍ଗରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ଜନପ୍ରତିନିଧିମାନଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ପରେ ସମସ୍ୟାର ସମାଧାନ ହୋଇଥିଲା। ଏହି ପ୍ରତିଶ୍ରୁତି ପରେ ବି ଲୋକ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଧାରଣା ଦେବାକୁ ନିରଞ୍ଜନ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ନନ୍ଦ କହିଛନ୍ତି, ନିରଞ୍ଜନଙ୍କ ସମସ୍ତ କଥା ଶୁଣାଯାଇଛି। କାହାକୁ ଠିକାଦାରୀ ପ୍ରଦାନ କରିବା ବିଡିଓଙ୍କ ପକ୍ଷେ ସମ୍ଭବ ନୁହେଁ। ଜନପ୍ରତିନିଧି ସହ ଆଲୋଚନା ପରେ ହିଁ ଉକ୍ତ ପ୍ରକଳ୍ପକୁ ମଞ୍ଜୁରୀ କରାଯାଇଛି ବୋଲି ନନ୍ଦ କହିଛନ୍ତି।

# ଏଡ୍‌ସ ଭଳି ମହାମାରୀକୁ ରୋକିବାକୁ ନିଜେ ସଚେତନ ହେବା ଜରୁରୀ


ଏଡ୍‌ସ ସଚେନତା ପଦଯାତ୍ରାକୁ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ପିପିଏ ପକ୍ଷରୁ ଏଡ୍‌ସ ଦିବସ**

ପାରାଦୀପ, ୧।୧୨ (ଶରତ ରାଉତ)

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ପକ୍ଷରୁ ସୋମବାର ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୋର୍ଟ ହସ୍ପିଟାଲ ପରିସରରେ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନଙ୍କୁ ନେଇ ପଦଯାତ୍ରା କରାଯାଇଥିଲା। ଏହାକୁ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମଧୁବନ ଅଫିସର୍ସ କ୍ଲବ ପାଖରେ ଏହି ପଦଯାତ୍ରା ଶେଷ ହେବା ପରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଡ୍‌ସ ଭଳି ମହାମାରୀକୁ ରୋକିବା ପାଇଁ ଏକମାତ୍ର ଉପାୟ ହେଲା ନିଜେ ସଚେତନ ହେବା ବୋଲି ଏହି ଅବସରରେ ଅଧକ୍ଷ ହାରାନ୍ଧ କହିଥିଲେ। ପରେ ୩ ନଂ. ଗେଟ ପାଖରେ ଟ୍ରକ୍ ଚାଳକଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା।

# ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ପଦଯାତ୍ରା

ଏରସମା, ୧।୧୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ସୋମବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏକ ସଚେତନତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର ହାତରେ ପ୍ଲା କାର୍ଡ ଧରି ପଦଯାତ୍ରା କରିଥିଲେ। ଏଡ୍‌ସ ରୋଗୀଙ୍କୁ ହତାଦାର କରିବା ନାହିଁ, ଏଥିପ୍ରତି ସଚେତନ ହେବା, ଏହି ରୋଗକୁ ଦୂରେଇ ଦେବା ଭଳି ନାରା ଦେଇ ସେମାନେ ବଜାର ପରିକ୍ରମା କରି ସ୍କୁଲକୁ ଫେରିଥିଲେ।



ଏଡ୍‌ସ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ, ଗୁରୁ ପୂଜନ

ରାଜକନିକା, ୧।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରୁଣାଡିହା ପଞ୍ଚାୟତ ବରୁଣାଡିହା ଗାଁର ଲକ୍ଷ୍ମୀବରାହ ଆଞ୍ଚଳିକ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ ଏକ ସଭା ଆୟୋଜିତ ହୋଇଥିଲା । ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ମୁଖ୍ୟବକ୍ତା ପ୍ରାକ୍ତନ ସଂସ୍କୃତ ଶିକ୍ଷକ ପଣ୍ଡିତ ନରେନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥି ନୂଆପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ବଂଶୀଧର ନାୟକ ପ୍ରମୁଖ ଯୋଗଦେଇ ପୂଜ୍ୟପୂଜା ପରମ୍ପରାର ମହତ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ନିମନ୍ତ୍ରିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଞ୍ଚାନନ ପଣ୍ଡା, ପ୍ରାକ୍ତନ ସହକାରୀ ଶିକ୍ଷକ ପ୍ରମୋଦ କୁମାର ନାୟକ, ଶ୍ରୀନିବାସ ନାୟକ, କରୁଣାକର ପଣ୍ଡା, ରଙ୍ଗାଧର ବେହେରା, ରତ୍ନାକର ବେହେରା, ପୂର୍ବତନ ସରପଞ୍ଚ ବାସୁଦେବ କର, ପ୍ରଧାନ ଶିକ୍ଷକ ନାରାୟଣ ମୁର୍ମୁ, ସହକାରୀ ଶିକ୍ଷକ ସ୍ୱପ୍ନେଶ୍ୱର ନାୟକ ପ୍ରମୁଖଙ୍କୁ ଛାତ୍ରୀଛାତ୍ରମାନେ ପୂର୍ବକ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶରତ କୁମାର ମହାନ୍ତି ଉପସ୍ଥିତ ଥିବାବେଳେ, ଛାତ୍ର ଆଦିତ୍ୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ ଓ ଛାତ୍ରୀଛାତ୍ର ।

# ଆଦର୍ଶ ବିଦ୍ୟାଳୟ ନିର୍ମାଣ କାମ ନିମ୍ନମାନର: ଚିନ୍ତାରେ ଅଭିଭାବକ

ଏରସମା, ୧।୧୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମରେ ନିର୍ମାଣ କରାଯାଇଥିବା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର ହୋଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଫଳରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ଆଶଙ୍କା କରି ଅଭିଭାବକମାନେ ଭୟଭୀତ ହୋଇ ପଡ଼ିଛନ୍ତି।

ସିହା ଗ୍ରାମ ସୀମା ମଧ୍ୟରେ ଥିବା ଏକ ପାଟ ପୋତାଯାଇ ଏହି ଆଦର୍ଶ ସ୍କୁଲର ଅଟ୍ଟାଳିକା ନିର୍ମାଣ କରାଯାଇଛି। ଅଟ୍ଟାଳିକାରେ ୧୮ ଶ୍ରେଣୀ ଗୃହ ଥିବାବେଳେ ଷଷ୍ଠରୁ ନବମ ଶ୍ରେଣୀ ମଧ୍ୟରେ ଏଠାରେ ୩୨୦ ଛାତ୍ରୀଛାତ୍ର ପାଠପଢ଼ନ୍ତି। ଏଥିରେ ପାଠାଗାର, କମ୍ପ୍ୟୁଟର, ବିଜ୍ଞାନ ପରୀକ୍ଷାଗାର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିମନ୍ତେ କମନ ରୁମ, ଅଧକ୍ଷଙ୍କ କାର୍ଯ୍ୟାଳୟ, ସ୍କାଉଟ, ପରୀକ୍ଷା ଓ କ୍ରୀଡା ଆଦି ପାଇଁ ୧୨ଟି ଗୃହ



ନିର୍ମାଣ କରାଯାଇଛି। ସମ୍ପୃକ୍ତ ଠିକାଦାର ୨୦୨୩ ଜୁନ୍ ୧୮ରେ ପ୍ରଥମ ମହଲା ପାଠପଢ଼ିବା ପାଇଁ ଛାଡ଼ିଥିଲେ। ୨୦୨୪ରେ ଏହି କାର୍ଯ୍ୟ ଶେଷ ହୋଇଛି। ଏପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାର ବିଧିବଦ୍ଧ ଭାବେ ଅଟ୍ଟାଳିକା ହସ୍ତାନ୍ତର କରି ନ ଥିଲେ ମଧ ପ୍ରଶାସନର ନିଷ୍ପତ୍ତି ଅନୁସାରେ ସେଠାରେ ୩ ବର୍ଷ ହେଲା ପାଠପଢ଼ା ଚାଲିଛି। ମାତ୍ର ପରିତାପର ବିଷୟ କାର୍ଯ୍ୟ ଶେଷ ହେବାର ଗୋଟିଏ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ କାନ୍ଥ ଫାଟିବା ସହ ପ୍ରବେଶ ପଥର ଚଟାଣ ୧୫ ଫୁଟ୍ ଲମ୍ବରେ ଦବିଯାଇଛି ବୋଲି କେତେଜଣ ଅଭିଭାବକ ନାମ ପ୍ରକାଶ ନ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ଏହାର ସର୍‌ଜମିନ ତଦନ୍ତ କରାଯାଇଛି। ସୂଚନଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୩ରେ ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସିହା ଗ୍ରାମ କମିଟି ସଭାପତି ଆଶିଷ କୁମାର ସ୍ୱାଇଁ, ଏରସମା ସଚେତନ ନାଗରିକ ମଞ୍ଚ ସଭାପତି ପ୍ରବୀର ପଣ୍ଡା, ୱାର୍ଡ ସଭ୍ୟ ସୁଶାନ୍ତ ସ୍ୱାଇଁ ପ୍ରମୁଖ କାନ୍ଥ ଫାଟିବା ନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସନ୍ଦୀପ୍ତ ଅଧିକାରୀଙ୍କୁ ପଚାରିବାରେ, ଅଭିଯୋଗ ପରେ ସମ୍ପୃକ୍ତ ଠିକାଦାର ୨ ଦିନ ହେଲା ମରାମତି କାର୍ଯ୍ୟ ଚଳାଇଥିବା କହିଛନ୍ତି। ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ସ୍କର୍ପିଓ ସହ ବିଦେଶୀ ମଦ ଜବତ, ଜେଲ ଗଲେ ଜଣେ

ନୟାଗଡ/ରଣପୁର,୧।୧୨(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ଅବକାରୀ ବିଭାଗର କର୍ମଚାରୀମାନେ ଚାନ୍ଦପୁର ବଜାରରେ ଚଢ଼ାଉ କରି ସୋମବାର ଚୋରାରେ ଚାଲାଣ ହେବାକୁ ଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଦେଶୀ ମଦ ଜବତ କରିଛନ୍ତି। ସମ୍ପୃକ୍ତ ଚୋରା ମଦ ନଂ(ଓଆର୦୨ବିଏମ୦୦୦୬) ସ୍କର୍ପିଓରେ ଏକ ଢ଼ାବାକୁ ଚାଲାଣ ହେଉଥିଲା। ଖବରପାଇ ରଣପୁର ଅବକାରୀ ବିଭାଗ କର୍ମଚାରୀମାନେ ଚାନ୍ଦପୁର ବଜାର ଉପରେ ସ୍କର୍ପିଓକୁ ଅଟକାଇ ତଲାସି କରିବା ପରେ ଜବତ କରିଛନ୍ତି। ଏଥିରେ ୩୬ ଲିଟର ହୁସ୍କି, ୧୦୯ ଲିଟର ବିୟର



ଥିଲା। ଏନେଇ ଚାନ୍ଦପୁର ଥାନା ବେଣ୍ଟଗାଁର ସ୍କର୍ପିଓ ଚାଳକ ବଳଭଦ୍ର ପରିଡାଙ୍କୁ ଗିରଫ କରାଯିବା ସହ ରଣପୁର ଅବକାରୀ ବିଭାଗରେ ନଂ.୧୩୬/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବଳଭଦ୍ରଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶଯେ, ଚାନ୍ଦପୁର ଥାନା ସମ୍ମୁଖରେ ପ୍ରତ୍ୟହ ଦେଶୀ ଓ ବିଦେଶୀ ମଦ ବାହାରକୁ ଚୋରା ଚାଲାଣ ହେଉଥିବାବେଳେ ପୋଲିସର ଦୃଷ୍ଟିକୁ ଆସୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ପରେ ଅଭିଭାବକଙ୍କ ବିକ୍ଷୋଭ



ସ୍କୁଲ ସମ୍ମୁଖରେ ଲୋକେ ହୋହଲ୍ଲା କରୁଛନ୍ତି।

## ଉଦୟପୁର ପ୍ରାଥମିକ ବିଦ୍ୟାଳୟରେ ଚାପା ଉତ୍ତେଜନା

ନୟାଗଡ,୧।୧୨(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରିକୁ ନେଇ ସୋମବାର ଚାପା ଉତ୍ତେଜନା ଦେଖା ଦେଇଛି। ଗ୍ରାମବାସୀ ଚାଉଳ ବିକ୍ରିର ପ୍ରତିବାଦ କରି ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ନେଇ କାହା କଥା କାହା ସହ ମିଶୁନି। ସମସ୍ତେ ଭିନ୍ନ ଭିନ୍ନ କଥା କହିବା ପରେ ଚାଉଳ ବିକ୍ରି ଘଟଣା ସନ୍ଦେହ ଘେରକୁ ଆସିଛି। ତେବେ ଚାଉଳ ବିକ୍ରି ହୋଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାନା କମିଟି ସ୍ୱୀକାର କରିଛନ୍ତି। ଏନେଇ ଅଟୋ ଡ୍ରାଇଭର କବି ବେହେରା କୁହନ୍ତି, ମୋ ଅଟୋରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ପାଇଁ ଯାଇଛି। ସ୍କୁଲ ସଭାପତି ମୋତେ ଫୋନ କରି ଡାକିଲେ। କହିଲେ ଗାଡି ଧରିକି ଆସ। ଚାଉଳ ଲୋଡ ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ସମେତ ଅନ୍ୟ ଦୁଇଜଣ ଚାଉଳ ଅଟୋରେ ଲୋଡ କଲେ। ୭ରୁ ୮ ବସ୍ତା ଚାଉଳ ମାଛିପଡା ଗୋଦାମକୁ ନେଇ ବିକ୍ରି କଲୁ। ଗୋଦାମରେ ଚାଉଳ ଦିଆଯିବା ପରେ ନୟାଗଡ ଯାଇ ଗୋଟିଏ କଡେଇ, ଗୋଟିଏ ହାଣ୍ଡି, ୪ଟି ଚେୟାର କିଣି ଆଣି ସ୍କୁଲରେ ଦେଇ ଘରକୁ ଫେରିଲି ବୋଲି କହିଛନ୍ତି। ମାଧବ ବେହେରା କୁହନ୍ତି, ଗାଧୋଇ ଘରକୁ ଯିବାବେଳ ସ୍କୁଲରୁ ୨ ବସ୍ତା ଚାଉଳ ଛାତ୍ର ଗାଁକୁ ନେଇ ଗଲେ। ଛାତ୍ରଙ୍କୁ ପଚାରିଲି ଚାଉଳ କେଉଁଆଡେ ନେଉଛ। ଛାତ୍ର କହିଥିଲେ ଧାର ଆଣିଥିବା ଚାଉଳ ଅଙ୍ଗନୱାଡି କେନ୍ଦ୍ରକୁ ଶୁଝିବାକୁ ନେଉଛୁ। ସ୍କୁଲ ସଭାପତି ବି କହିଲେ ଧାର ଚାଉଳ ସୁଝିବାକୁ ଯାଉଛି। ସ୍କୁଲ ଭିତରେ ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ଗାଁ ଭିତରକୁ କାହିଁକି ଚାଉଳ ନିଆଗଲା ମନରେ ପ୍ରଶ୍ନ ଉଠିଲା। ଏଣୁ ଚାଉଳ ଚୋରିକୁ ଦେଖିବାକୁ ୧୦ ଦିନ ଜଗି ରହିଲି। ଦିନେ ଦେଖିଲି ପ୍ରଧାନଶିକ୍ଷୟିତ୍ରୀ, ସାଗର ସାରେ, ସାନ ଦିଦି ଛୁଟି ନେଇଛନ୍ତି। ସ୍କୁଲ ସଭାପତି, ମୁନା ସାରେ ରୋଷେୟାଙ୍କୁ ଧରି ଚାଉଳ ଅଟୋରେ ଲୋଡ କରି ନେଲେ। ଚୋରି ପରେ ମଧ୍ୟାହ୍ନଭୋଜନ କିପରି ପିଲା ଖାଉଛନ୍ତି ଦେଖିବାକୁ ଗଲି। ମୋତେ ଦେଖି ପ୍ରଧାନଶିକ୍ଷୟତ୍ରୀ କହିଲେ ଅଭିଯୋଗ କରି ଥାନାକୁ ପଠେଇ ଦେଲେ କାମ ଶେଷ। ମୋପୁଅ ପୋଲିସରେ ଅଛି କହି ଜେଲ ପଠାଇ ଦେବା କହିଥିଲେ। ମୋ ନାତିକୁ ବିଭିନ୍ନ ପ୍ରକାରର କଥା କଥା କହୁଛନ୍ତି। ଚାଉଳ ସବୁବେଳେ ଚୋରି ହେଉଛି। ଏଣୁ ଚାଉଳ ଚୋରି ଘଟଣାରେ ମନୋଜ ସାର, ପ୍ରଧାନ ଶିକ୍ଷୟିତ୍ରୀ ଓ ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଆଜି ଶିକ୍ଷକଙ୍କୁ ଅଟକ ରଖାଯାଇଥିଲା। ଘଟଣାର ସଠିକ ତଦନ୍ତ କରାନଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାସ କୁହନ୍ତି, ଚାଉଳ ବିକ୍ରି ହେଇନି। ଧାର ଆଣିଥିବା ଚାଉଳ ଶୁଝି ଦେଇଛି। କିଏ କ'ଣ କହିଲା ମୁଁ କହିପାରିବନି କହିଥିଲି। ନୟାଗଡ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ କୁହନ୍ତି, ଚାଉଳ ଏପଟସେପଟ ହୋଇଛି ଅଭିଯୋଗ କରାଯାଇ ପ୍ରତିବାଦ କରିଥିଲେ। ଆମେ ଘଟଣାର ତଦନ୍ତ କରିବୁ ବୋଲି କହିଥିଲେ। ତେବେ ଗାଁଲୋକ କହିଲେ ବୁଧବାର ଶିକ୍ଷକ ଓ ଗ୍ରାମ୍ୟ କମିଟି ଓ ପରିଚାଳନା କମିଟି ସଭାପତିଙ୍କ ମଧ୍ୟରେ ବୈଠକ ପରେ ସମାଧାନ କରାଯିବ। ସମାଧାନ ନ ହେଲେ ଗାଁଲୋକ ଜଣାଇବେ କହିଛନ୍ତି। ଗାଁଲୋକଙ୍କ ଅଭିଯୋଗ ପରେ ଆମେ ତଦନ୍ତ କରି ପଦକ୍ଷେପ ନେବୁ ବୋଲି କହିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ବ୍ରଜେନ୍ଦ୍ର ବାଣ୍ଟ କୁହନ୍ତି, ଗଣେଶ ପୂଜା ଭୋଜି ପାଇଁ ଆଲୋଚନା ହେଲା। ଭୋଜି ପାଇଁ ପ୍ରଧାନ ଶିକ୍ଷକଙ୍କ ସ୍ୱାମୀ ଟଙ୍କା ଦେଲେ। ଚାଉଳ ବଳକା ହେବା ପରେ ବିକ୍ରି କରାଯାଇ ଶୁଝାଗଲା। ଚାଉଳ ବିକ୍ରିରେ ସ୍କୁଲ ପରିଚାଳନା କମିଟିର ସହଯୋଗ ରହିଛି। ପୂଜା ପାଇଁ ଚାନ୍ଦା ପିଲାଙ୍କଠାରୁ ୩୧୦୦ ନାଁ ୩୨୦୦ ଆଦାୟ ହୋଇଥିବାବେଳେ ଖର୍ଚ୍ଚ ହୋଇଛି ୧୩ ହଜାର ୭୦୦ ନାଁ ୮୦୦ ଖର୍ଚ୍ଚ ହୋଇଛି। ପିଲାଙ୍କ ଖାଦ୍ୟ ପିଲାଙ୍କ ଭୋଜିରେ ଲାଗିଛି। ହିସାବ ଲେଖି ରଖାଯାଇଛି। କେହି ଖାଇ ନାହାନ୍ତି ବୋଲି କହିଛନ୍ତି।

# ଦୃଷ୍ଟିହୀନ ଯୁବତୀ ଯୁବକଙ୍କ ପାଇଁ ବୈଷୟିକ ତାଲିମ କେନ୍ଦ୍ର ଉଦ୍‌ଘାଟନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦୃଷ୍ଟିହୀନ ଓ ପ୍ରଶିକ୍ଷକ।

## ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ ଆରମ୍ଭ

ନୟାଗଡ଼,୧।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଦୃଷ୍ଟିହୀନ ଯୁବତୀ ଯୁବକମାନଙ୍କ ପାଇଁ ଏକ ତ୍ରୟ ମାସିକ ତାଲିମ କେନ୍ଦ୍ର ସୋମବାର ଭିନ୍ନକ୍ଷମଙ୍କ ଶିକ୍ଷା, ପ୍ରଶିକ୍ଷଣ ଓ ପୁନର୍ବାସ କ୍ଷେତ୍ରରେ ଉଦ୍‌ଘାଟତ ହୋଇଯାଇଛି। ଏହି ବୈଷୟିକ ତାଲିମ କେନ୍ଦ୍ର, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ବିଭିନ୍ନ ବ୍ଲକରୁ ୧୦ ଜଣ ଦୃଷ୍ଟିହୀନ ଯୁବତୀ ଯୁବକ କେନ୍ଦ୍ରରେ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କୁ ବୈଷୟିକ ତାଲିମ ଦାତା ବିଚିତ୍ର ପ୍ରଧାନ ପ୍ରଶିକ୍ଷଣ ଦେଉଛନ୍ତି। ବର୍ତ୍ତମାନର ବଜାର ଚାହିଦାକୁ ଦୃଷ୍ଟିରେ ରଖି ସେମାନଙ୍କୁ ପୋଷାକ ପ୍ୟାକେଜିଂ, ଫିନାଇଲ ପ୍ରସ୍ତୁତ, ମହମବତୀ ଓ ଚକ୍‌ଖଡି ପ୍ରସ୍ତୁତି ଆଦି ପ୍ରଶିକ୍ଷଣ ପ୍ରଦାନ କରାଯିବ। ବିଭିନ୍ନ କମ୍ପାନୀରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଗୋଟିଏ ବର୍ଷରେ ୪ ଟି ପର୍ଯ୍ୟାୟରେ ୪୦ ଜଣ ଦୃଷ୍ଟି ଦିବ୍ୟାଙ୍ଗଙ୍କୁ ପ୍ରଶିକ୍ଷଣ ଓ ନିଯୁକ୍ତି ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ସେବାର ଅଧକ୍ଷ ବୈକୁଣ୍ଠ ନାଥ ମହାପାତ୍ର ଓ ବରିଷ୍ଠ ସ୍ୱତନ୍ତ୍ର ଶିକ୍ଷକ ଲୋକଜିତ୍ ପରିଡ଼ା ସଞ୍ଚାଳନ କରିଥିଲେ। ପ୍ରକାଶ ଯେ, ସେବା ଆନୁକୂଲ୍ୟରେ ଓ ଏନ୍‌ଏବି.ଇଣ୍ଡିଆ ସେଣ୍ଟର ଫର୍ ବ୍ଲାଇଣ୍ଡ ଓମେନ ଆଣ୍ଡ ଡିଜାବିଲିଟି ଷ୍ଟଡି, ନୂଆଦିଲ୍ଲୀଙ୍କ ଆର୍ଥିକ ସହାୟତାରେ ଏହା କରାଯାଇଛି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ




ଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା।

ଦଶପଲ୍ଲା, ୧।୧୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ କୃଷ୍ଣପ୍ରିୟା ମହିଳା ମହବିଦ୍ୟାଳୟରେ ୟୁଥ୍ ରେଡକ୍ରସ୍ ୟୁନିଟ ଏବଂ ଓଏସ୍‌ଏସିଏସ୍ ଏବଂ ରାଜ୍ୟ ରେଡ଼କ୍ରସ୍ ଶାଖା ଭୁବନେଶ୍ୱର ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ୍ ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରଥମେ ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଏକତ୍ରିତ ହୋଇ କଲେଜଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଦୁର୍ଗାବଜାର, ଥାନା, ମେଡ଼ିକାଲ ଛକ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ବିଭିନ୍ନ ସ୍ଲୋଗାନ ଶହ ଜନସାଧାରଣଙ୍କୁ ଚକୋଲେଟ ପ୍ରଦାନ ପୂର୍ବକ ସଚେତନ କରିବା ସହ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଅଧକ୍ଷା ପତାକା ପ୍ରଦର୍ଶନ ପୂର୍ବକ ଉଦ୍‌ଘାଟନ କରିଥିଲେ। ପରେ କଲେଜରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ସାଗରୀକା ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଫାର୍ମାସିଷ୍ଟ ଲକ୍ଷ୍ମୀନାରାୟଣ ସାହୁ ଯୋଗ ଦେଇଥିଲେ। ଶିକ୍ଷା ବିଭାଗ ଅଧ୍ୟାପିକା ମଧୁସ୍ମିତା ସାଥୁଆ, ଓଡ଼ିଆ ଅଧ୍ୟାପିକା ସୁମନା ସାହୁଙ୍କ ସହଯୋଗୀତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହାକୁ ୟୁଥ୍ ରେଡକ୍ରସ୍ ୟୁନିଟ ପରାମର୍ଶଦାତା ତଥା ଅଧ୍ୟାପକ ଧୀରେନ୍ଦ୍ର କୁମାର ମହାରଣା ସଂଯୋଜନା କରିଥିଲେ।

# ଗାନ୍ଧୀ ମଇଦାନରେ ଏମ୍‌ପିଙ୍କ ଖେଳ ମହୋତ୍ସବ



ଅତିଥିମାନଙ୍କ ସହ ଖେଳାଳି।

ଦଶପଲ୍ଲା,୧।୧୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍‌ଡୋର ମଇଦାନରେ ଏମ୍‌ପିଙ୍କ ଖେଳ ମହୋତ୍ସବ ନଭେମ୍ବର ୨୮ରୁ ଆରମ୍ଭ ହୋଇଥିଲା। ଏଠାରେ ବ୍ୟାଡ୍‌ମିଣ୍ଟନ ଓ ଚେସ୍ ଖେଳ ହୋଇଥିଲା। ସୋମବାର ଗାନ୍ଧୀ ମଇଦାନଠାରେ ଅନ୍ୟ ଖେଳ ପ୍ରତିଯୋଗିତାର ହୋଇଥିଲା। ଏଥିରେ ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ଅଞ୍ଜନ ଦାସ ଏବଂ ବ୍ଲକ ପ୍ରତିନିଧି କିଶୋର ଦଳବେହେରା ଉପସ୍ଥିତ ଥିବାବେଳେ ସୌମ୍ୟ ରଞ୍ଜନ ରଥ ଖେଳ ପରିଚାଳନା କରୁଥିଲେ। ମହୋତ୍ସବ ଡିସେମ୍ବର ୧ ରୁ ଆରମ୍ଭ ହୋଇ ୪ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆଲୋଚନା ହୋଇଥିଲା। ଏଥିରେ କ୍ରିକେଟ, ଫୁଟବଲ, ଭଲିବଲ, କବାଡି, ଖୋଖୋ, ଚେସ୍, ବ୍ୟାଡ୍‌ମିଣ୍ଟଣ ଓ ପୁଚି ଆଦି ୮ଟି କ୍ରୀଡା ଉଭୟ ବାଳିକା ଓ ବାଳକଙ୍କୁ ନେଇ ଆରମ୍ଭ ହୋଇଥିଲା। ଏହି ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଯୁବମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ଉନ୍ନତ କରିବା ସହିତ ପ୍ରତିଭା ଉଦ୍ଭାସନର ଲକ୍ଷ୍ୟ ରଖାଯାଇଛି।

# ବୋଲେରୋ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ନୟାଗଡ/ନୂଆଗାଁ୧।୧୨ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୂଆଗାଁ ଥାନା ମହୀପୁର ଡାହୁକା ସେତୁ ନିକଟରୁ ନୟାଗଡ ଅବକାରୀ ମୋବାଇଲ ସ୍କ୍ୱାର୍ଡ ସୋମବାର ସକାଳେ ଗଞ୍ଜେଇ ସହ ଏକ ବୋଲେରୋ ଓ ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାରେ କନ୍ଧମାଳ ଜିଲା ବାଲିଗୁଡା ଥାନା ମସିନାଗୁଡା ଗାଁର ଚିତ୍ରସେନ ମଲ୍ଲିକ(୨୩)ଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ନଂ.୨୮୮/୨୫ରେ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ କରାଯାଉଛି। ବୋଲୋରୋ (ଓଡି୦୫ ବିଇ ୯୯୦୧)ରେ କନ୍ଧମାଳରୁ ଗଞ୍ଜେଇ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡିଛି। ଖବର ପାଇ ସୋମବାର



ଜବତ ଗଞ୍ଜେଇ ବୋଲେରୋ।

ସକାଳେ ନୟାଗଡ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଆଇଆଇସି ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଏଏସ୍‌ଆଇ ନାନ୍ଦୁ ନାୟକ ଓ କୈବଲ୍ୟ ସ୍ୱାଇଁ ପ୍ରମୁଖ ୫ଜଣ ଚଢ଼ାଉରେ ସାମିଲ ଥିଲେ। ବୋଲେରୋରୁ ୨୫ କେଜି ଗଞ୍ଜେଇ ଜବତ ହୋଇଛି।

# ଫାଇନାଲରେ ବାପୁଜୀ କ୍ଲବ୍ ଏଲପଡ଼ା

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ

ଭାପୁର, ୧।୧୨ (ପ୍ରଭାତ ବରାଡ)

ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଗୋଳାପୋଖରୀ ଗ୍ରାମର ମା' ରାମଚଣ୍ଡୀ ଆସୋସିଏଶନ ତରଫରୁ ସପ୍ତମ ବାର୍ଷିକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବାପୁଜୀ କ୍ଲବ ଏଲପଡା କ୍ରିକେଟ ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ, ମରିଚିଆ କ୍ରିକେଟ ଦଳ ଓ ବାପୁଜୀ କ୍ଲବ ଏଲପଡା କ୍ରିକେଟ କ୍ଲବ। ବାପୁଜୀ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଜବାବରେ ମରିଚିଆ ୧୨.୩ ସମସ୍ତ ଉଇକେଟ ହରାଇ ମାତ୍ର ୮୫ ରନ୍‌ରେ ପରାଜିତ ହୋଇଥିଲା। ବିଜୟୀ ଦଳର ଖେଳାଳୀ କୁଲୁ ବ୍ୟକ୍ତିଗତ ଧୁଆଁଧାର ବ୍ୟାଟିଂ କରି ୭୯ ରନ ସହ ବୋଲିଂ କରି ୨ଉଇକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ସୋନୁ ଗୁମାନ ସିଂ ଓ ବିଜୟ କୁମାର ବାରିକ ପରିଚାଳନା କରିଥିବା ବେଳେ ସୂର୍ଯ୍ୟ କୁମାର ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ଜୀବନ ରାଉତରାୟ ଓ ପ୍ରକାଶ ବେହେରା ସ୍କୋର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି।

# ଗବେଷକ ଚିତ୍ତରଞ୍ଜନ ଓଡ଼ିଶା ଗବେଷଣା ସମ୍ମିଳନୀରେ ସମ୍ମାନିତ



ଗବେଷକ ଚିତ୍ତ ରଞ୍ଜନ ସାହୁଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୀତାଞ୍ଜଳି ଦାଶ ପୁରସ୍କୃତ କରୁଛନ୍ତି।

ନୟାଗଡ,୧।୧୨(ଲୋକନାଥ ମିଶ୍ର)

ବ୍ରହ୍ମପୁରଠାରେ ଆୟୋଜିତ ଓଡ଼ିଶା ଗବେଷଣା ସମ୍ମିଳନୀରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣରେ ସଂଗ୍ରହାଳୟର ଭୂମିକା ଶୀର୍ଷକ ଗବେଶଣାତ୍ମକ ନିବନ୍ଧ ପ୍ରସ୍ତୁତ କରି ନୟାଗଡ ପୁରୁଣା ସହରର ଗବେଷକ ଚିତ୍ତ ରଞ୍ଜନ ସାହୁ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଗୀତାଞ୍ଜଳି ଦାଶଙ୍କଠାରୁ ଚିତ୍ତରଞ୍ଜନ ସମ୍ମାନିତ ହୋଇଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱରରେ ଗବେଷଣା କରୁଥିବା ଚିତ୍ତରଞ୍ଜନ ଦଶ ପଇସାର ରଜା ଦାଶିଆ ଅଜା, ରାଜ୍ୟ ସଂଗ୍ରହାଳୟ, କୋରାପୁଟର ଆଦିବାସୀ ସଂଗ୍ରହାଳୟ, ଭୁବନେଶ୍ୱରର ହସ୍ତଶିଳ୍ପ ସଂଗ୍ରହାଳୟ, ରାଜ୍ୟ ଆଦିବାସୀ ସଂଗ୍ରହାଳୟ ଓ କଟକ ନୌବାଣିଜ୍ୟ ସଂଗ୍ରହାଳୟ ଉପରେ ନିବନ୍ଧ ପ୍ରସ୍ତୁତ କରିଥିଲେ। ଗତ ୨୭ରେ ଓଡ଼ିଶା ଗବେଷଣା ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ୨୯ରେ ଉଦ୍‌ଯାପିତ ହୋଇଥିଲା।

# ନୀଳମାଧବ ପୀଠରେ ଗୀତା ଜୟନ୍ତୀ

ଖଣ୍ଡପଡା,୧।୧୨(ଅଜୟ କୁମାର ମହାରଣା)

ମାର୍ଗଶୀର ଶୁକ୍ଳପକ୍ଷ ଏକାଦଶୀରେ ଗୀତା ଜୟନ୍ତୀ ପାଳିତ ହୁଏ। ଏହି ଅବସରରେ ସୋମବାର କଣ୍ଟିଲୋ ନୀଳମାଧବ ପୀଠ ଭୋଗ ମଣ୍ଡପଠାରେ ପୂଜକ ସମାଜ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଭୋଗମଣ୍ଡପକୁ ବିଜେ କରାଯାଇଥିଲା। ଏହି ଉତ୍ସବରେ ଗୀତାଯଜ୍ଞ ଓ ଘୃତଯଜ୍ଞ କରାଯାଇ ଅପରାହ୍ନ ପ୍ରାୟ ସାଢେ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କର୍ତ୍ତା ଭାବେ ପବିତ୍ର କୁମାର କର, ବୈଦିକ ପୁରୋହିତ ପ୍ରଦୀପ୍ତ କୁମାର କର, ଆଚାର୍ଯ୍ୟ ମଧୁସୂଦନ ମିଶ୍ର, ଚରୁ ଭାବେ ରବୀନ୍ଦ୍ର ନାଥ ମିଶ୍ର. ଶ୍ରୀକାନ୍ତ ମିଶ୍ର, ପୀତବାସ ମିଶ୍ର ଓ ନୀଳମାଧବ ମିଶ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ।



ଗୀତା ଯଜ୍ଞରେ ପଣ୍ଡିତମାନେ ହୋମ କରୁଛନ୍ତି।

# ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ



ସଭାରେ ଅତିଥିଙ୍କ ସହ ଛାତ୍ରୀମାନେ।

ଖଣ୍ଡପଡା,୧।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ଶାଖା ପକ୍ଷରୁ ସୋମବାର ବିଶ୍ୱ ଏଡସ୍ ସଚେତନତା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ କଳା ଶ୍ରେଣୀର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମହାମାରୀ ଏଡସ୍‌ର କାରଣ ଓ ନିରାକରଣ ପାଇଁ ଥିବା କୌଶଳର ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ୟୁଥ ରେଡକ୍ରସ(ଯୁକ୍ତ ୨ ଶାଖା), ରେଡ ରିବନ କ୍ଲବ, ଓଡିଶା ଷ୍ଟେଟ ଏଡସ୍ କଣ୍ଟ୍ରୋଲ ସୋଇଇଟି ପକ୍ଷରୁ ନିର୍ଦ୍ଦେଶିତ କାର୍ଯ୍ୟସୂଚୀ ଅନୁଯାୟୀ ୨ ଦିନିଆ କାର୍ଯ୍ୟକ୍ରମ ହେବାର ରହିଛି। ପ୍ରଥମ ଦିବସ ସୋମବାର କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ର ପୌରୋହିତ୍ୟ କରି ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରସଙ୍ଗ ଭିତିକ ଆଲୋଚନାଚକ୍ର ଓ ପୁରସ୍କାର ବିତରଣ କରାଯିବ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ୟୁଥ ରେଡ୍‌କ୍ରସ୍ ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମଯଜ୍ଞ

ଖଣ୍ଡପଡ଼ା,୧।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ୨୭ ତମ ବିଷ୍ଣୁ ସହସ୍ର ନାମ ଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବାସୁଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜ ମୁଖ୍ୟ ପୁରୋଧାମାନେ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଭାବେ ରବି ନାରାୟଣ ଦାଶ ଦାୟିତ୍ୱ ତୁଲାଇ ଥିଲେ। ପୁରୋଧା ପଞ୍ଚାନନ ମିଶ୍ର,ସୂର୍ଯ୍ୟକାନ୍ତ



ବିଷ୍ଣୁ ସହସ୍ର ନାମଯଜ୍ଞ କରାଯାଉଛି।

ଦାଶ ଓ ଅଭିଷେକ ପାଣି ପ୍ରମୁଖ ଯଜ୍ଞ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ପୂର୍ଣ୍ଣାହୂତି ଉତ୍ସବରେ ଯଜ୍ଞସ୍ଥଳରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଚାଷଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ ଦାବି ତେଜିଲା

## ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା

ଯାଜପୁର/ଯାଜପୁର ରୋଡ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି),୧।୧୨ :



ଯାଜପୁର ରୋଡ ଗୋପବନ୍ଧୁ ଛକଠାରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

ଚାଷଜମିରେ ଶିଳ୍ପ ପ୍ରତିଷ୍ଠା ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସକୁ ସଫଳ କରିବା ପରିପ୍ରେକ୍ଷୀରେ ଯାଜପୁରରୋଡ୍ ଗୋପବନ୍ଧୁ ଛକଠାରେ ପ୍ରତିବାଦ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର ଓ ଅନ୍ୟ ୫ଜଣଙ୍କୁ ବିନା ସର୍ତ୍ତରେ ଖଲାସ କରିବା, ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା, ଜିନ୍ଦଲ – ପୋସ୍କୋ ସହ କେନ୍ଦୁଝର ଜିଲାର ପାଟଣା ତହସିଲରେ ଦୋଫସଲି ଚାଷଜମିରେ କାରଖାନା ପ୍ରତିଷ୍ଠା ପାଇଁ ହୋଇଥିବା ଏମ୍ଓୟୁ ବାତିଲ ଇତ୍ୟାଦି ଦାବି କରାଯାଇଛି। ଚାଷୀ ନେତା ମେଘନାଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଶିଷ୍ଟ ସଙ୍ଗଠକ ବିଜୟାନନ୍ଦ ମଲ୍ଲିକ, କେଦାର ନାଥ ସାହୁ, ବିଜୟ ଜେନା, ଅଲେଖ ମଲ୍ଲିକ, ଶରତ ଜେନା, ସନ୍ତୋଷ ସାହୁ, ବିଶ୍ୱଜିତ ମଲ୍ଲିକ, ବିଜୟ ସେନ ପ୍ରମୁଖ ବକ୍ତାମାନେ କମ୍ପାନୀ ସ୍ୱାର୍ଥରେ ମିଥ୍ୟା କେସ୍ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏହାବାଦ୍ ଚାଷଜମିରେ ଶିଳ୍ପ ପ୍ରତିଷ୍ଠା ଚଳିବ ନାହିଁ, ଶ୍ରମଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଖାଲି ପଡ଼ିଥିବା ଜାଗାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଦାବି କରାଯାଇଥିଲା। କେନ୍ଦୁଝର ଜିଲାର ପାଟଣାଠାରେ ୧୮ଟି ଗ୍ରାମର ଲୋକଙ୍କୁ ଭିଟାମାଟି ଓ ଦୁଇ ଫସଲି ଚାଷ ଜମିରୁ ଉଚ୍ଛେଦ ବନ୍ଦ କରିବା ଆଦି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ରାଜ୍ୟ ସରକାରଙ୍କ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାରେ ଗତ ୩ ଦଶନ୍ଧି ହେଲା ବିପୁଳ ପରିମାଣରେ ଜଙ୍ଗଲ, ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ କରାଯାଇଛି। ଏବେ ପୁଣି ରାଜ୍ୟରେ ଶିଳ୍ପାୟନ ଦ୍ରୁତଗତିରେ ବୃଦ୍ଧିପାଉଛି। ଏହାର ପ୍ରଭାବରେ ସବୁଜିମା ହଜିଯିବାକୁ ବସିଥିବାବେଳେ ଫସଲ ଉତ୍ପାଦନ ମଧ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଶିଳ୍ପାନୁଷ୍ଠାନରେ କାମ କରି ଅଧିକ ରୋଜଗାର କରିବା ଆଶାରେ ଲୋକେ ଚାଷ ପ୍ରତି ବିମୁଖ ହେଉଛନ୍ତି। ପୂର୍ବରୁ ଗ୍ରାମବାସୀ ବିଭିନ୍ନ ଫସଲ ଉତ୍ପାଦନ କରି ବିକ୍ରି କରୁଥିବାବେଳେ ଏବେ କିନ୍ତୁ ଜମି ପଡ଼ିଆ ପଡୁଛି। ଅତୀତରେ ଯାଜପୁର ଜିଲାର ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳ ସବୁଜସୁନ୍ଦର ବ୍ଲକ ଭାବେ ପରିଗଣିତ ହେଉଥିଲା। ଏଠାକାର ଘନ ଜଙ୍ଗଲ, ସବୁଜିମା, ଶସ୍ୟ ଶ୍ୟାମଳା କ୍ଷେତ ଆଦି ମଣିଷକୁ ଶାନ୍ତି ଦେଉଥିଲା। କିନ୍ତୁ ବିଭିନ୍ନ କମ୍ପାନୀ ବସତିସ୍ଥାପନ କରିବା ପରେ ଏହି ଅଞ୍ଚଳ ପ୍ରଦୂଷଣର ଚରମ ସୀମାରେ ପହଞ୍ଚିଛି। ବାକି ଚାଷ ଜମିରେ ଚାଷୀ ହାଡ଼ଭଙ୍ଗା ପରିଶ୍ରମ କରୁଥିବାବେଳେ ପ୍ରଦୂଷଣ ଯୋଗୁ କ୍ଷତି ଆଶଙ୍କାରେ ଦିନ କାଟୁଛନ୍ତି। କେତେଜଣ ଯୁବକ କମ୍ପାନୀଗୁଡିକରେ କାମ କରି ସେମାନଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି ସତ, ମାତ୍ର ପ୍ରତିବଦଳରେ ଚାଷ ଜମି ଉଜୁଡି ଯାଇଥିବା ଆନ୍ଦୋଳନକାରୀମାନେ ମତବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ ଗ୍ରାମବାସୀ ବିଭିନ୍ନ ମୌଳିକ ସମସ୍ୟା ଘେରରେ ଛନ୍ଦିହୋଇ ପଡ଼ିଛନ୍ତି। ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ନଦୀ କୂଳରେ ରହିଥିଲେ ହେଁ ଜଳସେଚନ ସୁବିଧା ପାଇନାହାନ୍ତି। ହେଲେ ସେହି ନଦୀଜଳ ଶିଳ୍ପକୁ ଯାଉଛି। କଳକାରଖାନାଗୁଡିକରୁ ନିର୍ଗତ ଧୂଳି ଧୂଆଁ ଚାଷ ଜମିରେ ପଡୁଥିବାରୁ ପନିପରିବା ଚାଷ ଉଜୁଡିଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବା ଚାଷ କରି ଭଲ ଦୁଇପଇସା ଉପାର୍ଜନ କରୁଥିଲେ। ହେଲେ ଆଜି ସେହିସବୁ କାହାଣୀ ହୋଇ ରହିଯାଇଛି। ବ୍ରାହ୍ମଣୀ ନଦୀରେ ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିଲେ ହେଁ ଚାଷ ଜମିକୁ ଆବଶ୍ୟକ ପରିମାଣରେ ପାଣି ପହଞ୍ଚି ପାରୁନାହିଁ। ତେଣୁ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ନ କରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଆନ୍ଦୋଳନକାରୀମାନେ ପ୍ରସ୍ତାବ ଦେଇଛନ୍ତି।

# ବିଦ୍ୟାଳୟ ପ୍ରବେଶପଥ ଅବରୋଧ ହଟାଇବା ଦାବି


ବିଦ୍ୟାଳୟ ମୁଖ୍ୟ ପ୍ରବେଶପଥରେ ତାରବାଡ଼ ଯୋଗୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ରାସ୍ତାରେ ଧାରଣା ଦେଇଛନ୍ତି।

## ଧାରଣାରେ ବସିଲେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ

ଯାଜପୁର ସଦର/ ଯାଜପୁର ଟାଉନ, ୧।୧୨ (ସମର ବିଜୟ ଶରଣ/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ ଅନ୍ତର୍ଗତ ସାହାସପୁର ପଞ୍ଚାୟତର ହନୁମାନ ଜୀଉ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ପ୍ରବେଶପଥ ଅବରୋଧ ହଟାଇବା ଦାବିରେ ବିଦ୍ୟାଳୟର ନବମ ଶ୍ରେଣୀ ଓ ଦଶମ ଶ୍ରେଣୀର ୧୨୩ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟ ସମ୍ମୁଖରେ ସୋମବାର ଧାରଣାରେ ବସିଛନ୍ତି।

ଏହିବିଦ୍ୟାଳୟ ୧୯୮୨ ସ୍ଥାପିତ ହୋଇଥିଲା। ପୂର୍ବ ସରକାରଙ୍କ ୫-ଟିରେ ଅନ୍ତର୍ଭୁକ୍ତ ହୋଇ ବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ପାଚେରି ଓ ମୁଖ୍ୟ ପ୍ରବେଶ ପଥ ନିର୍ମାଣ ହେଉଥିଲା। ନଭେମ୍ବର ୩୦ ଅପରାହ୍ନ ୪ଟାରେ ସେହି ଗ୍ରାମର କେତେଜଣ ଲୋକ ଏହି ଜମିର ମାଲିକ ବୋଲି ପରିଚୟ ଦେଇ ବିଦ୍ୟାଳୟକୁ ଯିବାଆସିବା ରାସ୍ତା ଉପରେ ସିମେଣ୍ଟ ଖୁଣ୍ଟି ପୋତି କଣ୍ଟା ତାରବାଡ ବୁଲାଇ ପ୍ରବେଶ ପଥକୁ ଅବରୋଧ କରିଥିଲେ। ସୋମବାର ସକାଳ ୧୦ ଟାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟ ମଧ୍ୟକୁ ଯାଇ ନ ପାରିବାରୁ ବାଧ୍ୟ ହୋଇ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଏ ବିଷୟରେ ପଚାରିବାରୁ ଗତ ୭।୫।୨୦୨୨ରେ ରାଜସ୍ୱ ବିଭାଗ ପକ୍ଷରୁ ସାହାସପୁର ମୌଜାର ଖତିଆନ କ୍ରମିକ ନମ୍ବର ୬୪୫/୭୪ ପ୍ଲଟ ନଂ. ୩୧୯/୨୮୩୩,୩୧୯/୨୮୩୪ ନଂ. ରେ ଥିବା ଏ୦-୦୮ ଡିସିମିଲ ଜମି ସ୍କୁଲ ଓ ଗଣଶିକ୍ଷା ବିଭାଗ ମାର୍ଫତ ହେଡ ମାଷ୍ଟର, ହନୁମାନ ଜୀଉ ଉଚ୍ଚ ବିଦ୍ୟାଳୟ ନାମରେ ଉକ୍ତ ଜମିର ପଟ୍ଟା ମିଳିଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଘଟଣାସ୍ଥଳରେ ଉତ୍ତେଜନା ଆଶଙ୍କା କରି ସଦର ଥାନା ପକ୍ଷରୁ ଇନ୍ସପେକ୍ଟର ମହମ୍ମଦ ସୁରଜ୍, ଏଏସ୍ଆଇ ମନୋରଞ୍ଜନ ନାୟକ, ରଞ୍ଜିତା ମହାରଣା, ସୁଶାନ୍ତ କୁମାର ଦାଶ, ସୁମନ୍ତ କୁମାର ସାମନ୍ତରା ଉପସ୍ଥିତ ରହି ବୁଝାଶୁଝା କରି ଅପରାହ୍ନ ୨ଟାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଧାରଣାରୁ ବିରତ କରାଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାହୁ ସଦର ଥାନାରେ ଏକ ଏତଲା ଦେଇଛନ୍ତି। ଏତଲା ଅଧାରରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଯାଜପୁର ଟାଉନ,୧।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜୈନକା ନାବାଳିକାଙ୍କୁ ବଳାତ୍କାର କରିବା ମାମଲା ସୋମବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଜିତ ପଲାଇ ୧୯ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଅଭିଯୁକ୍ତ ଚନ୍ଦନ ମାଝୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ନେଇ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପାଣିକୋଇଲି ଥାନା ବଡ଼ ବିରୁଆଁ ଅଞ୍ଚଳର ଚନ୍ଦନ ମାଝୀ(୨୨) ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ପରିବାର ଲୋକଙ୍କ ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ଏ ନେଇ ନାବାଳିକା ପରିବାର ଲୋକଙ୍କୁ କହିବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଅଭିଯୁକ୍ତ ଚନ୍ଦନ ଓ ତାଙ୍କ ବାପାଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଚନ୍ଦନ ନାବାଳିକାଙ୍କୁ ଡାକି ପୁନର୍ବାର ବଳାତ୍କାର କରିଥିଲେ। ଏହି ବଳାତ୍କାର ସମୟରେ ଗାଁର କେତେଜଣ ବ୍ୟକ୍ତି ଦେଖି ପରିବାର ଲୋକଙ୍କୁ କହିବାରୁ ୨୦୨୨ ଏପ୍ରିଲ ୨୫ରେ ଗ୍ରାମବାସୀ ଉପସ୍ଥିତ ହୋଇ ଅଭିଯୁକ୍ତ ଚନ୍ଦନଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରିବା ସହ ନାବାଳିକାଙ୍କୁ ବିବାହ କରିବା ପାଇଁ କହିଥିଲେ। ଝିଅର ବୟସ ହେଲେ ବିବାହ କରାଯିବ ବୋଲି ଚନ୍ଦନଙ୍କ ବାପା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ସେ ନ କରି ପୁଅଙ୍କ ବିବାହ ଘର ଅନ୍ୟତ୍ର କରାଇବାକୁ ଯୋଜନା କରୁଥିବାବେଳେ ପୀଡ଼ିତାଙ୍କ ମା' ସେହିଦିନ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୯୧/୨୨ରେ ବଳାତ୍କାର ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ବ୍ଲାକମେଲିଂ ଘଟଣା, ଯୁବକ କୋର୍ଟ ଚାଲାଣ

ରାଜକନିକା,୧।୧୨(ସଞ୍ଜୟ କୁମାର ଦାଶ):

୨୦୨୪ରୁ ଜଣେ ନାବାଳିକା ସହ ପ୍ରେମ ସମ୍ପର୍କ ରଖି ତାଙ୍କୁ ବ୍ଲାକମେଲିଂ କରିବା ଘଟଣାରେ ଯୁବକ ପ୍ରଦୀପ୍ତ ସେନାପତିଙ୍କୁ ରାଜକନିକା ପୋଲିସ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜକନିକା ଥାନା ଅଞ୍ଚଳରେ ମାମୁଘରେ ରହି ପଢୁଥିବା ଜଣେ ନାବାଳିକାଙ୍କୁ ପ୍ରଦୀପ୍ତ ଭଲପାଇବା ପ୍ରଲୋଭନ ଦେଖାଇ ତାଙ୍କଠାରୁ ଭିନ୍ନ ଭିନ୍ନ ସମୟରେ ଟଙ୍କା ଧାର ନେବା, ଅଧିକରୁ ଅଧିକ ଟଙ୍କା ମାଗିବା ଏବଂ ନାବାଳିକାଙ୍କର ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ଆଦି ଧମକ ଦେବାକୁ ନେଇ ନଭେମ୍ବର ୩୦ରେ ନାବାଳିକା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯୁବକଙ୍କୁ ରାଜକନିକା ପୋଲିସ ଅଟକ ରଖି ତଦନ୍ତ ଚଲାଇଥିଲା। ପୋଲିସ ନଂ. ୫୯୩/୨୫ରେ ମାମଲା ରୁଜୁକରି ଯୁବକଙ୍କୁ କୋର୍ଟ ଚାଲାଣ କରିଛି।

# ଜମିରେ ଚାଷୀଙ୍କ ମୃତ୍ୟୁ

ଧର୍ମଶାଳା,୧।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଗୋଉଡ଼ତଳି ଗ୍ରାମର ଜଣେ ଚାଷୀ ଧାନବିଲକୁ ଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଛି। ଗୋଉଡ଼ତଳିର ଭୁବନ ମହାରଣା (୭୦) ରବିବାର ଅପରାହ୍ନରେ ନିକଟସ୍ଥ ଚାଷ ବିଲକୁ ଯାଇଥିବା ବେଳେ ସେଠାରେ ପଡ଼ି ରହିଥିଲେ। ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ବିଲରେ ମୁହଁମାଡ଼ି ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ଜଣେ କୀର୍ତ୍ତନ ପ୍ରେମୀ ଥିଲେ। ସ୍ଥାନୀୟ ଅଞ୍ଚଳର ଅଷ୍ଟପ୍ରହରୀ ଓ ଧାର୍ମିକ ଅନୁଷ୍ଠାନରେ ସେ ଯୋଗଦେଇ କୀର୍ତ୍ତନ ପରିବେଷଣ କରୁଥିଲେ। ମୃତ୍ୟୁ ଖବର ଜଣାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନାଟକ 'ପତି, ପତ୍ନୀ, ପୋଲିସ ଓ ପ୍ରେତ' ମଞ୍ଚସ୍ଥ


ନାଟକର ଏକ ଦୃଶ୍ୟରେ କଳାକାରମାନେ।

## ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ

ପାରାଦୀପ, ୧।୧୨(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରାଧିକରଣର ସାଂସ୍କୃତିକ ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନଠାରେ ଆୟୋଜିତ ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଦର ପ୍ରଶାସନିକ ବିଭାଗର କର୍ମଚାରୀମାନେ ଡା. ରାଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ ଦିଲୀପ ବଳବନ୍ତରାୟଙ୍କ ଲିଖିତ ନାଟକ 'ପତି, ପତ୍ନୀ, ପୋଲିସ ଓ ପ୍ରେତ' ମଞ୍ଚସ୍ଥ କରିଥିଲେ। ଅନ୍ଧକାର ଯେତେ ଘନୀଭୂତ ହେଲେ ମଧ୍ୟ ସୂର୍ଯ୍ୟ ଉଦୟକୁ ଅଟକାଇ ପାରେ ନାହିଁ। ଠିକ୍ ସେମିତି ଅପରାଧୀ ଯେତେ ଚତୁର ହେଲେ ବି ଆଇନର ଲମ୍ବା ହାତରୁ ଖସି ଯାଇପାରେ ନାହିଁ। ହିଂସା ଓ ଅପରାଧ କେବେ ସମାଧାନର ବାଟ ନୁହେଁ। କ୍ଷଣିକ ଆବେଗ କିମ୍ବା ସ୍ୱାର୍ଥ ପାଇଁ କରାଯାଇଥିବା ଭୁଲ୍ ଗୋଟିଏ ସୁନ୍ଦର ଜୀବନକୁ ତ ନଷ୍ଟ କରେ ତା' ସହ ପୂରା ପରିବାର ଏବଂ ସମାଜକୁ ଅନ୍ଧକାର ମଧ୍ୟକୁ ଠେଲି ଦିଏ। ତେଣୁ ଆସନ୍ତୁ ଆମେ ସମସ୍ତେ ସଜାଗ ହେବା। ଏକ ଅପରାଧମୁକ୍ତ, ଭୟମୁକ୍ତ ଏବଂ ସୁସ୍ଥ ସମାଜ ଗଠନ କରିବାରେ ନିଜର ଯୋଗଦାନ ଦେବା। ଏହା ହିଁ ଥିଲା ନାଟକର ବାର୍ତ୍ତା। ନାଟକରେ ସମୀର ସ୍ୱାଇଁ, ରାଜଲକ୍ଷ୍ମୀ ପଟ୍ଟନାୟକ, ସମୀର ମହାପାତ୍ର, ଶ୍ରଦ୍ଧାଞ୍ଜଳି ରାଉତରାୟ, ପ୍ରକାଶ ନାୟକ, ମହେନ୍ଦ୍ର ନାୟକ, ଜନ କଲ୍ୟାଣ ମାଝୀ, ଜ୍ୟୋତି ଦାସ, ପ୍ରକାଶ ରାଉତ, ହେନା ଭୂୟାଁ, ଉଷାନ୍ତ ମହାନ୍ତି, ତପନ ପାତ୍ର ଆଦି କଳାକାରମାନେ ଅଭିନୟ କରିଥିଲେ।

# ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଝିପିଝିପି ବର୍ଷା: ଚିନ୍ତାରେ ଚାଷୀ

ପଟ୍ଟାମୁଣ୍ଡାଇ, ୧।୧୨ (କଳ୍ପତରୁ ନାୟକ) :



କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସୋମବାର ପାଣିପାଗରେ ପରିବର୍ତ୍ତନ ଘଟିଛି। କେଉଁ କେଉଁ ସ୍ଥାନରେ ସଂନ୍ଧ୍ୟାରେ ଝିପିଝିପି ବର୍ଷା ଲାଗି ରହିଥିବା ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ଦିନରେ କୋହଲା ଓ ମେଘୁଆ ପାଗ ଯୋଗୁ ଶୀତ ଦ୍ୱିଗୁଣିତ ହୋଇଛି। ସର୍ବନିମ୍ନ ତାପମାତ୍ରା ପାଖାପାଖି ୨୨ ଡିଗ୍ରୀ ଥିବା ଜଣାପଡ଼ିଛି। ହଠାତ୍ କାଉଁଳିଆ ପାଗ ସହିତ ଝିପିଝିପି ବର୍ଷା ଯୋଗୁ ଉଡିକଣ ସମେତ ଅନେକ ଭେଡାର ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବର୍ତ୍ତମାନ ଧାନକଟା ଚାଲିଥିବା ବେଳେ ଅନେକ ଚାଷୀଙ୍କ କ୍ଷେତରେ ଧାନ ପଡ଼ିଛି, ଅମଳ ତ୍ସରିନାହିଁ। ଫଳରେ କ୍ଷେତରୁ ସୁରକ୍ଷିତ ସ୍ଥାନକୁ ଚାଷୀ ଅମଳ ଧାନବିଡ଼ାକୁ ନେବାକୁ ଉଦ୍ୟମ କରୁଛନ୍ତି। ହଠାତ ଝିପିଝିପି ବର୍ଷା ଯୋଗୁ ଚାଷୀକୂଳ ପ୍ରଭାବିତ ହୋଇଥିବା ଜଣାପଡ଼ିଛି ବୋଲି କୃଷକମାନେ କହିଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁଃଖର କଥା ପ୍ରାକୃତିକ ବିପର୍ଯ୍ୟୟ ଏହି ଅଞ୍ଚଳବାସୀଙ୍କ ମେରୁଦଣ୍ଡ ଭାଙ୍ଗି ସାରିଲାଣି। ଅଧିକାଂଶ ବର୍ଷ ବାତ୍ୟା, ବନ୍ୟା ଓ ପ୍ରବଳ ବର୍ଷା ଯୋଗୁ ଚାଷ କ୍ଷତିଗ୍ରସ୍ତ ହେଉଛି। ଚଳିତବର୍ଷ ବାରମ୍ବାର ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ଫଳରେ ବିଭିନ୍ନ ଫସଲ ସମୂଳେ ନଷ୍ଟ ହୋଇଯାଇଥିଲା। ପ୍ରାୟ ୪ ଥର ବନ୍ୟା ପରେ ଚାଷୀମାନେ ଟିକେ ନିଃଶ୍ୱାସ ମାରିଥିଲେ। ବନ୍ୟା ପରେ ବହୁ ଆଶା ଭରସା ନେଇ ଚାଷୀମାନେ ଧାନ ଚାଷ କରିଛନ୍ତି। ଗତ ବାତ୍ୟା ମୋନ୍ଥାକୁ ନେଇ ଚାଷୀ ଛାନିଆ ହୋଇଥିବା ବେଳେ ସାମାନ୍ୟ ବର୍ଷାରେ ସେପରି କୌଣସି ପ୍ରଭାବ ପଡିନଥିଲା। ସମ୍ପ୍ରତି ଜାତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ ଦିତୱା ଏବେ ଉପକୂଳ ସ୍ଥଳଭାଗ ଆଡକୁ ଗତି କରୁଥିବା ବେଳେ ଗଭୀର ଡିପ୍ରେସନରେ ପରିଣତ ହୋଇଛି। ଏ ନେଇ ଉପକୂଳ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ କେତେକ ସ୍ଥାନରେ ଝିପି ଝିପି ବର୍ଷା ଅନୁଭୂତ ହେଇଛି। କେତେଜଣ ଚାଷୀ ଧାନ କାଟି ବିଲରେ ପକାଇ ଥିବା ବେଳେ ଆଉ କେତେକ ବର୍ଷା ଭୟରେ ଓଦା ଧାନ ମେଶିନ ଦ୍ୱାରା କାଟି ଘରକୁ ନେଇ ଆସୁଛନ୍ତି। ବିଲରେ ଅନେକ ଧାନ କଟା ହୋଇପଡିଛି। ଗଛ ଓଦା ହୋଇଗଲେ ଧାନ ଗଜା ହୋଇଯିବା ସମ୍ଭାବନା ରହିଛି। ଚଳିତ ଖରିପ୍ ଋତୁରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୧,୩୦୦ ହେକ୍ଟରରେ ଧାନ ଚାଷ ହୋଇଥିବା ନେଇ କୃଷି ବିଭାଗରୁ ଜଣାପଡିଛି। ବର୍ଷା ପବନ ହେଲେ ପାଚିଲା ଧାନ ଗଛ ପାଣିରେ ଶୋଇ ଗଜା ହୋଇଯିବ ବୋଲି ଚାଷୀ ବିଜୟ ଦାସ, କୁଞ୍ଜବିହାରି ନାୟକ, ରଞ୍ଜିତ ପ୍ରଧାନ, ନରେଶ ଜେନା ଓ ଶୁସାନ୍ତ ସାମଲ ପ୍ରମୁଖ କୁହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଭାସ


@ ଆଶିଷ


@ ବିଦ୍ୟାଭୂଷଣ


@ ଦୀପକ


@ ଶୈଳେନ୍ଦ୍ର


@ ସୁଶିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖୋଲିନି ଧାନମଣ୍ଡି | ଦଲାଲ, ବେପାରୀଙ୍କ ଫାଶରେ ଚାଷୀ

## ଡିସେମ୍ବର ୨୯ରେ ଧାନକିଣା

ନୟାଗଡ,୧।୧୨(ଲୋକନାଥ ମିଶ୍ର)

ନୟାଗଡ ଜିଲାରେ ଧାନ କଟାଯାଇ ଅମଳ ଆରମ୍ଭ ହୋଇଛି । ହେଲେ ପ୍ରଶାସନ ପକ୍ଷରୁ ଏଯାବତ ମଣ୍ଡି ଖୋଲି ନାହିଁ । ଅନ୍ୟପକ୍ଷେ ଲଘୁଚାପଜନିତ ବର୍ଷା ଯଦିବା ଜୋରରେ ହୋଇନି ତେବେ କଟା ଯାଇଥିବା ଧାନ ପାଇଁ ବିପଦ ଦେଖାଦେଇଛି। ଆକାଶରେ ମେଘଖଣ୍ଡ ଓ ବର୍ଷାର ଆଭାସକୁ ଦେଖି ଚାଷୀ ଭୟଭୀତ ହେଲାଣି । ନୟାଗଡ ଜିଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବସି ଡିସେମ୍ବର ୨୯ରେ ଧାନ କିଣିବାକୁ ନିଷ୍ପତ୍ତି ନେଇଥିବା ବେଳେ ଚାଷୀ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇ ବିକ୍ରି କରିବା ଆରମ୍ଭ କରଥିବା ଦେଖିବାକୁ ମିଳିଲାଣି। ଜିଲାରେ ୧୫୩ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ରେ ୧୬୯ ଧାନ କ୍ରୟକେନ୍ଦ୍ର ଖୋଲିବାର ବ୍ୟବସ୍ଥା ହୋଇଛି । ଧାନ ବିକ୍ରି ପାଇଁ ୫୭ ହଜାର ୯୭୨ ଚାଷୀ ନାଁ ପଞ୍ଜୀକରଣ କରିଥିବା ବେଳେ ଧାନ କ୍ରୟ ନିମନ୍ତେ ୧୫ଜଣ ମିଲର ପଞ୍ଜୀକରଣ କରିଛନ୍ତି। ଧାନ କୁଇଣ୍ଟାଲ ପିଛା ୩୧୦୦ରେ ଚାଷୀମାନଙ୍କଠାରୁ କ୍ରୟ କରାଯିବ । ତେବେ ଧାନର ଦର ଅଧିକ ଥିଲେ ହେଁ ଚାଷୀ ଦଲାଲ ଓ ବେପାରୀଙ୍କ ଫାଶରେ ପଡି କୁଇଣ୍ଟାଲ ପିଛା ୨ରୁ ଅଢ଼େଇ ହଜାର ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଲାଣି ।

ପ୍ରକାଶ ଯେ, ମଣ୍ଡି ଖୋଲି ନ ଥିବାରୁ ଚାଷୀ ଧାନ ବିକ୍ରି କରି ପାରିନାହିଁ । ଏଣୁ ବେପାରୀ ଓ ଦଲାଲଙ୍କୁ ଧାନ ବିକୁଛି । ଚାଷୀ ୨ ରୁ ଅଢ଼େଇ ହଜାର ଟଙ୍କାରେ ଧାନ ବିକି ପରେ ପ୍ରଶ୍ନ ଉଠିଛି ପ୍ରଶାସନ ଧାନ ମଣ୍ଡି ଖୋଲିବାରେ କାହିଁକି ବିଳମ୍ବ କରୁଛନ୍ତି । ଯଦି ଡିସେମ୍ବର ୨୯ରେ ମଣ୍ଡି ଖୋଲେ ତେବେ ଚାଷୀ ପୁଣି କ୍ଷତିଗ୍ରସ୍ତ ହେବେ । କାରଣ କିଛି ଦିନ ହେଲା ନୟାଗଡ ଜିଲାରେ ଆକାଶରେ ମେଘଖଣ୍ଡ ଭାସୁଛି। ପୁଣି ବିଭିନ୍ନ ଗାଁ ଓ ସହରରେ ସାମାନ୍ୟ ବର୍ଷା ଅନୁଭୂତ ହେଲାଣି । ବର୍ଷାକୁ ଦେଖି ଚାଷୀ ଧାନ କାଟି ପାରୁନାହିଁ । କିଛି ଚାଷୀ ଧାନ କାଟି ଜମିରେ ପକାଇ ଦେଇଛି। ଜମିରେ ଧାନ ଅମଳ କରୁଥିବାରୁ ଚାଷୀର ଚିନ୍ତା ଧାନକୁ କିପରି ଘୋଡାଇ ରଖିବ।

ଏନେଇ ଖଣ୍ଡପଡାର ଚାଷୀ ଶରତ ଚନ୍ଦ୍ର ନାୟକ କୁହନ୍ତି, ଅମଳ ସମୟରେ ବର୍ଷାର ଭୟ ଗତ ବର୍ଷ ପରି ଚିନ୍ତାର କାରଣ ହୋଇଛି। କେତେଜଣ ଚାଷୀ ଅମଳ ଧାନକୁ ଘରେ ରଖିବାକୁ ନିରାପଦ ମନେ କରୁନାହାନ୍ତି । ଏଣୁ ଚାଷୀ ୨ ହଜାରରୁ ଅଢ଼େଇ ଶହ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି ବୋଲି କହିଥିଲେ। ନୟାଗଡ ଚାଷୀ ଚିରଞ୍ଜୀବୀ ପ୍ରଧାନ କୁହନ୍ତି, ବିଲରେ ପାଚିଲା ଧାନ କାଟିବାକୁ ହୋଇଥିଲେ ହେଁ କଟାଯାଇ ପାରୁନି । ଗତ ବର୍ଷ ଅଦିନିଆ ବର୍ଷର ଭୟ, ଆକାଶରେ ମେଘଖଣ୍ଡ ଓ ବର୍ଷାକୁ ଭୟ କରି ମୋ ପରି ଚାଷୀ ଧାନକାଟି ପାରୁନି । କେତେକ ସ୍ଥାନରେ ଚାଷୀ ଧାନକାଟି ଜମିରେ ପକାଇଛି । ବର୍ଷା ହେଲେ ଧାନ ନଷ୍ଟ ହୋଇଯିବ ।

## ଧାନକିଣା ବିଳମ୍ବକୁ କଂଗ୍ରେସର ବିରୋଧ

ଧାନକିଣାରେ ବିଳମ୍ବକୁ ନେଇ କଂଗ୍ରେସ ପ୍ରତିବାଦ କରି ଜିଲାପାଳଙ୍କୁ ଭେଟି ଶୀଘ୍ର କିଣିବାକୁ ଦାବି କରିଛି । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ନୟାଗଡ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ବରିଷ୍ଠ କଂଗ୍ରେସ ନେତା ସୁକାନ୍ତ ଶତପଥୀ, ଲଡୁକେଶ୍ୱର ଷଡଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଶାନ୍ତ, ଚାଷୀ ନେତା ଅଧିକାରୀ ମହାରଣା ଓ ଭଗବାନ ମଲ୍ଲିକ ପ୍ରମୁଖ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିଥିଲେ। କଂଗ୍ରେସର ଅଭିଯୋଗ ଅନୁସାରେ ଗତ ବର୍ଷ ଡିସେମ୍ବର ୨୭ରେ ଧାନକିଣା ଆରମ୍ଭ ହୋଇଥିଲେ ହେଁ ୧ରୁ ଦେଢ଼ ମାସ ପର୍ଯ୍ୟନ୍ତ ମିଲର ମଣ୍ଡିକୁ ଯାଇ ଧାନ କିଣିଲେ ନାହିଁ । ଜିଲାବ୍ୟାପୀ ଚାଷୀ ମଣ୍ଡିରେ ଧାନ ରଖି ହଇରାଣ ହୋଇଥିଲେ । ଏଣୁ ଡେରିରେ ଧାନ କିଣା ଆରମ୍ଭ ହେଲେ ଚାଷୀ ହଇରାଣ ହିଁ ହଇରାଣ ହେବେ। ମିଲର ଏହାର ଫାଇଦା ନେବ । ବ୍ୟବସାୟୀ ପଠାଇ ବିଲରୁ ଧାନ କିଣିବ । କିଛି ମାତ୍ରାରେ ଧାନ କିଣା ଆରମ୍ଭ ହେଲାଣି । ତେବେ ଜିଲା ଧାନ କିଣା ବୈଠକରେ ଲୋକ ପ୍ରତିନିଧିମାନେ ଚାଷୀ ବିରୋଧୀ ନିଷ୍ପତ୍ତି ନେବାର ଅସଲ ଉଦ୍ଦେଶ୍ୟ କ'ଣ ବୋଲି କଂଗ୍ରେସ ଜିଲା ସଭାପତି ପ୍ରଶ୍ନ କରିଛନ୍ତି । ଧାନ ଡେରିରେ କିଣା ନିଷ୍ପତ୍ତି ପ୍ରତ୍ୟାହାର କରି ତୁରନ୍ତ ଧାନ କିଣାଯାଉ । ପୁଣି କଟ୍‌ନୀ ଛଟ୍‌ନୀକୁ ବନ୍ଦ କରାଯାଉ। ଗତ ବର୍ଷ କୁଇଣ୍ଟାଲ ପିଛା ୧୦ରୁ ୧୨ କେଜି ଧାନ କଟ୍‌ନୀ ଛଟ୍‌ନୀ ହୋଇଥିଲା । ଚଳିତ ବର୍ଷ କଟ୍‌ନୀ ଛଟ୍‌ନୀ ବନ୍ଦ ଓ ଶୀଘ୍ର ଧାନ କିଣା ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଉଦ୍ୟମ କରିଛି ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ଦାଦାପୁଅ ଭାଇ

ଗଣିଆ, ୧।୧୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ଅନ୍ତର୍ଗତ କାଦୁଆ ଗ୍ରାମର ଜଣେ ଯୁବକଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ମୃତକ ହେଲେ ବିଶ୍ୱଜିତ ବାରିକି (ଦିଲ୍ଲୁ) (୩୦)। ସୂଚନା ଅନୁସାରେ ବିଶ୍ୱଜିତ ଗତ ଶନିବାର ବାଇକ୍ ଯୋଗେ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ପାଳଗଦାରେ ପିଟି ହୋଇଥିଲେ। ସେଠାରେ ଖଣ୍ଡିଆ ଖାବରା ହେବା ସହିତ ମୁଣ୍ଡର ପଛ ପାଖ ମାଡ଼ ହୋଇ ଫୁଲି ଯାଇଥିଲା। ସନ୍ଧ୍ୟାରେ ତାଙ୍କ ପରିବାର ଲୋକ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ଘରକୁ ନେଇ ଯାଇଥିଲେ । ରବିବାର ଅପରାହ୍ନରେ ତାଙ୍କର ବାନ୍ତି ହୋଇଥିଲା। ପରିବାର ଲୋକେ ବିଶ୍ୱଜିତଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣାସ୍ଥଳରେ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ଯୁବକଙ୍କର ମୃତ୍ୟୁର କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି । ପ୍ରକାଶ ଯେ, ବିଶ୍ୱଜିତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଠିକ୍ ଚିକିତ୍ସା ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ମୃତକଙ୍କ ଦାଦା ପୁଅ ବିଶ୍ୱଜିତଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୧୬୨/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଏମ୍‌ପିଙ୍କ ମଣ୍ଡଳସ୍ତରୀୟ ଖେଳ ମହୋତ୍ସବ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳରେ ଭାଗ ନେଇଥିବା ପ୍ରତିଯୋଗୀ ।

ଗଣିଆ,୧।୧୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆସ୍ଥିତ ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାପୀଠରେ ସୋମବାର ଏମ୍‌ପିଙ୍କ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏମ୍‌ପିଙ୍କ ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କର ଯୋଗଦେଇ ଖେଳ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣିଆ ମଣ୍ଡଳ ଭାଜପା ସଭାପତି ମହାବୀର ମିଶ୍ର, ସାମାଜକକର୍ମୀ ବିଭୂତି ଭୂଷଣ ପଣ୍ଡା, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ନୀହାରବାଳା ରାଉତ ଓ ଖେଳ ସଂଯୋଜକ ସୁଭ୍ରଜିତ୍ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀର ପ୍ରଥମ ଦିବସରେ ଖୋଖୋ, ଚେସ୍ ଓ ପୁଚିଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ଅଂଶଗ୍ରହଣ କରିବା ପାଇଁ ପଞ୍ଜୀକୃତ ପ୍ରତିଯୋଗୀଙ୍କୁ ଦୁଇଟି ବର୍ଗରେ ଯଥା ୧୬ ବର୍ଷରୁ କମ୍‌ଙ୍କୁ କନିଷ୍ଠ ଓ ୧୬ବର୍ଷରୁ ଅଧିକଙ୍କୁ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇ ଖେଳ ପ୍ରତିଯୋଗିତା କରାଯାଇଥିଲା। ଆୟୋଜିତ ଖେଳକୁ ଖେଳ ଶିକ୍ଷକ ବିକାଶ କୁମାର ମଲ୍ଲ ପରିଚାଳନା କରିଥିଲେ। ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଯୋଗିତା ପାଇଁ ଚେସ୍‌ଖେଳ କନିଷ୍ଠ ବିଭାଗରେ ୨ଜଣ ପୁଅ ଓ ୨ଜଣ ଝିଅ, ବରିଷ୍ଠ ବିଭାଗରେ ୨ଜଣ ପୁଅ ମନୋନୀତ ହୋଇଛନ୍ତି ।

ସେହିପରି ପୁଚିରେ ୩ ଜଣ ଓ ଖୋଖୋ କନିଷ୍ଠ ବିଭଗର ପୁଅ ଗୋଟିଏ ଟିମ୍, ଝିଅ ଗୋଟିଏ ଟିମ୍ ଓ ବରିଷ୍ଠ ବିଭାଗର ପୁଅ ଗୋଟିଏ ଟିମ୍ ମୋନୋନୀତ ହୋଇଛନ୍ତି। ପ୍ରଥମ ଦିନର ପ୍ରତିଯୋଗିତା ପାଇଁ ୯୮ ଉଭୟ ପୁଅ ଓ ଝିଅ ପ୍ରତିଯୋଗୀ ପଞ୍ଜୀକରଣ କରିଥିଲେ। ପ୍ରତିଯୋଗିତା ଡିସେମ୍ବର ୪ପର୍ଯ୍ୟନ୍ତ ଚାଲିବ ବୋଲି ସଂଯୋଜକ ପଣ୍ଡା ସୂଚନା ଦେଇଛନ୍ତି।

# ଓଡ଼ଗାଁ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ



ବିଶ୍ୱ ଏଡ୍‌ସ ଦିବସ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

ଓଡଗାଁ,୧।୧୨(ଆଦର୍ଶ କୁମାର ପଟ୍ଟନାୟକ)

ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟ ଯୁଥ ରେଡକ୍ରସ୍,ଜାତୀୟ ସେବା ଯୋଜନା, ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଯୁଥ ରେଡ୍‌କ୍ରସ୍ ଜିଲା ସଂଯୋଜକ ନୀରୋଜ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ.ସୁକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଶିକ୍ଷା ବିଭାଗ ବିଭାଗ ମୁଖ୍ୟ ପ୍ରଦୀପ୍ତ କୁମାର ବିଶ୍ୱାଳ ଓ ବିଶିଷ୍ଟ ଅତିଥି ଅଧାପିକା ଡ. ସଂଯୁକ୍ତା ଦାସ ଓ ବିଜୟାଲକ୍ଷ୍ମୀ କହଁର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଏଡ୍‌ସ ରୋଗର ଉତ୍ପତ୍ତି ଓ ଭୟାବହତା ସମ୍ପର୍କରେ ମତ ଦେବା ସହ ସଂରକ୍ଷଣ ଓ ସଚେତନତା ମାଧ୍ୟମରେ ହିଁ ଏହି ମାରାତ୍ମକ ବ୍ୟାଧିରୁ ରକ୍ଷା ମିଳିପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶେଷରେ ଯୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସାପତ୍ର ବଣ୍ଟନ କରାଯାଇଥିଲା। ସୌମ୍ୟଶ୍ରୀ ଓଁ ପ୍ରକାଶ, ଜିତେନ୍ଦ୍ର କୁମାର ସାହୁ, ସୁନୀଲ କୁମାର ପଲେଇ ଓ ଦୁର୍ଗାନାରାୟଣ ସାହୁ ସହଯୋଗ କରିଥିଲେ।

# ଦଲକ, ରଙ୍ଗଣୀପାଟଣା କୋଠସାହିରୁ କଳାକନା ବୁଲାଇଲେ ଚୋର

ଓଡ଼ଗାଁ, ୧।୧୨(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଓଡ଼ଗାଁ ଏନ୍‌ଏସି ଦଲକ ୨ ଅଙ୍ଗନବାଡି କେନ୍ଦ୍ରରେ କେହି ଦୁର୍ବୃତ୍ତ ରୋଷେଇ ଘର କବାଟ ଭାଙ୍ଗି ଭିତରୁ ପସି ଗ୍ୟାସ୍ ଚୁଲା ସିଲିଣ୍ଡର,ପ୍ରେସର କୁକରଠାରୁ ଆରମ୍ଭକରି ଡଙ୍କି ଡେ଼କଚି ପର୍ଯ୍ୟନ୍ତ ସମସ୍ତ ରୋଷେଇ ସାମଗ୍ରୀ ସହିତ ଅବ୍ୟବହୃତ ଲୁହା କବାଟ ଚୋରି ହୋଇଥିବା ନେଇ ଅଙ୍ଗନୱାଡି କର୍ମୀ ସସ୍ମିତା ଚୌଧୁରୀ ଅଭିଯୋଗ କରିଛନ୍ତି। ସୋମବାର ସକାଳେ କେନ୍ଦ୍ର ଖୋଲିବା ବେଳେ ଚୋରି ସମ୍ପର୍କରେ ଜାଣାପଡ଼ିଥିଲା। ଘଟଣା ସମ୍ପର୍କରେ ଅଙ୍ଗନୱାଡ଼ି ୱାର୍କର ଯାଞ୍ଚ କମିଟି ସଦସ୍ୟଙ୍କୁ ଜଣାଇବା ପରେ,ସୁପରଭାଇଜର ଏବଂ ସିଡିପିଓଙ୍କୁ ଏନେଇ ଲିଖିତ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ହେଲେ କିଛି ଦିନ ପୂର୍ବରୁ କେନ୍ଦ୍ର ନିକଟସ୍ଥ ତଥା ସାଇ ମନ୍ଦିର ସମ୍ମୁଖରୁ ଜଣେ ଅସହାୟ ମହିଳା ଅନୁପସ୍ଥିତ ଥିବା ବେଳେ କୌଣସି

## ଓଡ଼ଗାଁ ଏନ୍‌ଏସି ୨ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ର




ଦୁର୍ବୃତ୍ତ ସମାନ ଢଙ୍ଗରେ ଗ୍ୟାସ୍ ସିଲିଣ୍ଡର ସହିତ ସମସ୍ତ ରୋଷେଇ ସାମଗ୍ରୀ ଚୋରି କରିଥିବା ନେଇ ଜଣାପଡିଥିଲା, ହେଲେ ଅସହାୟ ମହିଳା ଜଣକ ଭୟରେ କୌଣସି ଅଭିଯୋଗ କରିନଥିଲେ। ଅପରପକ୍ଷରେ ରଙ୍ଗଣିପାଟଣା କୋଠସାହିର ଶ୍ୟାମଘନ ସାହୁଙ୍କ ପରିବାର ଅନୁପସ୍ଥିତ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଭିତରେ ପଶି ଝିଅ ବାହାଘର ପାଇଁ ଥିବା ୩୫ ଗ୍ରାମ ସୁନା ଅଳଙ୍କାର ସହିତ କଂସା ପିତଳ ବାସନ, ଲୁଗାପଟା ଏବଂ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶରଣକୁଳ ଓ ଓଡ଼ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରି ସାମଗ୍ରୀ ଉଦ୍ଧାର ଏବଂ ଚୋରକୁ ଗିରଫ କରିବା ପର୍ଯ୍ୟନ୍ତ ତଦନ୍ତ ଚାଲୁ ରହିବ ବୋଲି ଥାନା ଅଧିକାରୀ ଅଭୟ କୁମାର ବେହେରା କହିଛନ୍ତି। ରାତିରେ ପେଟ୍ରୋଲିଂ କଡାକଡି କରିବାକୁ ଦାବି ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଭାସ



@ ଆଶିଷ



@ ବିଦ୍ୟାଭୂଷଣ



@ ଦୀପକ



@ ଶୈଳେନ୍ଦ୍ର



@ ସୁଶିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ ସଂଘ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭାପୁର, ୧।୧୨(ପ୍ରଭାତ ବରାଡ)

୨ ଦଫା ଦାବି ନେଇ ଡିସେମ୍ବର ୫ରୁ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ। ମୂଳ ପଦବୀକୁ ଉନ୍ନୀତ କରି ୪୨୦୦ ଗ୍ରେଡ ପେ' ପ୍ରଦାନ, ୨୦୦୧ରୁ ୨୦୨୪ ମସିହା ପର୍ଯ୍ୟନ୍ତ ୬ ବର୍ଷର କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ୬ଟି ନୋଶନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବି ପୂରଣ ପାଇଁ ମହାସଂଘ ଏହି ନିଷ୍ପତ୍ତି ନେଇଛି। ଡିସେମ୍ବର ୪ ସୁଦ୍ଧା ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ୫ରୁ ରାଜରାସ୍ତାରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ବିକ୍ଷୋଭ ପ୍ରଦର୍ଶନ କରିବେ। ଏଥିପାଇଁ ରାଜ୍ୟ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଯାହା ପରିସ୍ଥିତି ଉପୁଜିବ ସରକାର ଦାୟୀ ରହିବେ ବୋଲି ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀଣୀଙ୍କ ଜରିଆରେ ପ୍ରାଥମିକ ଶିକ୍ଷକ ସଂଘ ଦାବିପତ୍ର ଦେଇଥିଲେ। ବିଇଓ ନ ଥିବାରୁ ଅତିରିକ୍ତ ଶିକ୍ଷାଧିକାରୀ ସନ୍ତୋଷ କୁମାର କର୍ଣ୍ଣଙ୍କୁ ଦାବିପତ୍ର ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ଲେଙ୍କାଙ୍କ ନେତୃତ୍ୱରେ ସମ୍ପାଦକ ଲକ୍ଷ୍ମୀଧର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି କେଳୁଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଭଗବାନ ଶୁକ୍ଳ, ଉପଦେଷ୍ଟା ନିରଞ୍ଜନ ଦଳବେହେରା, ସୁରେନ୍ଦ୍ର କୁମାର ମହାରଣା,ସହ ସମ୍ପାଦକ ବିଜୟାଲକ୍ଷ୍ମୀ ପରିଡ଼ା ଓ ଯୁଗ୍ମ ସମ୍ପାଦକ ସରୋଜିନୀ ପଣ୍ଡାଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଦାବିପତ୍ର ଦେଇଥିଲେ।



ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅତିରିକ୍ତ ଶିକ୍ଷାଧିକାରୀ ସନ୍ତୋଷ କୁମାର କର୍ଣ୍ଣଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରଣପୁରରେ ଜାତି, ଶୋଷଣ ବିହୀନ ଦୁଇ ଆଦର୍ଶ ବିବାହ

ରଣପୁର, ୧।୧୨(ସୁକାନ୍ତ କିଶୋର ଡାକୁଆ)

ସମାଜରେ ସାମନ୍ତବାଦୀ ବିଚାର ଓ ମନୁଷ୍ୟ କୃତ ଜାତି ଶୋଷଣ ଯୋଗୁ ବହୁ ଅଘଟଣ ଓ ନିର୍ଯାତନାର ଶିକାର ହେଉଛନ୍ତି ବହୁ ବୋହୂ ନୀଚ ଜାତି ସମାଜର ବ୍ୟକ୍ତିମାନେ। ଉଚ୍ଚ ନୀଚ ଭେଦ ଭାବ ଯୋଗୁ ଜାତିରେ ଜନ୍ମ ଦୃଷ୍ଟିରୁ ନୀଚ ଜାତିର ବ୍ୟକ୍ତିମାନେ ଶାସ୍ତି ପାଉଥିଲା ବେଳେ ଉଚ୍ଚ ଜାତିର ବ୍ୟକ୍ତିମାନେ ପାରମ୍ପରିକ ନାମରେ କୁସଂସ୍କାର ଦୃଷ୍ଟିରୁ ଶୋଷଣ ଜାରି ରଖିଛନ୍ତି। ବହୁ ସମାଜ ସଂସ୍କାରକ ମଣିଷ ସମାଜରେ ଥିବା ଏହି ଭେଦ ଭାବକୁ ହଟେଇବା ପାଇଁ ସଂସ୍କାର ମୂଳକ ଆନ୍ଦୋଳନ ମଧ୍ୟ କରିଛନ୍ତି। ଜାତି ଓ ଶୋଷଣ ବିହୀନ ସମାଜ ପାଇଁ ବିଭିନ୍ନ ସମୟରେ ଦୀର୍ଘ ବର୍ଷ ହେଲା ପ୍ରୟାସ ଜାରି ରଖି ଥିବା ଗୋଟିମୁକ୍ତି ଅଭିଯାନ ଆବାହକ ସୁରେଶ ସ୍ୱାଇଁ ଓ ସଂଯୁକ୍ତା ସେଠୀଙ୍କ ଆନୁକୂଲ୍ୟରେ ଏକ ଆଦର୍ଶ ବିବାହ ନଭେମ୍ବର ୩୦ରେ ରଣପୁର ଗୋପୀମୋହନପୁରଠାରେ ଅନୁଷ୍ଠିତ କରାଇ ସମାଜକୁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ସୁରେଶଙ୍କ ପୁତୁରା ସର୍ବେଶ୍ୱର ସ୍ୱାଇଁ ଓ ପୁଷ୍ପଲତା ସ୍ୱାଇଁଙ୍କ ଜ୍ୟେଷ୍ଠ ପୁଅ ଲକ୍ଷ୍ମୀକାନ୍ତ ଜୟସିଂହ ସବର୍ଣ୍ଣ ଜାତିର ହୋଇଥିଲେ ମଧ୍ୟ ରାମଚନ୍ଦ୍ରପୁରର ଦଳିତ ଜାତିର ସଂଯୁକ୍ତା ସେଠୀ ଓ ପଙ୍କଜ ସେଠୀଙ୍କ କନିଷ୍ଠ କନ୍ୟା ଗୀତାଞ୍ଜଳିଙ୍କୁ ବିନା ବେଦିରେ ଓ ବିନା ଯୌତୁକରେ ସର୍ବ ସମ୍ମୁଖରେ ଫୁଲ ମାଳ ଦେଇ ଆଦର୍ଶ ଗତ ବିବାହ କରିଛନ୍ତି।

ସେହିଭଳି ସାନ ଭାଇ ସଂଗ୍ରାମ କେଶରୀ ଜୟସିଂହ ମଧ୍ୟ ନିଜ ଗ୍ରାମର ଝୁମ୍ପେଇ ବେୱାଙ୍କ ଝିଅ ଶୁଭଶ୍ରୀ ବେହେରାଙ୍କୁ ବିନା ଯୌତୁକରେ ନିଜସ୍ୱ ଖର୍ଚ୍ଚରେ ବିବାହ କରିଛନ୍ତି। ଏହି ବିବାହ ଉତ୍ସବରେ ବହୁ ସାମାଜିକକର୍ମୀ, ଖବରଦାତା,ରାଜନେତା, ଜନପ୍ରତିନିଧି, ଆଇନଜୀବୀ ଓ ଉଭୟ ପକ୍ଷର ବନ୍ଧୁ ବାନ୍ଧବ ଉପସ୍ଥିତ ରହି ସାମାଜିକ ସ୍ୱୀକୃତି ସହ ନବ ଦମ୍ପତିଙ୍କର ସଫଳତା କାମନା କରିଥିଲେ। ବିବାହ ଉତ୍ସବରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,ସିପିଏମ୍ ନେତା ବିଶ୍ୱନାଥ ମହାପାତ୍ର,ହରିଶ୍ଚନ୍ଦ୍ର ମିଶ୍ର, ସରୋଜ ନାୟକ ଓ ଦୁଃଶାସନ ଜେନା, କଂଗ୍ରେସ ନେତା ସତ୍ୟବ୍ରତ ନାୟକ, ଭାଜପା ନେତା ତଥା ସରପଞ୍ଚ ପଦ୍ମ ଚରଣ ମହାନ୍ତି, ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ବୃନ୍ଦାବନ ସାମନ୍ତରାୟ, ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ସୂର୍ଯ୍ୟମଣୀ ପ୍ରଧାନ, ସାମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶ୍ରମିକ ନେତା ଚାପଧାରୀ ରାଉତ, ମଗୁଲି ରାଉତ, ସୁଶୀଲ ମହାନ୍ତି, ଖବରଦାତା ମଧୁସୂଦନ ପରିଡ଼ା, ଚିରଞ୍ଜୀବ ଦାସ, ରଣଜିତ ସାହୁ ଓ ପ୍ରସନ୍ନ ସାମାନ୍ତରାୟ ପ୍ରମୁଖ ଯୋଗ ଦେଇ ନବ ଦମ୍ପତି ଙ୍କ ଶୁଭ ମାନାସୀ ଥିଲେ।



ରଣପୁର ଗୋପୀମୋହନପୁରଠାରେ ଅନୁଷ୍ଠିତ ଆଦର୍ଶ ବିବାହ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଢ଼ବର୍ଷରେ ଜେଲରୁ ୧୩ କଏଦୀ ଫେରାର

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

### ପୋଲିସ ହେପାଜତରୁ ଖସିପଳାଇଛନ୍ତି ୩୯ ଅଭିଯୁକ୍ତ

- ଏବେ ବି ୭ କଏଦୀଙ୍କ ପତ୍ତା ମିଳୁନାହିଁ
- ୮ କରିଛନ୍ତି ଆତ୍ମହତ୍ୟା

ରାଜ୍ୟରେ ଥିବା ଜେଲଗୁଡ଼ିକରେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ କଏଦୀମାନେ ଏହାର ଫାଇଦା ଉଠାଉଛନ୍ତି। ଏପରିକି ସେମାନେ ଅନେକ ଜେଲ କର୍ମଚାରୀଙ୍କୁ ହାତରେ ରଖି ଫେରାର ହେବାକୁ ଯୋଜନା କରୁଛନ୍ତି। ଗତ ଦେଢ଼ବର୍ଷରେ ରାଜ୍ୟର ବିଭିନ୍ନ ଜେଲରୁ ୧୩ ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୬ଜଣ ଧରାପଡ଼ିଥିବାବେଳେ ଏବେ ବି ପୋଲିସ ବିଭାଗ ୭ ଜଣଙ୍କ ପତ୍ତା ପାଇପାରିନାହିଁ। ସେହିପରି ବିଭିନ୍ନ ଥାନାରେ ପୋଲିସ ହେପାଜତରୁ ୩୯ ଜଣ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସୋମବାର ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ଜୁଲାଇ ୧ରୁ ଏ ପର୍ଯ୍ୟନ୍ତ ଖସିପଳାଇଥିବା କଏଦୀଙ୍କ ମଧ୍ୟରୁ ଚୌଦ୍ୱାର ମଣ୍ଡଳ କାରାଗାରରୁ ୨, ସମ୍ବଲପୁର ମଣ୍ଡଳ କାରାଗାରରୁ ଜଣେ, କେନ୍ଦୁଝର ଜିଲ୍ଲା କାରାଗାରରୁ ଜଣେ, ବାଲେଶ୍ୱର ଜିଲ୍ଲା କାରାଗାରରୁ ଜଣେ, ଭବାନୀପାଟଣା ଜିଲ୍ଲା କାରାଗାରରୁ ୨, ରାଉରକେଲା ସ୍ୱତନ୍ତ୍ର କାରାଗାରରୁ ଜଣେ, ପଦ୍ମପୁର ଉପକାରାଗାରରୁ ୨, ସୋର ଉପକାରାଗାରରୁ ଜଣେ ଏବଂ ଜାମୁଝରୀ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରୁ ୨ଜଣ କଏଦୀ ରହିଛନ୍ତି। ତେବେ ସମ୍ବଲପୁର, କେନ୍ଦୁଝର ଓ ବାଲେଶ୍ୱର ଜେଲରୁ ଖସିପଳାଇଥିବା ସମସ୍ତ ୩, ପଦ୍ମପୁର ସବ୍‌ଜେଲରୁ ୨ ଏବଂ ଭବାନୀପାଟଣା ଜେଲରୁ ଫେରାର ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ପୁଣି ଧରାଯାଇଛି। ଗତ ଦେଢ଼ବର୍ଷରେ ମୋଟ ୩୧ ଜଣ ବିଚାରାଧୀନ କଏଦୀ ମୃତ୍ୟୁବରଣ କରିଥିବା ବେଳେ ୭୪ ହଜାର ୨୩୬ ଜଣ କଏଦୀ କାରାଗାରରୁ ମୁକୁଳିଛନ୍ତି। ନଭେମ୍ବର ୨୪ ସୁଦ୍ଧା ରାଜ୍ୟର ଜେଲଗୁଡ଼ିକରେ ୧୮ ହଜାର ୬୫୯ ଜଣ କଏଦୀ ଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଚୌଦ୍ୱାର ଜେଲରେ ୩, କୋରାପୁଟ ଜେଲରେ ଜଣେ, ପୁରୀ ଜିଲ୍ଲା ଜେଲରେ ଜଣେ, ବରଗଡ଼ ଜିଲ୍ଲା ଜେଲରେ ୨ ଏବଂ ବଡ଼ବିଲ ସବ୍‌ଜେଲରେ ଜଣେ କଏଦୀଙ୍କୁ ମିଶାଇ ମୋଟ୍ ୮ଜଣ ଆତ୍ମହତ୍ୟା କରିଛନ୍ତି। ଜେଲରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ମଦ ଓ ନିଶା ସାମଗ୍ରୀ ଆଦି ଜେଲ ଭିତରକୁ ପ୍ରବେଶ କରିବାକୁ କଠୋର ଭାବେ ନିଷେଧ କରାଯାଇଛି। ଏନେଇ ମିଳୁଥିବା ସୂଚନାକୁ ଗୁରୁତ୍ୱର ସହ ଯାଞ୍ଚ କରାଯିବା ସହ ନିଶା କାରବାର ରୋକିବାକୁ ଜେଲ ପ୍ରଶାସନ ଦ୍ୱାରା ନିୟମିତ ତଲାସି, ଚଢ଼ାଉ କରାଯିବା ସହ ସୁରକ୍ଷା ବୃଦ୍ଧି କରାଯାଇଛି। ଅନିୟମିତତା ଚିହ୍ନଟ ହେଲେ ତାହା ବିରୋଧରେ ନିୟମ ଅନୁଯାୟୀ ଜେଲ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଥାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଢିଲା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ହାଜତ ତଥା ପୋଲିସ ହେପାଜତରୁ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ନନ୍ଦନକାନନ, ସାଲେପୁର, ବଡ଼ମ୍ବା, ଭଦ୍ରେଶ୍ୱର, ତିର୍ତ୍ତୋଲ, ଜଳେଶ୍ୱର, ପଦ୍ମପୁର, ବଲାଙ୍ଗୀର ଟାଉନ ଥାନା, ପଇଁତଲା, ମୁରିବାହାଲ, ମୋହନା, ଝରିଗାଁ, ତେନ୍ତୁଳିଖୁଣ୍ଟି, ମାଲକାନଗିରି, ମାଥିଲି, ଭବାନୀପାଟଣା ଟାଉନ, ବଡ଼ବିଲ, କେନ୍ଦୁଝର, ଆନନ୍ଦପୁର, ଉଦିତନଗର, ଖୋର୍ଦ୍ଧା ଆଦର୍ଶ ଥାନା ଓ ସହଦେବଖୁଣ୍ଟା ଆଦର୍ଶ ଥାନାର ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଗୋପ, ବାରିପଦା ଟାଉନ ଥାନା, ବରଗଡ଼ ଟାଉନ ଥାନା, ନବରଙ୍ଗପୁର, ରାଜଗାଙ୍ଗପୁରରୁ ୨ ଏବଂ ବୌଦ୍ଧ ଓ ଢେଙ୍କାନାଳ ଟାଉନ ଥାନାରୁ ୩ ଜଣ ଲେଖାଏ ଅଭିଯୁକ୍ତ ରହିଛନ୍ତି।

# ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ କରି ଲୁଟ୍

ବଡ଼ବିଲ/ଯୋଡ଼ା,୧।୧୨
(ଜୟନ୍ତୀ ରଣା/ମାନସ ମହାନ୍ତି)

### ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ରୋଇଡ଼ା ଛକ ୫୨୦ ନମ୍ବର ଜାତୀୟ ରାଜପଥରେ ଲୁଟେରେ ଆତଙ୍କ ଖେଳାଇଛନ୍ତି। ସୋମବାର ଭଦ୍ରାସାହି-ଯୋଡ଼ା ରାସ୍ତାରେ ଜଣେ ଖଣିଜ ବୋଝେଇ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ଛୁରାମାଡ଼ କରି ମୋବାଇଲ ଓ ଟଙ୍କା ନେଇଯାଇଛନ୍ତି। ଛୁରାମାଡ଼ରେ ଝାଡ଼ଖଣ୍ଡ ଅଞ୍ଚଳର ଡ୍ରାଇଭର ସତ୍ୟନାରାୟଣ ବିଶ୍ୱକର୍ମା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଚାଳକ ଖଣିଜ ଖାଲି କରିବାକୁ ଟ୍ରକ୍(ଓଡି ୦୯ ସି ୯୪୩୫) ନେଇ ଗୁଆଲିରୁ ବିଲେଇପଦା ଆସୁଥିଲେ। ଭଦ୍ରାସାହି-ଯୋଡ଼ା ରାସ୍ତାର ରୋଇଡ଼ା ଛକ ନିକଟରେ ପହଞ୍ଚିବା ବେଳକୁ ୨ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଡ୍ରାଇଭର ବିରୋଧ କରିବାରୁ ଦୁର୍ବୃତ୍ତମାନେ ଛୁରାମାଡ଼ କରି ମୋବାଇଲ, ଟଙ୍କା ନେଇଯାଇଥିଲେ। କୌଣସିମତେ ଚାଳକ ସେମାନଙ୍କ କବଳରୁ ମୁକୁଳି ଝାଡ଼ଗାଁରେ ପହଞ୍ଚିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସତ୍ୟନାରାୟଣଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥରେ ପୂର୍ବରୁ ମଧ୍ୟ ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ସୋମବାର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ୪ ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶିରିଷପାଳ ଗ୍ରାମର ଅଭିଯୁକ୍ତ ଟୁନା ହାଁସ୍‌ଦା(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିସ୍ କରିଛନ୍ତି। ୨୦୨୪ ନଭେମ୍ବର ୧୪ରେ ପୀଡ଼ିତାଙ୍କୁ ଟୁନା ବିସ୍କୁଟ ଦେଇ ଜଣଙ୍କ ଘରକୁ ଡାକିନେଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ।

# ଖଣି ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଘଣ୍ଟାଏ ଅଟକ ରଖିଲେ ଚାଲାଣକାରୀ

### ପଶ୍ଚିମବଙ୍ଗକୁ ବାଲି ଚାଲାଣ ବେଳେ ଚଢ଼ାଉ

ଭୋଗରାଇ, ୧।୧୨( ପ୍ରଦୀପ ଦାସ )


ଖଣି ଅଧିକାରୀଙ୍କୁ ଅଟକ ରଖିଛନ୍ତି ଚାଲାଣକାରୀ।

ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ଚାଲାଣକାରୀମାନେ ବେଧଡକ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଶହ ଶହ ଟ୍ରକ ଚାଲାଣ କରି ମାଲାମାଲ ହେଉଛନ୍ତି। ନଦୀପାର୍ଶ୍ୱସ୍ଥ ଗାଁଗୁଡିକ ନଦୀଗର୍ଭକୁ ଚାଲିଯିବା ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋଗରାଇ ଲକ୍, ଆରୁହାବୃତ୍ତି-୨ ଓ ଦହମୁଣ୍ଡାରେ ଜିଲ୍ଲା ଜୁନିୟର ଖଣି ଅଧିକାରୀଙ୍କ ସହିତ ଏନଫୋର୍ସମେଣ୍ଟ ଟିମ୍ ବାଲି ଚାଲାଣକାରୀଙ୍କ ଉପରେ ଅଚାନକ ଚଢ଼ାଉ କରିଥିଲେ। ଭୋଗରାଇ ଲକ, ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ ଭାବେ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବେଆଇନ ବାଲିକୁ ଖଣି ଅଧିକାରୀ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ସ୍ଥାନୀୟ କେତେକ ଗ୍ରାମବାସୀ ଖଣି ଅଧିକାରୀଙ୍କୁ ୧ଘଣ୍ଟା ଅଟକ ରଖି ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବରପାଇ କମର୍ଦ୍ଦା ଥାନା ପୋଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରି ଆଣିଥିଲେ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଆସୁଥିଲେ। ଖବରପାଇ ଜିଲ୍ଲା ଜୁନିଅର ଖଣି ଅଧିକାରୀ ତାପସ କୁମାର ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଆଇଆଇସି ରୋହିତ ବଳ ତଥା ଏନଫୋର୍ସମେଣ୍ଟ ଟିମ୍ ସୋମବାର ଭୋଗରାଇ ଲକ୍‌ଠାରେ ପହଞ୍ଚି ଥିଲେ। ଏହିସବୁ କାର୍ଯ୍ୟ ଦେଖି ବାଲି ଚୋରାଚାଲାଣକାରୀଙ୍କ ଛନକା ପଶିଥିଲା। ସେହିପରି ଅପରାହ୍ଣରେ ଖଣି ଅଧିକାରୀ ତାପସ କୁମାର ବେହେରା ତାଙ୍କ ଟିମ୍ ଆରୁହାବୃତ୍ତି-୨ ଓ ଦହମୁଣ୍ଡାଠାରେ ବେଆଇନ ଗଚ୍ଛିତ ବାଲିକୁ ଜେସିବିରେ ବାଲି ତାଡି ଫିଙ୍ଗି ଦେବା ସମୟରେ ସ୍ଥାନୀୟ କିଛି ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଅଧିକାରୀଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଖଣି ଅଧିକାରୀ ତାପସ କୁମାର ବେହେରା କହିଛନ୍ତି ଯେ, ବେଆଇନ ଗଚ୍ଛିତ ବାଲି ତାଡି ଦେବାରୁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡିଲା। ସେମାନଙ୍କ ନାମରେ କମର୍ଦ୍ଦା ଥାନାରେ ଏତଲା ଦିଆଯାଇଛି।

# ଜେଲ ଗଲେ କଷ୍ଟମର ରିଲେଶନ୍ ଅଫିସର

### ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା

ବାଲେଶ୍ୱର, ୧।୧୨(ବାଞ୍ଛାନିଧି ଦେ)

ଏକ ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ମାମଲାରେ ବାଲେଶ୍ୱର ଜିଲ୍ଲା ରୂପସା ଥାନା ପୋଲିସ ଚଢ଼ାଉ କରି ସୋମବାର ଉକ୍ତ କମ୍ପାନୀର କଷ୍ଟମର ରିଲେଶନ୍ ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯେ, ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ରୂପସା ପାଟପୁର ବଜାରରେ ଥିଲା। କମ୍ପାନୀ ତରଫରୁ ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ କିସ୍ତି ଆଦାୟ କରାଯାଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାଙ୍କଠାରୁ ନିୟମିତ କିସ୍ତି ଆଦାୟ କରି ଅଫିସରେ ଜମା କରୁ ନ ଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭାଇ

ପାତ୍ରପୁର,୧।୧୨(ଉମା ଚରଣ ନେପାକ)

### ମହିଳାଙ୍କ ମୃତଦେହ ଜବତ

ଗଞ୍ଜାମ ଜିଲ୍ଲା ଜରଡା ଥାନା ଅଧୀନ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମରୁ ସୋମବାର ସକାଳେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ନରଣପୁର ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ(୫୦)। ତେବେ ତାଙ୍କୁ ହତ୍ୟା କରାଯାଇଥିବା କୁମାରୀଙ୍କ ଭାଇ ଅଭିଯୋଗ ଆଣିଛନ୍ତି।

ନରଣପୁର ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜରଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସେଠାରେ ମୃତକ କୁମାରୀଙ୍କ ଭାଇ ଖରିଣିପଡା ଗ୍ରାମର ନିରଞ୍ଜନ ପ୍ରଧାନ ପହଞ୍ଚି ତାଙ୍କ ନାନୀଙ୍କୁ ସ୍ୱାମୀ କୃଷ୍ଣ ନିର୍ଯାତନା ଦେଇ ଆସୁଥିଲେ। ସେ ହିଁ ତାଙ୍କ ନାନୀଙ୍କୁ ହତ୍ୟା କରିଛନ୍ତି ବୋଲି ନିରଞ୍ଜନ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁମାରୀ ରବିବାର ବିଳମ୍ବିତ ରାତିରେ ନିଜ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା କୃଷ୍ଣ ଆଖପାଖ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। କୁମାରୀଙ୍କ ଭାଇ ମଧ୍ୟ ସୂଚନା ପାଇ କୃଷ୍ଣଙ୍କ ଘରେ ପହଞ୍ଚିଥିଲେ। ଭାଇ ନିରଞ୍ଜନ ପହଞ୍ଚି ଦେଖିବା ବେଳକୁ ଭଉଣୀ କୁମାରୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଏହା ଦେଖି ସେ ତାଙ୍କ ନାନୀଙ୍କୁ ହତ୍ୟା କରାଯାଇଥିବା ଜରଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ପୋଲିସ ନଂ. ୪୦୧/୨୫ରେ ଏକ ମାମଲା ରୁଜୁକରି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କୃଷ୍ଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ଗୋଟିଏ ଲେଶୁଣି ଓ ପ୍ଲାଷ୍ଟିକ ଚେୟାର ଜବତ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ମୀନାକ୍ଷୀ ଦଳବେହେରା କହିଛନ୍ତି।

# ଘର ଭିତରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ


ନାଲ୍‌କୋ କଲୋନିରେ ମହିଳାଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ବଣ୍ଟଁରପାଳ,୧।୧୨ (ସୁବାସ ସାହୁ)

ଅନୁଗୋଳ ଜିଲ୍ଲା ନାଲ୍‌କୋନଗର ଥାନା ଅନ୍ତର୍ଗତ ନାଲ୍‌କୋ କଲୋନୀ ପରିସରରେ ଥିବା ଏକ ୩ ମହଲା ଘର ଭିତରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଉଛନ୍ତି ନାଲ୍‌କୋରେ ଚାକିରି କରୁଥିବା ଜଣେ କର୍ମଚାରୀଙ୍କ ସ୍ତ୍ରୀ। ପୋଲିସର ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ପୂର୍ବାହ୍ଣରେ ଅଫିସକୁ ଯାଇଥିଲେ। ମଧ୍ୟାହ୍ନରେ ସେ ଘରକୁ ଖାଇବାକୁ ଆସିଥିବା ବେଳେ ସ୍ତ୍ରୀ କବାଟ ଖୋଲି ନ ଥିଲେ। ସ୍ୱାମୀ ଘରର ପଛପଟ କବାଟ ଦେଇ ଘର ଭିତରକୁ ଯାଇଥିଲେ। ୱାଶିଂ ମେଶିନ ଚାଲିଥିବା ବେଳେ ସ୍ତ୍ରୀ ରୁମ୍ ମଝିରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସମ୍ପୃକ୍ତ କର୍ମଚାରୀ ତୁରନ୍ତ ତାଙ୍କୁ ନାଲ୍‌କୋ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ନାଲ୍‌କୋ ପୋଲିସ ଅଧିକାରୀ ଶ୍ୟାମଲାଲ ଓରାମ ଓ ଏସ୍‌ଡିପିଓ ରମାକାନ୍ତ ମହାଳିକ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନୁଗୋଳରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘର ଭିତରେ ତଦନ୍ତ କରାଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
D- 2685




All types of physiotherapy Contact number 9556924059/ 7656969134, Jharapada.
D-2686

AFFIDAVIT

By virtue of an affidavit sworn before Executive Magistrate, Aul, dated 18.11.25, I Basant Kumar Parida, Address At- Mahasahani, P.O.- Singiri, P.S.- Aul, Dist.- Kendrapara, PIN- 754215, Odisha declare that I have changed my name from Sameer Alam to Basant Kumar Parida. Henceforth, I shall be known as Basant Kumar Parida for all purposes.
Basant Kumar Parida
D-2730

By virtue of an affidavit sworn before the Notary Public, Titilagarh, Dtd.- 01.12.2025, I, Panchanan Dandasena, S/o.- Basudeb Dandasena, R/o. Village At- Nabjiban Chowk, P.O.- Saintala, P.S.- Saintala, Dist.- Balangir (Odisha), PIN- 767032, declare that now I have changed my daughter's name from Samia Shree Dandasena to Somyashree Dandasena. Henceforth, my daughter shall be known as Somyashree Dandasena for all purposes.
Panchanan Dandasena
D-2731

Before Executive Magistrate, Khallikote, Ganjam, I, Gangadhar Mallik (old name), S/o.- Somanath Behera, Kandara Bangala Sahi, Ward No.- 11, At/P.O./ P.S.- Rambha, Ganjam, Odisha vide affidavit No.- A/743/15.10.25, That now onwards I shall be known as Jahala Behera (new name), S/o.- Somanath Behera for all future purposes.
D-2732

I, Minu Kaur, W/o.- Sandeep Singh, R/o. Flat No.- 305, Kanheiya Building, Brijdham Housing society, Near Church, P.S.- Town, P.O./Dist.- Sambalpur, PIN- 768001 declare by this affidavit No.- 1908, date- 03.09.2025 that now onwards I shall be known as Minu Kour for all purposes.
D-2733

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
D-2732

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରବିନ୍ଦ୍ରନାଥ ପ୍ରତିହାରୀ**
ଗାରେଡିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୧।୧୯୪୬
ତିରୋଧାନ: ୨୨।୧୧।୨୦୨୫
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ପାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ମା କଲ୍ୟାଣ ମଣ୍ଡପ ପରିବାରବର୍ଗ।

## LEGAL NOTICE

Letter No.- 2015, dtd.- 13.11.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୭୨୦/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ସମ୍ବିତ୍ ନନ୍ଦ ......ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ,
ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧ - ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ପିତା- ଶ୍ରୀ ନିରାକର ପଣ୍ଡା, ପ୍ଲଟ୍ ନଂ.- ୭୨୬/ସି, ନୟାପଲ୍ଲୀ, ବେହେରା ସାହି, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ.୧୭, ମୌଜା- ଗ୍ରାମଡ଼ିହି
ସାବକ
ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୬.୦୨୧ରୁ ଏ୩.୬୧୨.୬ରୁ ଏ୧.୨୦୦ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ, ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୫୯, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୨.୩୧୩ରୁ ଏ୨୬୨.୬ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।
ହାଲ୍
ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୪, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୩.୮୪୭ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୨, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୦.୧୫୨ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.- ୧୩।୧୧।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୬୯୪

# ନଭେମ୍ବରରେ ୧.୭୦ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

ଭୁବନେଶ୍ୱର,୧।୧୨




୨୦୨୫ ନଭେମ୍ବରରେ ଭାରତର ମୋଟ ୧ ଲକ୍ଷ ୭୦ ହଜାର ୨୭୬ କୋଟି ଟଙ୍କା ସେବା ଓ ସାମଗ୍ରୀ କର (ଜିଏସ୍‌ଟି) ସଂଗ୍ରହ ହୋଇଛି। ଏହା ଗତବର୍ଷ ନଭେମ୍ବରରେ ୧.୬୯ ଲକ୍ଷ କୋଟି ସଂଗ୍ରହ ତୁଳନାରେ ୦.୭ ପ୍ରତିଶତ ଅଧିକ ହୋଇଥିବାବେଳେ ୨୦୨୫ ଅକ୍ଟୋବର ରେକର୍ଡ ୧.୯୬ ଲକ୍ଷ କୋଟି ତୁଳନାରେ ବହୁତ କମ୍। ଅକ୍ଟୋବରରେ ଦୀପାବଳି, ଦଶହରା ଆଦି ବଡ଼ ପର୍ବପର୍ବାଣି ଯୋଗୁ ଲୋକଙ୍କ ଖର୍ଚ୍ଚ ବଢ଼ିଥିବା ବେଳେ ନଭେମ୍ବରରେ ସେହି ଉତ୍ସାହ କମିଯିବାରୁ ସଂଗ୍ରହରେ ହ୍ରାସ ଦେଖାଯାଇଛି। ଏଥର ସେଣ୍ଟ୍ରାଲ ଜିଏସ୍‌ଟି ୩୪,୮୪୩ କୋଟି, ରାଜ୍ୟ ଜିଏସ୍‌ଟି ୪୨,୫୨୨ କୋଟି ଏବଂ ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୪୬,୯୩୪ କୋଟି ଟଙ୍କା ରହିଛି। ଆମଦାନୀ ଉପରେ ଜିଏସ୍‌ଟି ୧୦.୨ ପ୍ରତିଶତ ବଢ଼ି ୪୫,୯୭୬ କୋଟି ଟଙ୍କା ହୋଇଥିବା ବେଳେ ରିଫଣ୍ଡ ପରେ ଘରୋଇ କାରବାରରୁ ନେଟ୍ ସଂଗ୍ରହ ୧.୫ ପ୍ରତିଶତ ହ୍ରାସ ପାଇଁ

## ଅକ୍ଟୋବର ତୁଳନାରେ ବଡ଼ ହ୍ରାସ

୧,୧୫,୫୫୮ କୋଟି ଟଙ୍କା ରହିଛି। ତଥାପି ଆମଦାନୀ-ରପ୍ତାନିକୁ ମିଶାଇ ନେଟ୍ ସଂଗ୍ରହ ୧୧.୬% ବଢ଼ି ୩୬,୫୨୧ କୋଟି ଟଙ୍କା ହୋଇଛି। ୨୦୨୫ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ମୋଟ ନେଟ୍ ଜିଏସ୍‌ଟି ସଂଗ୍ରହ ୭.୩% ବଢ଼ି ୧୨.୭୯ ଲକ୍ଷ କୋଟି ଟଙ୍କା ହୋଇସାରିଛି। ମାତ୍ର କମ୍ପେନସେଶନ ସେସ୍‌ରେ ବଡ଼ ଧରଣର ପତନ ଦେଖାଯାଇଛି। ଘରୋଇ ସେସ୍ ଗତବର୍ଷର ୧୨,୩୯୮ କୋଟିଠାରୁ ଖସି ମାତ୍ର ୪,୭୩୭ କୋଟି ଟଙ୍କା ରହିଛି ଏବଂ ନେଟ୍ ସେସ୍ ୪,୦୦୬ କୋଟି ଟଙ୍କାକୁ ଖସିଛି। ଏହା ରାଜ୍ୟଗୁଡ଼ିକର କ୍ଷତିପୂରଣ ପାଣ୍ଠି ଉପରେ ଅଧିକ ଚାପ ସୃଷ୍ଟି କରୁଛି। ରାଜ୍ୟଭିତ୍ତିକ ପ୍ରଦର୍ଶନରେ କେରଳ ସର୍ବାଧିକ ୭% ଏସ୍‌ଜିଏସ୍‌ଟି ବୃଦ୍ଧି ସହ ପ୍ରଥମ ସ୍ଥାନରେ ରହିଛି। ମହାରାଷ୍ଟ୍ର ୩ ପ୍ରତିଶତ ଏବଂ ବିହାର ୧ ପ୍ରତିଶତ ବୃଦ୍ଧି ସହ ପଛରେ ରହିଛନ୍ତି। ଅର୍ଥନୀତିବିତ୍‌ମାନେ ମତ ଦେଇଛନ୍ତି ଯେ ପର୍ବପର୍ବାଣି ପରେ ଖର୍ଚ୍ଚ ହ୍ରାସ ଏବଂ କିଛି ସାମଗ୍ରୀରେ ଜିଏସ୍‌ଟି ହାର କମାଇବା ଯୋଗୁ ନଭେମ୍ବରରେ ଏହି ପତନ ହୋଇଛି, ତଥାପି ବାର୍ଷିକ ହିସାବରେ ସଂଗ୍ରହ ସ୍ଥିର ରହିଛି।

# ଜାନୁଆରୀରେ ଭାରତ ପହଞ୍ଚିବ ୪୦ ଲକ୍ଷ ବ୍ୟାରେଲ ତେଲ

ଭୁବନେଶ୍ୱର,୧।୧୨

ରୁଷିଆର ତେଲ କମ୍ପାନୀ ରୋସନେଫ୍ଟ ଓ ଲୁକଅଏଲ ଉପରେ ଆମେରିକାର ଲଗାଇଥିବା ପ୍ରତିବନ୍ଧକ ଯୋଗୁଁ ଭାରତର ଡିସ୍କାଉଣ୍ଟରେ ରୁଷିଆ ତେଲ ଆମଦାନି ବାଧାପ୍ରାପ୍ତ ହୋଇଛି। ଭାରତ ଏବେ ଦକ୍ଷିଣ ଆମେରିକାର ଦୂରବର୍ତ୍ତୀ ଦେଶ ଗୁଇଆନାରୁ କ୍ରୁଡ ଅଏଲ ଆଣିବା ଆରମ୍ଭ କରିଛି। ବ୍ଲୁମବର୍ଗର ଶିପ-ଟ୍ରାକିଙ୍ଗ ଡାଟା ଅନୁଯାୟୀ, ନଭେମ୍ବର ଶେଷରେ ୨ ବଡ଼ ଟ୍ୟାଙ୍କର 'କୋବାଲ୍ଟ ନୋଭା' ଓ 'ଓଲିମ୍ପିକ ଲାଇନ' ଗୁଇଆନାରୁ ୟୁନିଟି ଓ ଲିଜା ଗ୍ରେଡର ପ୍ରାୟ ୪୦ ଲକ୍ଷ ବ୍ୟାରେଲ ତେଲ ନେଇ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ୟାଙ୍କରଗୁଡ଼ିକ ୧୭,୭୦୦ କିଲୋମିଟର ଦୂର ଅତିକ୍ରମ କରି ଜାନୁଆରିରେ ପାରାଦୀପ ଓ ମୁମ୍ବାଇ/ବିଶାଖାପାଟଣା ପହଞ୍ଚିବେ।

# ସିଜିୟୁରେ ଏଚ୍‌ଆର୍ କନ୍‌କ୍ଲେଭ୍ 'ବିମର୍ଶ'



ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ଏଚ୍‌ଆର୍ କନ୍‌କ୍ଲେଭ୍ ୨୦୨୫- ବିମର୍ଶ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଜେଏସ୍‌ଏଲ୍(ଅନୁଗୋଳ)ର ସଭାପତି ଏବଂ ସିଏଚ୍‌ଆର୍‌ଓ ଦିଲୀପ ସିହ୍ନା, ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସ ଲିମିଟେଡ୍ ଗ୍ରୁପ୍ ହେଡ୍ (ଏଚ୍‌ଆର୍) ଅନିଲ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଡିଜିଟାଲ ରୂପାନ୍ତରଣ ଦ୍ୱାରା ଭବିଷ୍ୟତରେ କର୍ମକ୍ଷେତ୍ର କିପରି ଭାବେ ପରିଚାଳିତ ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନିଲ ପ୍ରସାଦ ମହାନ୍ତି ସମାନ ଓ ଅନ୍ତର୍ଭୁକ୍ତ ସାଂଗଠନିକ ସଂସ୍କୃତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଉପଦେଷ୍ଟା ଅମୂଲ୍ୟ ମହାପାତ୍ର ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ. ସଞ୍ଜିତା ଲେଙ୍କା କାର୍ଯ୍ୟ ଜଗତରେ ଦ୍ରୁତ ପରିବର୍ତ୍ତନ ପାଇଁ ଶିକ୍ଷା-ଶିଳ୍ପ ସଂଯୋଗକୁ ସୁଦୃଢ଼କରି କିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ମ୍ୟାନେଜମେଣ୍ଟ ବିଭାଗର ଡ. ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ହରମନପ୍ରୀତ କୌର ପିଏନ୍‌ବିର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର




ଭୁବନେଶ୍ୱର,୧।୧୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ନିଜର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହରମନପ୍ରୀତ ସହ କେନ୍ଦ୍ର ଆର୍ଥିକ ସଚିବ ଏମ୍. ନାଗରାଜୁ ଓ ପିଏନ୍‌ବି ଏମ୍‌ଡି ଅଶୋକ ଚନ୍ଦ୍ର ବ୍ୟାଙ୍କର ୪ଟି ନୂଆ ଉତ୍ପାଦ 'ପିଏନ୍‌ବି ରୁପେ ମେଟାଲ କ୍ରେଡିଟ୍ କାର୍ଡ 'ଲକ୍ସୁରା', 'ପିଏନ୍‌ବିୱାନ୍ ୨.୦', 'ଡିଜି ସୂର୍ଯ୍ୟଘର' ଏବଂ 'ପିଏନ୍‌ବି ଅନ୍ ଦ ଆଇଆଇବିଏକ୍ସ ପୋର୍ଟାଲ'ର ଉନ୍ମୋଚନ କରିଛନ୍ତି। ହରମନପ୍ରୀତ ନିଜେ ୧୮ ବର୍ଷ ବୟସରୁ ପିଏନ୍‌ବି ଗ୍ରାହକ ଥିବା କହି ଲକ୍ସୁରା କାର୍ଡର ପ୍ରଥମ ଗ୍ରାହକ ହୋଇଥିବା କହିଛନ୍ତି। ଏହି ଐତିହାସିକ ଘୋଷଣା ପିଏନ୍‌ବିର ମହିଳା ସଶକ୍ତୀକରଣ ଓ ଡିଜିଟାଲ ନବୀକରଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

# ୧୬ ମାସରେ ନିଯୁକ୍ତି ପାଇଛନ୍ତି ୨୫୨୮

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୧୬ ମାସ ମଧ୍ୟରେ ୩୩ଟି ନୂଆ କମ୍ପାନୀ ଓଡ଼ିଶାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟରେ ଅନ୍ୟୂନ ୩୫୦ରୁ ଅଧିକ କମ୍ପାନୀ ସେମାନଙ୍କର କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ୩୫ ହଜାରରୁ ଅଧିକ ଯୁବତୀଯୁବକ ସେହି କମ୍ପାନୀରେ

## ରାଜ୍ୟରେ ନୂଆ ୩୩ କମ୍ପାନୀର ୟୁନିଟ୍

କାର୍ଯ୍ୟରତ ଅଛନ୍ତି। ବିଧାନସଭାରେ ରାମଚନ୍ଦ୍ର କାଡାମ ୧୬ ମାସରେ କାର୍ଯ୍ୟକାରୀ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେତେଜଣ ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ତଥ୍ୟ ରଖିଛନ୍ତି। ୧୬ ମାସରେ ନିଯୁକ୍ତି ପାଇଥିବା ମୋଟ ୨୫୨୮ କର୍ମଚାରୀଙ୍କ ମଧ୍ୟରୁ ୧୭୩୦ ଜଣ ଯୁବକ ଥିବାବେଳେ ୭୯୮ ଜଣ ଯୁବତୀ ଅଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣ ଓଡ଼ିଆ ଯୁବତୀଯୁବକ ଅଛନ୍ତି ସେନେଇ ତଥ୍ୟ ମିଳିପାରି ନାହିଁ।

# ଫ୍ୟାଶନ ଫ୍ୟାକ୍ଟ୍ରିରେ ଫ୍ରି ଶପିଂ ଉଇକ୍

ଭୁବନେଶ୍ୱର,୧।୧୨




ରିଲାଏନ୍ସ ରିଟେଲର ପ୍ୟାନ୍-ଇଣ୍ଡିଆ ଡିସ୍କାଉଣ୍ଟ ଫ୍ୟାଶନ ଷ୍ଟୋର ଫ୍ୟାଶନ ଫ୍ୟାକ୍ଟ୍ରି 'ଫ୍ରି ଶପିଂ ଉଇକ' ଅଫର ଘୋଷଣା କରିଛି। ଏହି ଅଫର ଅନୁଯାୟୀ ଗ୍ରାହକମାନେ ମାତ୍ର ୨୦୦୦ ଟଙ୍କା ଦେଇ ୫୦୦୦ ଟଙ୍କା (ଏମ୍‌ଆର୍‌ପିର)ର ପୋଷାକ ନେଇପାରିବେ ଏବଂ ସେହି ୨୦୦୦ ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ଫେରିପାଇଯିବେ। ଅର୍ଥାତ୍ ଶୂନ୍ୟ ଖର୍ଚ୍ଚରେ ବ୍ରାଣ୍ଡେଡ୍ ପୋଷାକ ଘରକୁ ଆଣିପାରିବେ। ଏହି ସୀମିତ ସମୟର ଅଫର ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ୫୦୦୦ ଟଙ୍କାର ପୋଷାକ ବିଲ୍ କରି ମାତ୍ର ୨୦୦୦ ଟଙ୍କା ଦେବେ। ଅବଶିଷ୍ଟ ୨୦୦୦ ଟଙ୍କା ପାଇବା ପାଇଁ ୨ଟି ବିଶେଷ ଉପହାର ପାଇପାରିବେ। ୧୦୦୦ ଟଙ୍କାର ନିଶ୍ଚିତ ମାଗଣା ଉପହାର ସହ ୧୦୦୦ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅଫର ମୁଖ୍ୟତଃ ବଜେଟ-ସଚେତନ ପରିବାର, ଯୁବପିଢ଼ି ଏବଂ ଫ୍ୟାଶନପ୍ରେମୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରାଯାଇଛି। ଫ୍ୟାଶନ ଫ୍ୟାକ୍ଟ୍ରିରେ ବର୍ଷ ସାରା ୨୦%ରୁ ୭୦% ପର୍ଯ୍ୟନ୍ତ ରିହାତି ରହୁଛି। ଅଫର ଦେଶର ସବୁ ଫ୍ୟାଶନ ଫ୍ୟାକ୍ଟ୍ରିଷ୍ଟୋରରେ ଉପଲବ୍ଧ।

# ଓଡ଼ିଶାରେ ମୋବାଇଲ ଗ୍ରାହକ ସଂଖ୍ୟା ୩.୫୯ କୋଟିକୁ ବୃଦ୍ଧି

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ଅକ୍ଟୋବରରେ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୯ ଲକ୍ଷ ବୃଦ୍ଧି ସହ ଅକ୍ଟୋବର ୩୧ ସୁଦ୍ଧା ୩.୫୯ କୋଟି ଅତିକ୍ରମ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରେ ଏହା ପ୍ରକାଶ କରାଯାଇଛି। ଏହା ମଧ୍ୟରେ ରିଲାଏନ୍ସ ଜିଓ ୨୦୨୫ ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୭,୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଅକ୍ଟୋବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଉଭୟ ଏୟାରଟେଲ ଏବଂ ବିଏସ୍‌ଏନ୍‌ଏଲ୍ ସେହି ସମାନ ସମୟରେ ରାଜ୍ୟରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଜିଓ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଓଡ଼ିଶାରେ ୧.୬୯ କୋଟିରୁ ଅଧିକ ମୋବାଇଲ

## ଜିଓର ସର୍ବାଧିକ ୧.୬୯ କୋଟି ଗ୍ରାହକ

**ଟ୍ରାଇ ତଥ୍ୟ**

ଗ୍ରାହକ ଏବଂ ୪୭ ପ୍ରତିଶତରୁ ଅଧିକ ମୋବାଇଲ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ରାଜ୍ୟବ୍ୟାପୀ ଏହାର ଅତ୍ୟାଧୁନିକ ୪ଜି ଓ ୫ଜି ନେଟ୍‌ୱାର୍କ ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ସମ୍ଭବ ହୋଇଛି। ଅତି ସୁଲଭ ଜିଓ ଭାରତ ୪ଜି ଫୋନ ବଳରେ ବିଶେଷକରି ସାରା ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକ ୪ଜିକୁ ଅପ୍‌ଗ୍ରେଡ୍ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଥାଉକି, ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ଅକ୍ଟୋବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ଏୟାରଟେଲ ଅପେକ୍ଷା ଦେଢ଼ ଗୁଣ ଅଧିକ ଗ୍ରାହକ ଯୋଡ଼ିବା ସହ ଏହାର ଗ୍ରାହକ ବଜାର ଅଂଶ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

## ଖେଳ ଖବର

# ଗମ୍ଭୀର, ଅଗରକରଙ୍କୁ ହଠାତ୍ ଡକାଇଲା ବିସିସିଆଇ



ଗୌତମ ଗମ୍ଭୀର ଓ ଅଜିତ ଅଗରକର।

ମୁମ୍ବାଇ,୧।୧୨

ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ସିଲେକ୍ସନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ଏକ ବୈଠକ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଡାକରା ଦିଆଯାଇଛି। ଏହି ବୈଠକରେ ଜରୁରିକାଳୀନ ଭିତ୍ତିରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବ। ଭାରତୀୟ ଦଳର ଦୁଇ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହି ବୈଠକ ଡକା ଯାଇଛି। ଦୁଇ ସିନିୟର ଖେଳାଳି ଗତ କିଛି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି।

ଏକ ରିପୋର୍ଟ ମୁତାବକ, ଏହି ଆଲୋଚନାରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂ ଭାଟିଆଙ୍କ ସହ ଗମ୍ଭୀର ଓ ଅଗରକର ଯୋଗ ଦେବେ। ତେବେ ନୂଆ ବିସିସିଆଇ ସଭାପତି ମିଥୁନ ମନହାସ ଯୋଗ ଦେବେ କି ନାହିଁ, ତାହା ରିପୋର୍ଟରେ ସ୍ପଷ୍ଟ କରାଯାଇ ନାହିଁ। ମ୍ୟାଚ୍ ଦିନ ବୈଠକ ଥିବାରୁ ଏଥିରେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳିଙ୍କର ସାମିଲ ହେବାର ବିଶେଷ ସମ୍ଭାବନା ନାହିଁ। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘରୋଇ ଟେଷ୍ଟ ସିଜନ ବେଳେ ଫିଲ୍ଡ ଭିତରେ ଓ ବାହାରେ ଦଳର ଟାକ୍ଟିସକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ପରବର୍ତ୍ତୀ ଘରୋଇ ଟେଷ୍ଟ ସିରିଜ୍‌କୁ ୮ ମାସ ଥିବାରୁ ଆମେ ସ୍ପଷ୍ଟ ଯୋଜନା ସହ ଆଗକୁ ବଢ଼ିବାକୁ ଚାହୁଁ। ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲାଗି ଫେଭରାଇଟ୍ ଓ ୨୦୨୭ ବିଶ୍ୱକପ୍ ହାତେଇବା ଲାଗି ପ୍ରବଳ ଦାବିଦାର ଥିବାରୁ ଆମେ ଯଥା ଶୀଘ୍ର ଏ ସମସ୍ୟାର ସମାଧାନ କରିବାକୁ ଚାହୁଁ।


ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍କୁଲ ଗେମ୍ସ ସନ୍ତରଣର ବାଳକ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ସୌରଭ ପୁଟେଲ।

# ଭାରତ ଆଜି ସୁଇଜରଲାଣ୍ଡକୁ ଭେଟିବ

ମଦୁରାଇ, ୧।୧୨ (ପି.ଟି.)

ଚଳିତ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ପ୍ରତିଯୋଗିତାର ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ପୁଲ୍ 'ବି'ରେ ଭାରତ ଓ ସୁଇଜରଲାଣ୍ଡ ମଙ୍ଗଳବାର ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିବେ। ଉଭୟ ଭାରତ ଓ ସୁଇଜରଲାଣ୍ଡ ସେମାନଙ୍କ ଗ୍ରୁପ୍‌ରେ ଅପରାଜେୟ ରହିଛନ୍ତି। ଦୁଇଦଳ ଏପର୍ଯ୍ୟନ୍ତ ସୁଦ୍ଧା ଦୁଇଟି ଗେମ୍‌ରେ ବିଜୟ ଲାଭ କରିଛନ୍ତି। ଗୋଲ୍

## ଏଫ୍‌ଆଇଏଚ୍ ଜୁନିୟର ହକି

ବ୍ୟବଧାନ ଦୃଷ୍ଟିରୁ ଭାରତ ପୁଲ୍ 'ବି' ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଚେନ୍ନାଇଠାରେ ଖେଳିଥିବା ଏହାର ପ୍ରଥମ ଦୁଇଟି ଗେମ୍‌ରେ ଯଥାକ୍ରମେ ଚିଲିକୁ ୭-୦ ଏବଂ ଓମାନକୁ ୧୭-୦ ଗୋଲ୍‌ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଓମାନ ବିପକ୍ଷରେ ସୁଇଜରଲାଣ୍ଡ ୪-୦ ଗୋଲ୍‌ରେ ବିଜୟୀ ହୋଇଥିବା ବେଳେ ଚିଲିକୁ ସ୍ୱଳ୍ପ ବ୍ୟବଧାନରେ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଏହି ଦୃଷ୍ଟିରୁ ମଙ୍ଗଳବାର ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ମାତ୍ର ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ଭାରତୀୟ ଦଳ ପାଇଁ କିଛି ଚିନ୍ତା ରହିଛି। ଡିଫେନ୍ସ ବିଭାଗକୁ କ୍ୱଚିତ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଛି। ଗୋଲ୍‌କିପର ଦୀପ୍ ସିଂ ଓ ବିକ୍ରମଜିତ୍ ସିଂଙ୍କୁ ମଧ୍ୟ ଚାପର ସାମ୍ନା ହେବାକୁ ପଡ଼ିନାହିଁ। ପେନାଲ୍‌ଟି କର୍ନରରୁ ଡ୍ରାଗ୍ ଫ୍ଲିକ୍‌କୁ ଗୋଲରେ ପରିଣତ କରିବା ଆଉ ଏକ ସମସ୍ୟା। ଅଧିନାୟକ ରୋହିତ ହେଉଛନ୍ତି ଦଳର ପ୍ରମୁଖ ଡ୍ରାଗ୍‌ଫ୍ଲିକର। ତାଙ୍କୁ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡ଼ିବ। ଏହାର ଅର୍ଥ ନୁହେଁ ଯେ, ଭାରତ ପେନାଲ୍ଟି କର୍ନରରୁ ସ୍କୋର କରିନାହିଁ, କିନ୍ତୁ ଅଧିକାଂଶ ଗୋଲ୍ ଇନ୍‌ଡାଇରେକ୍ଟ ଭାରିଏଶନ ଓ ରିବାଉଣ୍ଡରୁ ହୋଇଛି। ଫରୱାର୍ଡ ଲାଇନ୍ ଓ ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ପ୍ରଥମ ଦୁଇଟି ଗେମ୍ ସହଜରେ ବିଜୟ ଲାଭ କରିଥିଲା। ଦିଲରାଜ ସିଂ ୬ଟି ଗୋଲ୍ ସହ ଟୁର୍ନାମେଣ୍ଟରେ ଯୁଗ୍ମ ଟପ୍ ସ୍କୋରର ହୋଇଛନ୍ତି। ତନ୍ମଧ୍ୟରେ ତାଙ୍କର ଓମାନ ବିପକ୍ଷରେ ହ୍ୟାଟ୍ରିକ୍ ଅନ୍ୟତମ। ମନମିତ୍ ସିଂ, ଅଜିତ ଯାଦବ ଓ ଇଙ୍ଗାଲେମ୍ବା ଲୁୱାଙ୍ଗ ଥେରାଓଜାମ ମଧ୍ୟ ଗୋଲ ସ୍କୋର କରିଛନ୍ତି। ଚେନ୍ନାଇରେ ଅବଶିଷ୍ଟ ମ୍ୟାଚ ଖେଳିବା ଲାଗି ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭାରତ ମଦୁରାଇରେ ସୁଇଜରଲାଣ୍ଡ ବିପକ୍ଷରେ ଏକମାତ୍ର ଗେମ୍ ଖେଳିବ।

# କିଟ୍ ମହିଳା ହକି ଦଳ ଫାଇନାଲରେ

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

କିଟ୍ ବିଶ୍ୱବିଦ୍ୟାଳୟର ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭଲିବଲ ଓ ଟେନିସରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ମହିଳା ହକିରେ କିଟ୍ ପେନାଲ୍‌ଟି ଶୁଟ୍‌ଆଉଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩-୨ରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। କିଟ୍ ବୁଧବାର ଫାଇନାଲ ମ୍ୟାଚରେ ଆଇଟିଏମ୍ ଗ୍ୱାଲିୟରକୁ ଭେଟିବ। ସେହିପରି ମହିଳା ଭଲିବଲ୍‌ରେ କିଟ୍ ୩-୧ (୨୫-୨୧, ୨୫-୧୯, ୨୧-୨୫, ୨୫-୧୯) କୋଟାୟମାସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିକୁ ଭେଟିବ। ଅନ୍ୟପକ୍ଷରେ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ୟୁନିଭର୍ସିଟିକୁ ପରାସ୍ତ କରି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିଙ୍ଗଲ୍ସରେ ଦେବାଶିଷ ସାହୁ ୬-୧, ୬-୨ରେ ସୁରଜ ଡାଲଙ୍କୁ ଏବଂ କବୀର ହଂସ ୬-୦,୬-୨ରେ ବରୁଣ ମେହୁଲ ଧଣ୍ଡହୁଆକିୟାଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ କବୀର ହଂସ ଓ ଅଂଶୁମାନ ସିଂ ଦେ ୬-୩, ୬-୪ରେ କନିଷ୍କ ଜେଟ୍‌ଲୀ ଓ ମାନବେନ୍ଦ୍ର ରାଓ୍ୱତଙ୍କୁ ୬-୩, ୬-୪ରେ ହରାଇ ଦେଇଛନ୍ତି।



ଫାଇନାଲରେ ପ୍ରବେଶ କରିଥିବା କିଟ୍ ମହିଳା ହକି ଦଳ।

# ଗିଲ୍‌ଙ୍କ ଫିଟ୍‌ନେସ ଆସେସ୍‌ମେଣ୍ଟ ଆରମ୍ଭ

ନୂଆଦିଲ୍ଲୀ,୧।୧୨(ପି.ଟି.)

ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ସୋମବାର ତାଙ୍କର ବାଧ୍ୟତାମୂଳକ ଫିଟନେସ ଆସେସ୍‌ମେଣ୍ଟ ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ଯୋଗ ଦେଇଛନ୍ତି। ଏଥିରୁ ସେ ଆସନ୍ତା ୯ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଉପଲବ୍ଧ ହେବେ କି ନାହିଁ, ତାହା ସ୍ପଷ୍ଟ ହେବ। ଗିଲ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ବେକଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେବେଠାରୁ ସେ ପଡ଼ିଆରୁ ଦୂରେଇ ରହିଛନ୍ତି। ଆଗାମୀ ଟି୨୦ ସିରିଜ୍ ଲାଗି ଭାରତୀୟ ଦଳରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଗିଲ୍‌ଙ୍କ ଫିଟ୍‌ନେସ ରିପୋର୍ଟ ଅପେକ୍ଷା ରହିଛି।

"ଆହତ ସମସ୍ୟା କାରଣରୁ ଗିଲ୍ ମ୍ୟାଚ୍‌ରୁ ବାଦ୍ ପଡ଼ିବା ପରେ ତାଙ୍କୁ ଇଞ୍ଜେକ୍ସନ ଦିଆଯିବା ସହ ୨୧ ଦିନ ଲାଗି ବିଶ୍ରାମ ଓ ତାଙ୍କ ବେକର ମାଂସପେଶୀକୁ ସଶକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ କିଛି ଏକ୍ସରସାଇଜ କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍କିଲ୍ସ ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଗିଲଙ୍କୁ ବାଧ୍ୟତାମୂଳକ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ସ୍କିଲ୍ସ ଟ୍ରେନିଂ ବେଳେ ସ୍ପୋର୍ଟ୍ସ ସାଇନ୍ସ ଟିମ୍ ଦ୍ୱାରା ତାଙ୍କ ଗତିବିଧିର ମୂଲ୍ୟାଙ୍କନ ନ କରାଯିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ବର୍ତ୍ତମାନ ସୁଦ୍ଧା ତାଙ୍କର ଆଗାମୀ ଟି୨୦ ସିରିଜ୍‌ରେ ଖେଳିବାର ସମ୍ଭାବନା ୫୦-୫୦ ରହିଛି" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

## ହାର୍ଦ୍ଦିକ ସ୍ମାଟରେ ଖେଳିବେ

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଅନୁମତି ମିଳିଛି। ସେ ଅଢ଼େଇ ମାସର ବ୍ୟବଧାନ ପରେ କ୍ରିକେଟ ପଡ଼ିଆକୁ ଫେରିବାକୁ ଯାଉଛନ୍ତି। ସେ ମଙ୍ଗଳବାର ବରୋଦା ପାଇଁ ପଞ୍ଜାବ ବିପକ୍ଷରେ ସୟଦ ମୁସ୍ତାକ ଅଲୀ (ସ୍ମାଟ) ଟି୨୦ ମ୍ୟାଚ୍ ଖେଳିଥିଲେ। ଏହାପରେ ୪ ତାରିଖରେ ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଖେଳିବେ। ଉଭୟ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ଫିଟ୍‌ନେସ ଯାଞ୍ଚ କରିବା ପାଇଁ ଜାତୀୟ ଚୟନକର୍ତ୍ତା ପ୍ରଜ୍ଞାନ ଓଝା ଉପସ୍ଥିତ ରହିବେ।

# ଓଭର ଫ୍ରେଣ୍ଡ୍ଲି

ଫୁର୍‌ସତ୍ ମିଳିଲେ କିଛି ସମୟ କଥାବାର୍ତ୍ତା କରି ମନକୁ ହାଲୁକା କରିବାକୁ ଇଚ୍ଛା ହୁଏ। ହେଲେ ଏମିତି କେତେଜଣ ଓଭର ଫ୍ରେଣ୍ଡ୍ଲି ଥା'ନ୍ତି ଯେଉଁମାନଙ୍କ ପାଖ ଛାଡ଼ିବା କାଠିକର ପାଠ ହୋଇଯାଏ। ସେପରି ଲୋକଙ୍କ ସହ ମିଶିବା ସମୟରେ ନିଜ ଚାତୁରି ଦେଖାଇବାକୁ ଭୁଲନ୍ତୁ ନାହିଁ...



ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି। ବନ୍ଧୁଙ୍କ ସହିତ ଦି'ପଦ ସୁଖ ଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ। ଅଫିସ ହେଉ ବା ଘର ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲୁକା ହୋଇଯାଏ। ହୃଦୟକୁ ଶାନ୍ତି ମିଳିଥାଏ। ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର୍ ଲାଗେ। ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା। ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ି ଯିବା ପାଇଁ ବିଭିନ୍ନ ପ୍ରକାରର ବାହାନା ଖୋଜିବାକୁ ପଡ଼େ। ଆଉ ଏମିତି ସ୍ୱଭାବର ଲୋକମାନଙ୍କୁ କୁହାଯାଏ ଓଭର ଫ୍ରେଣ୍ଡ୍ଲି। ବେଳେବେଳେ ଏଭଳି ଲୋକଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାଏ। ବେଳେବେଳେ କାମ ଭୁଲ୍‌ଭାଲ୍ ହୋଇଯାଏ। ତେଣୁ ସେମାନଙ୍କ ସହିତ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ। ହେଲେ ବିଭିନ୍ନ କୌଶଳ ଆପଣାଇ ଏଭଳି ଲୋକଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ।

**ସ୍ପଷ୍ଟ କୁହନ୍ତୁ:** ଓଭର ଫ୍ରେଣ୍ଡ୍ଲି ଲୋକଙ୍କର ପ୍ରକୃତିକୁ ଆପଣ ବଦଳାଇ ପାରିବେ ନାହିଁ। ଏହା ବ୍ୟତୀତ ଆପଣ ମଧ୍ୟ ତାଙ୍କ ସହିତ ସମ୍ପର୍କକୁ ହଠାତ୍ ଭାଙ୍ଗିପାରିବେ ନାହିଁ। ତେଣୁ ସେଭଳି ଲୋକଙ୍କ ସହିତ ମିଶିବାକୁ ହେଲେ ସତର୍କ ରହିବାକୁ ହେବ। କଥାବାର୍ତ୍ତା ହେବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ। କିଛି ସମୟ କଥାବାର୍ତ୍ତା ହେବା ପରେ ଯଦି ସେ ଆପଣଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି କିଛି ଅଧିକ କହିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ସଙ୍ଗେ ସଙ୍ଗେ ବିରୋଧ କରନ୍ତୁ। ସ୍ପଷ୍ଟଭାବେ ନମ୍ରତାର ସହ ଜଣାଇ ଦିଅନ୍ତୁ କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ୍ ନୁହେଁ। ଏମିତି ସ୍ପଷ୍ଟଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାକୁ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ।

**ବ୍ୟସ୍ତ ଦେଖାନ୍ତୁ:** ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ପାଖ ଛଡ଼ାଇ ପାରିବେ। କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ। ଏହାପରେ କିଛି ନା କିଛି କାମର ବାହାନା କରି ତାଙ୍କ ପାଖରୁ ଚାଲି ଆସନ୍ତୁ। ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହିତ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି।

**ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ:** କଥାର କିଛି ଉତ୍ତର ମିଳିଲେ ହିଁ ଜଣେ ଅନ୍ୟଜଣଙ୍କ ସହିତ କଥା ହୋଇଥାନ୍ତି। ନଚେତ୍ କଥାବାର୍ତ୍ତାର ମଜା ଆସେନି। ତେଣୁ ଓଭର ଫ୍ରେଣ୍ଡ୍ଲି ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ୍ କମ୍ କଥାର ଉତ୍ତର ଦିଅନ୍ତୁ। ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ। ଫଳରେ ଓଭର ଫ୍ରେଣ୍ଡ୍ଲି ବନ୍ଧୁଜଣକ ତାଙ୍କ କଥା କହିବାର ମଜା ପାଇପାରିବେ ନାହିଁ। ନିଜଆଡ଼ୁ ଅଧିକ ଗପିବାର ଚେଷ୍ଟା କରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ।

**କମ୍ କଥା କୁହନ୍ତୁ:** ଏଭଳି ବ୍ୟକ୍ତିମାନଙ୍କ ସହିତ ବେଶି କଥାବାର୍ତ୍ତା କରନ୍ତୁ ନାହିଁ। କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ। ବେଳେବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟମାନଙ୍କ ଆଗରେ ଭୁଲ୍ ଉପସ୍ଥାପନା କରି ମଜା ନିଅନ୍ତି। ତେଣୁ କମ୍ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବ ନାହିଁ।









## ଏମାନେ କ'ଣ କରନ୍ତି



**ବାହାନା କରି ଚାଲିଆସେ:** ଆମ ଘର ପାଖରେ ଜଣେ ମାଉସୀ ଅଛନ୍ତି ଯଦି ତାଙ୍କ ସହ ଦେଖା ହୋଇଯାଏ ସେ ଏତେ ଗପନ୍ତି ଯେ ସେଠୁ ଆସିବା ପାଇଁ ମତେ ବାହାନା ଖୋଜିବାକୁ ପଡ଼େ। ମତେ ତ ଆଶ୍ଚର୍ଯ୍ୟ ଲାଗେ କି ସେ ଏତେ ପ୍ରସଙ୍ଗରେ ଏତେ ଶୀଘ୍ର ଶୀଘ୍ର କେମିତି ଗପି ପାରୁଛନ୍ତି। ନିଜେ ଗପି ସାରିବା ପରେ ସେ ଆମ ଘର କଥା ଶୁଣିବା ପାଇଁ ବିଭିନ୍ନ ପ୍ରକାରର କଥା ପଚାରନ୍ତି। ହେଲେ ମୁଁ ତାଙ୍କୁ କିଛି କହେନି। ଖାଲି ଖିଆପିଆ କି ଅନ୍ୟ କିଛି କଥା କହି ତାଙ୍କ ପାଖରୁ ଜଲ୍‌ଦି ଚାଲିଆସେ। ମୋର ଫାଙ୍କା ସମୟ ଥିଲେ ତାଙ୍କ ପାଖରେ ଅଧିକ ସମୟ ରହିଯାଏ।

*– **ରାଜଲକ୍ଷ୍ମୀ ପାଣି**, ଗୃହିଣୀ, ସମେଇଗାଡ଼ିଆ, ଭୁବନେଶ୍ୱର*



**ଗପିଲେ ଭଲ ଲାଗେ:** ଆମ ଅଫିସରେ ଜଣେ ଅଛନ୍ତି ତାଙ୍କର ଓଭର ଫ୍ରେଣ୍ଡ୍ଲି ଗୁଣ ଅଛି ସତ କିନ୍ତୁ ସେ ବହୁତ ଭଲ। କେବଳ ଅଧିକ ଗପିବା ତାଙ୍କ ଅଭ୍ୟାସ କିନ୍ତୁ କାହାକୁ ଅସୁବିଧାରେ ପକାଇବା ପାଇଁ ସେ କେବେ କିଛି କରନ୍ତି ନାହିଁ। ସେଥିପାଇଁ ତାଙ୍କୁ ଭଲ ଲାଗେ। ତାଙ୍କ ସହ ଗପିଲେ ସେ ବହୁତ ମଜା କରନ୍ତି। ବୋର୍ ନ ହେବା ପାଇଁ ଏଣୁତେଣୁ ଗପି ସମସ୍ତଙ୍କ ମନ ହାଲୁକା କରିଦିଅନ୍ତି। ନିଜ ବିଷୟରେ ସେ ସବୁ କଥା ଖୋଲି କୁହନ୍ତି। ତାଙ୍କ ଆଗରେ କିଛି କଥା କହିଲେ ଅନ୍ୟ ଆଗରେ ସେକଥା କହନ୍ତି ନାହିଁ। ବରଂ କିଛି ସମସ୍ୟା ଥିଲେ ସେ ସାହାଯ୍ୟ କରିବା ପାଇଁ ଆଉ କାହା ସହ କଥା ହେବାକୁ ଆବଶ୍ୟକ ଥିଲେ ତୁରନ୍ତ ସାହାଯ୍ୟ କରନ୍ତି। ସେଥିପାଇଁ ତାଙ୍କୁ ବହୁତ ଭଲ ଲାଗେ।

*– **ସ୍ମରଣୀକା ପଟ୍ଟନାୟକ**, କର୍ମଜୀବୀ, କିଟ୍, ଭୁବନେଶ୍ୱର*



**ଭଲ ବନ୍ଧୁ:** ଜଣେ କଲିଗ୍‌ଙ୍କ ସହ ସବୁଦିନ ଚା ପିଇବାକୁ ଯାଏ। ଟିକେ ସମୟ ବାହାରକୁ ଯାଇ ବୁଲି ଆସିଲେ ଫ୍ରେଶ ଲାଗେ ସତ, ହେଲେ ସବୁଦିନ ଯିବାକୁ ସମୟ ମିଳେନି। କିନ୍ତୁ ମୁଁ ନ ଯିବା ପର୍ଯ୍ୟନ୍ତ ସେ ପାଖରେ ରହି ଏତେ ଗପିବେ ଯେ ନ ଯାଇ ରହି ହବନି। ଅବଶ୍ୟ ସେ ତାଙ୍କ କାମ ସାରିବା ପରେ ହିଁ ଯାଆନ୍ତି। ତାଙ୍କର ଅଧିକ ଗପିବା ସ୍ୱଭାବ ପାଇଁ ଅଫିସ୍‌ର ବିଭିନ୍ନ ଖବର ବିଷୟରେ ଜାଣିପାରେ। ସେ କେବେ ଅନ୍ୟମାନଙ୍କ ନାଁରେ ଗପି କାହାର କୌଣସି ପ୍ରକାରର କ୍ଷତି କରନ୍ତିନି, ବରଂ ମଜା କଥା କହି ଖୁବ୍ ହସାନ୍ତି। ଆଉ ଅନେକ ସମୟରେ ସାହାଯ୍ୟ କରିବା ପାଇଁ ବିଭିନ୍ନ କଥା କୁହନ୍ତି। ତେଣୁ ତାଙ୍କୁ ଅଫିସରେ ଜଣେ ଭଲ ବନ୍ଧୁଭାବେ ଗ୍ରହଣ କରିଛି।

*– **ସ୍ୱର୍ଣ୍ଣପ୍ରଭା ପାଢ଼ୀ**, କର୍ମଜୀବୀ, ବକ୍ସିବଜାର, କଟକ*

# ଖାଦ୍ୟାଭ୍ୟାସରୁ ବୁଝନ୍ତୁ ମାନସିକତା

ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି। ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ। ପିଲାମାନେ ଏଭଳି ବାରମ୍ବାର କହୁଥିଲେ କିପରି ବ୍ୟବହାର କରିବେ ଜାଣନ୍ତୁ...

★ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ।

★ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।

★ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ୍ୟ କରନ୍ତୁ ନାହିଁ।

★ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ।

★ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ।



★ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।

# ଜଏଣ୍ଟ ପେନ୍ ହେଉଥିଲେ...

ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବେ ଜାଣନ୍ତୁ...



➔ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।

➔ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।

➔ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।

➔ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।

➔ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।

➔ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।

➔ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।

➔ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

➔ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ ଘିଅ

❖ଘିଅରେ ଭିଟାମିନ୍ ଏ, ଡି, ଇ, କେ ଏବଂ ଓମେଗା-୯ ଫ୍ୟାଟି ଏସିଡ୍ ଅଛି। ତେଣୁ ଏହାର ବ୍ୟବହାର କରି ତ୍ୱଚାର ବିଭିନ୍ନ ସମସ୍ୟା ସହଜରେ ଦୂର କରିହେବ।

❖ଘିଅକୁ ସିଧାସଳଖ କ୍ରିମ୍ ଭଳି ବ୍ୟବହାର କରିହେବ। ରାତିରେ ମୁହଁ ସଫା କରି ଘିଅକୁ ମସାଜ୍ କରିବା ଭଳି ଲଗାନ୍ତୁ। ବଜାରରେ ମିଳୁଥିବା କେମିକାଲ୍‌ଯୁକ୍ତ ମଶ୍ଚରାଇଜର ତୁଳନାରେ ଏହା ଅଧିକ ଫାଇଦା ଦେଇପାରିବ।

❖ଶୀତଦିନେ ଘିଅରେ ପୂରା ଶରୀରର ମସାଜ୍ ମଧ୍ୟ କରିପାରିବେ। ଏଥିପାଇଁ ଘିଅକୁ ଅଳ୍ପ ଉଷୁମ କରି ମାଲିସ କରନ୍ତୁ। ପିଲାମାନଙ୍କ ପାଇଁ ଏହି ଘିଅ ମସାଜ୍ ଅଧିକ ଫଳପ୍ରଦ।

❖ଶୀତଦିନେ ପାଦ ଫାଟିବା ସମସ୍ୟା ଅନେକଙ୍କର ଥାଏ। ତେଣୁ ରାତିରେ ଶୋଇବା ସମୟରେ ପାଦକୁ ଉଷୁମ ପାଣିରେ ସଫାକରି ଘିଅ ଲଗାନ୍ତୁ। କିଛି ଦିନ ପରେ ପାଦ ଅଧିକ କୋମଳ ହୋଇଯିବ।

❖ଆୟୁର୍ବେଦ ଅନୁସାରେ ଘିଅକୁ କେଶମୂଳରେ ମଧ୍ୟ ଲଗାଇ ହେବ। ଏହା କେଶକୁ ପୋଷଣ ଦେବା ସହିତ ଅଧିକ ମୁଲାୟମ କରିଥାଏ।

❖ଘିଅକୁ କେଶ ମୂଳରେ ଭଲଭାବରେ ଲଗାଇ ମସାଜ୍ କରନ୍ତୁ। ଏହା ଖରାପ ହୋଇଥିବା କେଶକୁ ମଧ୍ୟ ପ୍ରାକୃତିକ ଉପାୟରେ ଠିକ୍ କରିଥାଏ।

❖ଘିଅ କେଶ ମୂଳରେ କେରାଟିନ୍ ମଜଭୁତ କରିଥାଏ। ଫଳରେ କେଶ ଛିଣ୍ଡିବା, ଦୋମୁହାଁହେବା ସମସ୍ୟା ମଧ୍ୟ କମିଯାଇଥାଏ। ତେଣୁ ପ୍ରାକୃତିକଭାବେ ଏକ ଚମକ ମଧ୍ୟ ଆସିଥାଏ।

❖ସପ୍ତାହକୁ ଅତିକମ୍‌ରେ ଥରେ ରାତିରେ କେଶ ମୂଳରେ ଘିଅ ଭଲଭାବେ ମସାଜ୍ କରି ସକାଳୁ ସାମ୍ପୁ କରି ଦିଅନ୍ତୁ।



ଶୀତଦିନେ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଏ। ଏସବୁର ସମାଧାନ ପାଇଁ କ୍ରିମ୍ ଓ ମଶ୍ଚରାଇଜର ଦରକାର ହୋଇଥାଏ। କିନ୍ତୁ ଘରୋଇ ଉପାୟରେ ଦେଶୀ ଘିଅ ମାଧ୍ୟମରେ ଏହି ସମସ୍ୟାର ସମାଧାନ ମିଳିପାରିବ...

## ରୋଷେଇ ଟିପ୍ସ

★ଦହିର କୌଣସି ତରକାରୀ କରୁଥିଲେ ଯଦି ତାହା ଛିଣ୍ଡିଯାଉଥାଏ ତାହେଲେ ପ୍ରଥମେ ଦହିକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରୀ ସ୍ୱାଦିଷ୍ଟ ଲାଗିବ।

★ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ନ୍ତୁ ନାହିଁ। ବରଂ ଏଥିରେ ଲୁଣ ପକାଇ ଖରାରେ ଶୁଖାଇ ଆଚାର ତିଆରି କରି ଖାଇପାରିବେ।

★ରୋଷେଇ ଘର ସ୍ଲାବ ସଫା କରିବାବେଳେ ସେଥିରେ କିଛି ଲୁଣ ପକାନ୍ତୁ। ଏହା ଦ୍ୱାରା ପୋକ ଆସିବେ ନାହିଁ ଓ ଘରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

★ଚୁଡ଼ା ଉପମା ନିମନ୍ତେ ଯଦି ଚୁଡ଼ା ଧୋଇବା ପରେ ଅଧିକ ନରମ ହୋଇ ଯାଉଥାଏ ତାହେଲେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

★ବେଳେବେଳେ ରୁଟି ସେକିବା ବେଳକୁ ତାୱାରେ ଲାଗିଯାଏ। ଏହି ସମସ୍ୟା ଦୂର କରିବା ପାଇଁ ତାୱାରେ କିଛି ଲୁଣ ପକାଇ ପୋଛି ଦିଅନ୍ତୁ।

## ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ–**
ସାଗୁ– ୧୦୦ ଗ୍ରାମ୍, ଆଳୁ– ୧ଟି, ଟମାଟୋ– ୨ଟି (ବଡ଼), ବାଦାମ– ୫୦ଗ୍ରାମ୍, ଜିରା– ୧ ଚାମଚ, କଞ୍ଚାଲଙ୍କା–୨ଟି, ଭୃସୁଙ୍ଗପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ୧ ଛୋଟ ଚାମଚ, ଲେମ୍ବୁ ରସ– ୧ ବଡ଼ ଚାମଚ, ଧନିଆପତ୍ର– ଅଳ୍ପ, ହଳଦୀ– ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ସାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ରଖନ୍ତୁ। ସାଗୁ ବଢୁରି ଯିବା ପରେ ତାହାକୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡ କରି ରଖିଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ କିମ୍ବା ଘିଅ ପକାନ୍ତୁ। ତେଲ ଗରମ ହେଲେ ସେଥିରେ ଜିରା ପକାଇ କଞ୍ଚାଲଙ୍କା ଓ ଭୃସଙ୍ଗପତ୍ର ପକାନ୍ତୁ। ଏହାପରେ ବାଦାମ ମଞ୍ଜି ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ସିଝାଆଳୁ ଓ ଟମାଟୋକୁ କାଟି ପକାନ୍ତୁ। ଯଦି ଚାହିଁବେ ଅନ୍ୟ ପରିବା ମଧ୍ୟ ପକାଇପାରିବେ। ତେବେ କିଛି ସମୟ ଗୋଳାଇବା ପରେ ସେଥିରେ ସାଗୁ ଦାନା ପକାନ୍ତୁ। ଏବେ ସୈନ୍ଧବ ଲୁଣ ଓ ଅଳ୍ପ ହଳଦୀ ପକାଇ ଗୋଳାନ୍ତୁ। କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ପରେ କଡ଼େଇ ତଳକୁ ଓହ୍ଲାଇ ଆଣି ସେଥିରେ ଲେମ୍ବୁ ରସ ଓ ଧନିଆପତ୍ର ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି।



# ବିଶ୍ୱ ପାଇଁ ଆହ୍ୱାନ ପାଲଟିଛି ପ୍ରଦୂଷଣ

## ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



**ଭୁବନେଶ୍ୱର, ୧।୧୨**

ସମଗ୍ର ବିଶ୍ୱ ପାଇଁ ପ୍ରଦୂଷଣ ଏକ ବଡ଼ ସମସ୍ୟା ପାଲଟିଛି। ଭାରତରେ ମଧ୍ୟ ଏହି ସମସ୍ୟା ଧୀରେ ଧୀରେ ଗମ୍ଭୀର ଆକାର ଧାରଣ କରୁଛି। ଦିଲ୍ଲୀ-ଏନ୍‌ସିଆର୍, ପାଟଣା, ଲକ୍ଷ୍ନୌ, ମୁମ୍ବାଇ ଭଳି ଅନେକ ବଡ଼ ବଡ଼ ସହରରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁର ଅଭାବ ଦେଖାଦେଉଛି। ବିକାଶ ନାମରେ ଗଛ କାଟିବା ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କଳକାରଖାନା ସ୍ଥାପନ, ପ୍ଲାଷ୍ଟିକ୍ ବ୍ୟବହାର ଆଦି ପ୍ରଦୂଷଣକୁ ବଢ଼ାଇବାରେ ଲାଗିଛି। ପ୍ରଦୂଷଣ କାରଣରୁ ଲୋକେ ଆଲର୍ଜି, ଆଖି ପୋଡ଼ିବା, ନିଃଶ୍ୱାସ ନେଇ ନ ପାରିବା, କାଶ, ଗଳା ପୋଡ଼ିବା ଆଦି ସହ ଫୁସ୍‌ଫୁସ୍‌ଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରଦୂଷଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨କୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ୧୯୮୪ରେ ଭୋପାଳର ଗ୍ୟାସ୍ ବିସ୍ଫୋରଣ ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳନ କରାଯାଇଆସୁଛି। ବାୟୁ, ଜଳ, ମୃତ୍ତିକା, ଧ୍ୱନି ଆଦି ପ୍ରଦୂଷଣର ଖରାପ ପରିଣାମ ସମ୍ପର୍କରେ ଲୋକଙ୍କୁ ଜଣାଇବା ସହିତ ପ୍ରଦୂଷଣରୁ ହେଉଥିବା ବିପଦ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଏହାକୁ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

# ଆଦିତ୍ୟ ପ୍ରସାଦ ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର'

## ୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

**ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)**

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଅଡିଟୋରିୟମ୍‌ରେ ଚାଲିଥିବା ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଇଏସ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ୨୦୩୦ ମସିହା ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ ଗବେଷକମାନଙ୍କୁ ସର୍ବୋତ୍ତମ ନିବନ୍ଧ ଉପସ୍ଥାପନା ପୁରସ୍କାର ପ୍ରଦାନ କରାଯାଇଥିଲଶ। ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ଉପସ୍ଥିତ ଥିବାବେଳେ ସହ ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।




**ଏକତା, କୋରାପୁଟ**

ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକଙ୍କୁ ଆନ୍ତରିକ ଶୁଭକାମନା

ବର୍ତ୍ତମାନର ଆଧୁନିକ ଯୁଗରେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ସେମାନଙ୍କର ପୂର୍ବଦିନର କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇ ଆଧୁନିକ ଯୁଗର ପରମ୍ପରା ସବୁ ଆପଣେଇ ଆଦିବାସୀ କଳା ଓ ସଂସ୍କୃତିକୁ ଅନ୍ଧକାର ଆଡକୁ ମୁହାଁଉଛି । ଫଳରେ ସେମାନେ ସେମାନଙ୍କର ପାରମ୍ପରିକ ଚାଷ, ପାରମ୍ପରିକ ଖାଦ୍ୟ ଅଭ୍ୟାସ, ପାରମ୍ପରିକ ନାଚଗୀତ, ପାରମ୍ପରିକ ପର୍ବପର୍ବାଣି ଓ ସେମାନଙ୍କର ସ୍ଥାନୀୟ ଶାସନ ବ୍ୟବସ୍ଥା ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା, କୋରାପୁଟ ଦଶମନ୍ତପୁର ବ୍ଲକର ୫୦ଟି ଗ୍ରାମରେ ମୁକ୍ତ ଆକାଶ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଆଦିବାସୀ ଗୋଷ୍ଠୀର ତିନିସ୍ତର ପିଢ଼ିଙ୍କୁ ନେଇ ଯଥା- ବୃଦ୍ଧ ବୃଦ୍ଧା, ଯୁବକ ଯୁବତୀ ଓ ଶିଶୁମାନଙ୍କୁ ଏକତ୍ରିତ କରି ଗ୍ରାମର ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନୂତନ ପିଢ଼ିଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କର କଳା ଓ ସଂସ୍କୃତି ଅଭ୍ୟାସ କରିବାରେ ପ୍ରୟାସ କରୁଛି ଯଥା ଦେଶୀ ବିହନ ସଂଗ୍ରହ ଓ ବ୍ୟବହାର, ଜୈବିକ ଖତ ପ୍ରସ୍ତୁତି ଓ ବ୍ୟବହାର, ଗୀତ ରଚନା ଓ ଗାଇବା ଅଭ୍ୟାସ, ହଳ ଲଙ୍ଗଳ ପ୍ରସ୍ତୁତି ଓ ମରାମତି, ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବହାର, ଚେରମୂଳି ଔଷଧ ଚିହ୍ନଟ ଓ ବ୍ୟବହାର, ପୂଜାପାଠର ଅଭ୍ୟାସ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସ ଇତ୍ୟାଦି । ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏକତାର ଏକ ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ।









































# ୪୫ ମିନିଟ୍‌ରେ ସରିଗଲା ଟିକେଟ

**କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

## ଭାରତ-ଦକ୍ଷିଣ ଆଫ୍ରିକା ଟି୨୦

ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍‌ର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭର ମାତ୍ର ୪୫ ମିନିଟ୍‌ରେ ଟିକେଟ ବୁକିଂ ହୋଇଯାଇଛି। ଅନ୍‌ଲାଇନରେ ମାତ୍ର ୨ ହଜାର ଟିକେଟ ଉପଲବ୍ଧ ରହିଥିଲା। ସୋମବାର ଅପରାହ୍ନ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନରେ ଏହି ଟିକେଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରି ଟିକେଟଗୁଡ଼ିକ ବୁକିଂ ଶେଷ ହୋଇଯାଇଥିଲା। ପରେ ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକେଟଗୁଡ଼ିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନ୍‌ଲାଇନରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେଶନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ ହଜାର ଟିକେଟ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକେ ଟିକେଟ ପାଇବା ଆଶା ଛାଡ଼ି ଦେଇଥିଲେ । ତେବେ ଅନ୍‌ଲାଇନ ଟିକେଟ ବୁକ୍ କରିଥିବା କ୍ରିକେଟପ୍ରେମୀମାନେ ଡିସେମ୍ବର ୮ ଓ ୯ରେ କେମ୍ବ୍ରିଜ ସ୍କୁଲର ସ୍ୱତନ୍ତ୍ର କାଉଣ୍ଟରରୁ ହାର୍ଡକପି ପାଇବେ।

ସୂଚନାନୁଯାୟୀ, ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ଗତ ୨୦ ଦିନ ହେବ ପିଚ୍ ଏବଂ ଆଉଟ ଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ ହୋଇଥିଲା। ପରେ ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି। ଅବଶିଷ୍ଟ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ। ଅଫଲାଇନ୍ ଟିକେଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆରମ୍ଭ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବ୍ୟାଡ୍‌ମିଣ୍ଟନ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ''୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ଖେଳାଳି ଟୁର୍ନାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର ସମସ୍ତ ବ୍ୟାଡ୍‌ମିଣ୍ଟନ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରେରିତ କରିବ'' ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ଗାଙ୍ଗୁଲି ପ୍ରସାଦ, ଚୟନ କମିଟି ସଦସ୍ୟ ସଂଜୀବ ସଚଦେବା, ଇଣ୍ଡିଆନ ପାରା ବ୍ୟାଡ୍‌ମିଣ୍ଟନ କୋଚ ଭି. ମୁରଲୀ କ୍ରିଷ୍ଣା, ଇଣ୍ଡିଆନ ବ୍ୟାଡ୍‌ମିଣ୍ଟନ କୋଚ୍ ଗୋବର୍ଦ୍ଧନ ରେଡ୍ଡୀ, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସଚିବ କେ.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ପଦକ ସହ ପ୍ରତ୍ୟାଶାଙ୍କ ପ୍ରତ୍ୟାବର୍ତ୍ତନ

**ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)**



ମା' ଚାରୁଶ୍ରୀ ଓ ବାପା ରଜତ ରାୟଙ୍କ ସହ ପ୍ରତ୍ୟାଶା ରାୟ। (ଫଟୋ: ବିକାଶ ନାୟକ)

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୫ ପଦକ ଜିତି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତ୍ୟାଶା ସନ୍ତରଣ ଇଭେଣ୍ଟରେ ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ୨୩ ବର୍ଷୀୟ ପ୍ରତ୍ୟାଶା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିଜର ପଦକ ସଂଖ୍ୟାକୁ ୧୮ରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକର ମଧ୍ୟ ଅଧିକାରିଣୀ ହୋଇ ସାରିଛନ୍ତି ଏହି ତାରକା ସୁଇମର। ଗତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏହାପରେ ସେ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯଦିଓ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ି ନ ଥିଲା ତେବେ ସେ ୨ ମାସ ରିହାବରେ ରହିଥିଲେ। ଏହାଫଳରେ ସେ ତାଙ୍କ ପ୍ରିୟ ଇଭେଣ୍ଟ ବ୍ୟାକ୍‌ଷ୍ଟ୍ରୋକ୍‌ରୁ ଦୂରେଇ ରହିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ସାହସି ପ୍ରତ୍ୟାଶା ରେସିଂ ପ୍ରକ୍ରିୟା ଜାରି ରଖି ଫ୍ରିଷ୍ଟାଇଲ ସନ୍ତରଣ କରିଥିଲେ। ୨୦୦ ଓ ୪୦୦ ମିଟର ଇଭେଣ୍ଟରେ ମଧ୍ୟ ସେ ପ୍ରତିଦ୍ୱନ୍ଦ୍ୱିତା କରିବା ଆରମ୍ଭ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତୀୟ ସିନିୟର ସୁଇମିଂ ପ୍ରତିଯୋଗିତା ବେଳକୁ ସେ ସୁସ୍ଥ ହୋଇ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଜାପାନରେ ହେବାକୁଥିବା ୨୦୨୬ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହା ପୂର୍ବରୁ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେଇ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟାଶାଙ୍କ କ୍ୟାରିୟର ଆରମ୍ଭ କୌଣସି ଚଳଚ୍ଚିତ୍ର କାହାଣୀଠାରୁ କମ୍ ନୁହେଁ। ତାଙ୍କ ପିଲାଦିନର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ମା ଚାରୁଶ୍ରୀ ଏବଂ ବାପା ରଜତ ରାୟ ଅନେକ ଡାକ୍ତରଖାନାର ଦ୍ୱାରସ୍ଥ ହୋଇଥିଲେ। ୱାଟର ଥେରାପି ତାଙ୍କ କ୍ଷେତ୍ରରେ କାମ କରିପାରେ ବୋଲି ଚାରୁଶ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା। ସେହି ଥେରାପିରୁ ଆଜିର ପ୍ରତ୍ୟାଶା କେବଳ ଓଡ଼ିଶା ନୁହେଁ ଜାତୀୟ ସ୍ତରରେ ସନ୍ତରଣ ରାଣୀ ପାଲଟିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ବାପା ରଜତ ରାୟ ଏବେ ଓଡ଼ିଶା ପୋଲିସରେ ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ।

# ଇଣ୍ଡିଆନ ପିକଲ ବଲ୍ ଲିଗ୍ ଆରମ୍ଭ

**ନୂଆଦିଲ୍ଲୀ, ୧।୧୨ (ପି.ଟି.):** ଇଣ୍ଡିଆନ ପିକଲ ବଲ୍ ଲିଗ୍ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍ ଭାଗ ନେବେ। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ରହିଥିବା କେଡି ଯାଦବ ଇନ୍‌ଡୋର ହଲ୍‌ରେ ଟୁର୍ନାମେଣ୍ଟର ଆକର୍ଷଣୀୟ ଟ୍ରଫି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଇଭେଣ୍ଟ ଡିସେମ୍ବର ୭ରେ ଶେଷ ହେବ।

# ମହିଳା ହକି ମୁଖ୍ୟ କୋଚ୍ ହରେନ୍ଦ୍ରଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧।୧୨(ପି.ଟି.)**



ହରେନ୍ଦ୍ର ସିଂ

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ମିଳିଥିବା ସୂଚନା ମୁତାବକ, ହରେନ୍ଦ୍ର ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ (ଏଚ୍‌ଆଇ)କୁ ମେଲ କରିଛନ୍ତି। ତାଙ୍କ ପୂର୍ବରୁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନେଦରଲାଣ୍ଡ୍‌ସର ଜୋଏର୍ଡ ମାରିଜନେଙ୍କୁ ପୁନଃ ନିଯୁକ୍ତ କରାଯାଇପାରେ। ମାରିଜନେଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା। ସେ ୨୦୨୧ ଅଗଷ୍ଟରେ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଆମେରିକା ପୁରୁଷ ହକି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିବା ହରେନ୍ଦ୍ର ୨୦୨୪ ଏପ୍ରିଲରେ ଭାରତୀୟ ଦଳର ମୁଖ୍ୟ କୋଚ୍ କାର୍ଯ୍ୟଭାର ସମ୍ଭାଳିଥିଲେ। ଏଥିପୂର୍ବରୁ ସେ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ୨୦୧୬ରେ ଜୁନିୟର ହକି ବିଶ୍ୱକପ୍ ଜିତିଥିଲା। ଗତ ଏକବର୍ଷ ହେଲା ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ରେ ଭାରତ ୧୬ ମ୍ୟାଚ୍ ଖେଳି ମାତ୍ର ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ପରବର୍ତ୍ତୀ ସିଜନ ଲାଗି ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି।

# ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ପଦକ ବିଜୟୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)**

## ଲିସ୍‌ବନ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍

ପର୍ତ୍ତୁଗାଲର ଲିସବନରେ ନଭେମ୍ବର ୨୧ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି) ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରି ୨୦ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ଏହି ସଫଳତା ବିଶ୍ୱସ୍ତରୀୟ ତାଲିମ ବ୍ୟବସ୍ଥା, ଭିତ୍ତିଭୂମି ଏବଂ କ୍ରୀଡ଼ାବିତ ବିକାଶ ମଡେଲରେ ରାଜ୍ୟର ନିରନ୍ତର ନିବେଶ ଦ୍ୱାରା ପରିଚାଳିତ ଉଚ୍ଚ-ପ୍ରଦର୍ଶିତ କ୍ରୀଡ଼ା ବିକାଶରେ ଓଡ଼ିଶାର ଅଗ୍ରଣୀ ଭୂମିକାର ଜ୍ୱଳନ୍ତ ପ୍ରମାଣ। ଏହା ଓଡ଼ିଶା-ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସହଭାଗିତାର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି।

ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ସିନିୟର) ବର୍ଗରେ, ଜଗଦୀଶ ବାରିକ ଅଲ୍-ଆରାଉଣ୍ଡ, ରିଙ୍ଗସ୍ ଏବଂ ଭଲ୍ଟରେ ଚମତ୍କାର ପ୍ରଦର୍ଶନ କରି ୩ଟି ବ୍ରୋଞ୍ଜ ହାସଲ କରିଥିବାବେଳେ ମୃତ୍ୟୁଞ୍ଜୟ ପଟ୍ଟନାୟକ ପାରାଲାଲ୍ ବାର୍‌ସରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁମିତ ଧଳଙ୍କ ସମେତ ଏହି ତିନି ଜଣ ମିଶି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ସିନିୟର) ବର୍ଗରେ, ତନୁ ଅନଇଭେନ ବାର୍‌ସରେ ବ୍ରୋଞ୍ଜ ଏବଂ ପ୍ରିୟାଂଶୀ ବଂଶଲ ଭଲ୍ଟରେ ବ୍ରୋଞ୍ଜ ପାଇଛନ୍ତି। ତନୁ, ପ୍ରିୟାଂଶୀ, ଅଦିତି ଟୋଡି, ଅଦିତା ମଣ୍ଡଳ ଏବଂ ରଶ୍ମିତା ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।

ସେହିପରି ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ଜୁନିଅର) ବର୍ଗରେ, ଅଂଶୁମାନ ସୁନ୍ଦରା ହାଇ ବାରରେ ସ୍ୱର୍ଣ୍ଣ, ବିରୁ ଚନ୍ଦ୍ର ରାଓ ଭଲ୍ଟସ ଏବଂ ଅଲ୍-ଆରାଉଣ୍ଡ ଜିମ୍ନାଷ୍ଟିକ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହିତ ଫ୍ଲୋର, ପୋମେଲ ହର୍ସ ଏବଂ ରିଙ୍ଗ୍ସରେ ୩ଟି କାଂସ୍ୟ ପଦକ ପାଇଛନ୍ତି। ଦେବାଶିଷ ରେଡ୍ଡୀ ପୋମେଲ୍ ହର୍ଷ ଏବଂ ହାଇବାର୍ସରେ ୨ ରୌପ୍ୟ ପଦକ ସହିତ ଭଲ୍ଟ ଏବଂ ଅଲ୍- ଆରାଉଣ୍ଡ ବର୍ଗରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ଏବଂ ବିରୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ଜୁନିଅର) ବର୍ଗରେ ପ୍ରୀତି ଝାଙ୍କର ଭଲ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।



କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳର ୪ ଓଡ଼ିଶା ଖେଳାଳି ସୋମବାର ପ୍ରତ୍ୟାବର୍ତ୍ତନ କରିବାପରେ ଭୁବନେଶ୍ୱରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ବିକାଶ ନାୟକ)

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ